# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 09 ଭାଗ ୩୪ | ସଂଖ୍ୟା ୦୯ | Tuesday 31 March 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୩୧ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ବିଜେପି ଆସିଲେ ଟଙ୍କା ଓ ଗ୍ୟାସ ବନ୍ଦ ହେବ ପୃଷ୍ଠା ୫

## ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍

# ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ୨୪ଘଣ୍ଟିଆ ଆଲର୍ଟ




- ମାର୍କେଟ ସ୍ଥିତି ଅନୁଧ୍ୟାନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ
- ଅସାଧୁ ବେପାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ
- ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତାର ମନିଟରିଂ ହେବ
- ଗୁଜବ ସୃଷ୍ଟିକାରୀଙ୍କୁ ସାବାଡ଼୍ କରିବାକୁ ନିର୍ଦ୍ଦେଶ
- ସମନ୍ୱୟ ସହ ଟିମ ମନୋଭାବ ନେଇ କାମ କରିବାକୁ ପରାମର୍ଶ



ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ପଶ୍ଚିମ ଏସିଆ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହ ଆଭାସୀରେ ଆଲୋଚନା କରି ଜିଲ୍ଲାସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ୨୪ଘଣ୍ଟିଆ ଆକ୍ସନ୍ ମୋଡ୍‌ରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ଜିଲ୍ଲା ସ୍ତରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିବା ସହ କଳାବଜାରୀ, ବେଆଇନ ମହଜୁଦକାରୀ, ଦରଦାମ୍ ବୃଦ୍ଧି ପ୍ରତି ଜିଲ୍ଲାପାଳମାନେ ନିୟମିତ ଭାବେ ନଜର ରଖିବା ସହ ବିଭିନ୍ନ ମାର୍କେଟର ସ୍ଥିତି ଅନୁଧ୍ୟାନ କରି ଅସାଧୁ ବେପାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୭ ତାରିଖ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ଟିମ୍ ଇଣ୍ଡିଆ ସ୍ପିରିଟ୍‌ରେ କାମ କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପୃଷ୍ଠା-୬

## ଆଜି ପୂରୁଛି କଣ୍ଟ

# ଟପ୍ ମାଓନେତାଙ୍କ ସମେତ ୧୦ ଜଣଙ୍କ ଆତ୍ମସମର୍ପଣ

- ୩୬ ବର୍ଷ ଧରି ସଂଗଠନ ସହ ଥିଲେ ସୁରେଶ
- ଫେରିଲେ ଅନ୍ୟ ୯ କ୍ୟାଡର୍





ରାଉରକେଲା,୩୦।୩(ସଂଚାର ବ୍ୟୁରୋ): ଆସନ୍ତାକାଲି ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ସକାଶେ କେନ୍ଦ୍ର ସରକାର ପଣ କରିଥିବା ବେଳେ ଏହି ଲକ୍ଷ୍ୟ ବେଶ୍ ନିକଟତର ହୋଇଛି। ପୁଲିସ୍ ଜିଡି ନିୟମିତ ଭାବେ ମାଓବାଦୀମାନଙ୍କୁ ଆତ୍ମସମର୍ପଣ ପୂର୍ବକ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ସକାଶେ ଆହ୍ୱାନ ଦେଉଛନ୍ତି। ଏହି କ୍ରମରେ ଆଜି ଆନ୍ଧ୍ର ପ୍ରଦେଶରେ ଏକ ଜଣେ ଟପ୍ ମାଓନେତାଙ୍କ ସମେତ ମୋଟ ୧୦ ଜଣ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ବି ଅଛନ୍ତି। ତା'ଛଡ଼ା ଅନ୍ୟ ୮ ଜଣ କ୍ୟାଡର୍ ମଧ୍ୟ ସମାଜର ମୁଖ୍ୟ ସ୍ରୋତକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ପ୍ଲାଟୁନ୍ କମାଣ୍ଡର୍, ଏରିଆ କମିଟି ସଦସ୍ୟ ପୃଷ୍ଠା-୬

## ଅନ୍ତ୍ୟୋଦୟ ଗୃହ ଯୋଜନାକୁ ବର୍ଷେ

# ସାକାର ହୋଇଛି ଲୋକଙ୍କ ଘର ସ୍ୱପ୍ନ




- ଆଶ୍ରୟ ସୁରକ୍ଷା ସରକାରଙ୍କ ପ୍ରାଥମିକତା
- ଉପକୃତ ହୋଇଛନ୍ତି ୧.୫୭ ଲକ୍ଷ ପରିବାର

ଭୁବନେଶ୍ୱର,୩୦।୩ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା 'ଅନ୍ତ୍ୟୋଦୟ ଗୃହ ଯୋଜନା' ସଫଳତାର ସହ ଏକ ବର୍ଷ ପୂରଣ କରିଛି। ଠିକ୍ ବର୍ଷକ ତଳେ କଳାହାଣ୍ଡି ମାଟିରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ଓଡ଼ିଶାର କୋଣ ଅନୁକୋଣରେ ଆର୍ଥିକ ଅନଗ୍ରସର ଓ ଅସହାୟ ପରିବାରଙ୍କ ପାଇଁ ନୂତନ ଆଶାର ଆଲୋକ ସାଜିଛି। 'ଅନ୍ତ୍ୟୋଦୟ'ର ପ୍ରକୃତ ଅର୍ଥ ହେଉଛି ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ଉତ୍‌ଥାନ ଓ ସରକାର ଏହି ମୂଳମନ୍ତ୍ରକୁ ପାଥେୟ କରି ଆଶ୍ରୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଜନାର ବର୍ଷପୂର୍ତ୍ତି ଅବସରରେ ସୋସିଆଲ୍ ମିଡିଆ 'ଏକ୍ସ'ରେ କହିଛନ୍ତି।

ସେ କହିଛନ୍ତି ଯେ ପୂର୍ବରୁ ଯେଉଁ ପରିବାରମାନେ ବର୍ଷ ବର୍ଷ ଧରି ପକ୍କାଘରଟିଏ ପାଇବାରୁ ବଞ୍ଚିତ ଥିଲେ, ଏବେ ସେମାନଙ୍କ ମୁଣ୍ଡ ପୃଷ୍ଠା-୬

## ମମତାଙ୍କ ବିରୋଧରେ ଧର୍ମେନ୍ଦ୍ରଙ୍କ ରଣହୁଙ୍କାର

# ଟିଏମ୍‌ସିର ପ୍ରସଙ୍ଗବିହୀନ ଲଢ଼େଇ; ବିଜେପି ବିଜୟ ସୁନିଶ୍ଚିତ



- ଶୁଭେନ୍ଦୁ ଅଧିକାରୀଙ୍କ ନାମାଙ୍କନ ପୂର୍ବରୁ ଜନସଭାକୁ ସମ୍ବୋଧିତ କଲେ
- ମମତା ସରକାରରେ ହକ୍ ପାଇଁ ସଂଘର୍ଷ କରୁଛି ଚାଷୀ
- ଡବଲ୍ ଇଞ୍ଜିନ୍‌ରେ ଦୁର୍ନୀତିମୁକ୍ତ ହେବ ବଙ୍ଗ

କୋଲକାତା,୩୦।୩(ସଂଚାର ବ୍ୟୁରୋ): ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ବିଜେପିର ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କାନ୍ଥି ଓ ହଳଦିଆ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ହଳଦିଆଠାରେ ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନାମାଙ୍କନ ପୂର୍ବରୁ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ ଶ୍ରୀ ପ୍ରଧାନ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ସରକାରକୁ କଡ଼ା ସମାଲୋଚନା କରି ସେ କହିଛନ୍ତି, ରାଜ୍ୟରେ ଯୁବକମାନେ ବେରୋଜଗାର, ମହିଳାଙ୍କ ସୁରକ୍ଷା ବିପନ୍ନ ଏବଂ କୃଷକମାନେ ସେମାନଙ୍କ ହକ୍ ପାଇଁ ସଂଘର୍ଷ କରୁଛନ୍ତି। ଟିଏମସି ପାଖରେ ଜନତାଙ୍କୁ କହିବା ପୃଷ୍ଠା-୬

# ପର ଗାଡ଼ିରେ ଗୁଣ୍ଡା ସାଜିଥିଲା ରଶ୍ମି!



୨୯ ମାର୍ଚ୍ଚ ରବିବାର ରାତି ପ୍ରାୟ ୯ ଟା ୩୦। ସ୍ଥାନ କଂଗ୍ରେସ ଭବନରୁ ମାର୍କେଟ ଆଡକୁ ଯିବା ରାସ୍ତା। ୟୁନିଟ ୨ ଅଞ୍ଚଳର ସୁଧାଂଶୁ ଭୂଷଣ କର ନାମକ ଜଣେ ବ୍ୟାଙ୍କ କର୍ମଚାରୀ ନିଜ ପତ୍ନୀ ଓ ପିଲାଙ୍କ ସହ ନିଜ ବାସଭବନକୁ ଯାଉଥିବା ବେଳେ ହଠାତ କଡ଼ରେ ଲାଗିଲା ଏକ ସ୍କର୍ପିଓ। କଳା ଗାଡ଼ି ସାଙ୍ଗକୁ କଳା କାଚ। ରେଜିଷ୍ଟ୍ରେସନ ନମ୍ବର ଓଡି୩୩ ଏକ୍ୟୁ୯୮୯୮। କାଚ ଖୋଲିବା ମାତ୍ରେ ଗାଡ଼ିରେ ଥିବା ଯୁବକ ଆରମ୍ଭ କରିଥିଲେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ। ପ୍ରତିବାଦ କରିବାରୁ ମୁଣ୍ଡରେ ଲଗାଇଥିଲେ ବନ୍ଧୁକ। ପ୍ରାୟ ୫ରୁ ୭ ମିନିଟ ଧରି ଏଭଳି ହାଇଡ୍ରାମା ପରେ ସେଠାରୁ ସ୍କର୍ପିଓ ନେଇ ଚାଲିଯାଇଥିଲେ ଦୁର୍ବୃତ୍ତ। ଏ ନେଇ ସୁଧାଂଶୁ କ୍ୟାପିଟାଲ ଥାନାରେ ଏତଲା ଦେବା ପରେ ଗାଡ଼ିଟି ସୁନ୍ଦରପଦା ତଳସାହିର ଚନ୍ଦନ ଜେନାଙ୍କ ନାଁରେ ଥିବା କଥା ଜଣାପଡ଼ିଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚନ୍ଦନଙ୍କ ନାଁରେ ଗାଡ଼ି ଥିବା ବେଳେ ରଶ୍ମି ନାମକ ଜଣେ ଅପରାଧୀ ସେ ଗାଡ଼ିଟିକୁ ବ୍ୟବହାର କରୁଛନ୍ତି। ଏକାଧିକ ମାମଲାରେ ସମ୍ପୃକ୍ତ ରଶ୍ମି ଲିଙ୍ଗରାଜ ଷ୍ଟେସନ ରୋଡ୍ ନିକଟରେ ଥିବା ଏକ ଝୁମ୍ପୁଡି ଘରେ ରହିବା ସହ କେବିଏନ ଗ୍ୟାଙ୍ଗ ନାଁରେ ବଟି ଆଦାୟ, ନିଶା ବେପାରକୁ ପ୍ରୋତ୍ସାହନ ଆଦି ଦେଉଥିବା ଜାଣିବାକୁ ମିଳିଛି। କିଛିଦିନ ତଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ବାର୍‌ର ବାଉନ୍ସରଙ୍କ ଉପରକୁ ଗୁଳିମାଡ଼ ଘଟଣାରେ ଅଭିଯୁକ୍ତ ଥିଲା ରଶ୍ମି। କେସ ପରେ ଫେରାର ହୋଇଯିବାରୁ ପୁଲିସ ଏହି କଳା ସ୍କର୍ପିଓକୁ ସିଜ୍ କରି ଦୀର୍ଘ ଦିନ ଥାନାରେ ରଖିଥିଲା। ଦୀର୍ଘ ଦିନ ଧରି ଫେରାର ହୋଇ ଲୁଚିବାରୁ ରଶ୍ମି ଘରେ ଲଟକା ଲଗାଇଥିଲା ଏୟାରଫିଲ୍ଡ ଥାନା ପୁଲିସ। ରଶ୍ମିର ଭାଇ ରଘୁଆ ମଧ୍ୟ ହତ୍ୟା ଅଭିଯୁକ୍ତ ହୋଇଥିବା ବେଳେ ସ୍ଥାନୀୟ

- କଳା ସ୍କର୍ପିଓରେ ବୁଲୁଛନ୍ତି ବନ୍ଧୁକଧାରୀ
- ବିଧାନସଭା ସମ୍ମୁଖରେ ଭାଇଗିରି
- ମୁଣ୍ଡରେ ବନ୍ଧୁକ ଲଗାଇ ମାରିଦେବାକୁ ଧମକ
- ହାଇ ସିକ୍ୟୁରିଟି ଜୋନରେ କେବିଏନ ଗ୍ୟାଙ୍ଗର ଉତ୍ପାତ

ଅଞ୍ଚଳରେ ସେମାନେ ବାରମ୍ବାର ଏଭଳି ଘଟଣା ଭିଆଉଥିବା ଜାଣିବାକୁ ପାଇଛି ପୁଲିସ। ତେବେ ବଡ଼ କଥା ହେଉଛି ସୁନ୍ଦରପଦାରେ ଆସି ବନ୍ଧୁକ ଧରି ଏ ଦୁର୍ବୃତ୍ତ ଏବେ ବିଧାନସଭା ସମ୍ମୁଖରେ ବୁଲିବା ଆରମ୍ଭ କଲେଣି। କଡ଼ା ସୁରକ୍ଷା ବଳୟ ଭିତରେ ବିଧାନସଭା ଆଖପାଖ ଅଞ୍ଚଳ ଥିବା ବେଳେ ଅପରାଧୀ କିଭଳି ବନ୍ଧୁକ ଧରି ବୁଲୁଛନ୍ତି ତାହା ଏବେ ସୃଷ୍ଟି କରିଛି ବଡ଼ ପ୍ରଶ୍ନ। ସେପଟେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଧରିବାକୁ ପୁଲିସ ନିକଟରେ ଦାବି କରିଛନ୍ତି ସୁଧାଂଶୁ ଓ ତାଙ୍କ ପରିବାର ଲୋକେ।

## ଅନ୍ତର୍ଜାତୀୟ ଉଡ଼ାଣକୁ ପୁଣି ଝଟ୍‌କା

# ସିଙ୍ଗାପୁର ସମେତ ୩ ସହରକୁ ଉଡ଼ାଣ ବନ୍ଦ




ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଓଡ଼ିଶାରୁ ଅନ୍ତର୍ଜାତୀୟ ଉଡ଼ାଣକୁ ପୁଣି ଝଟକା। ଭୁବନେଶ୍ୱରରୁ ସିଙ୍ଗାପୁରକୁ ବନ୍ଦ ହେଲା ଉଡ଼ାଣ। ଅଫ୍‌ସିଜନ ପାଇଁ ବନ୍ଦ କରାଯାଇଥିବା ସୂଚନା ମିଳିଛି। ଏଥିସହ ଭୁବନେଶ୍ୱରରୁ ଦେଶର ତିନି ସହରକୁ ବିମାନ ସେବା ବନ୍ଦ କରାଯାଇଛି। ଅଫସିଜନ୍ ନାଁରେ ଉଡ଼ାଣ ବନ୍ଦ କରାଯାଉଥିବା ସରକାରୀ ଭାବେ କୁହାଯାଉଥିଲେ ମଧ୍ୟ ବାସ୍ତବତା ଭିନ୍ନ ବୋଲି ବିଶେଷଜ୍ଞ ଆକଳନ କରୁଛନ୍ତି।

ବିମାନ ବନ୍ଦର କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି ଯେ ବର୍ତ୍ତମାନ ଅଫସିଜିନ କାରଣରୁ ଆବଶ୍ୟକ ସଂଖ୍ୟକ ଯାତ୍ରୀ ସିଙ୍ଗାପୁର ଯାଉନାହାନ୍ତି। ତେଣୁ ସିଙ୍ଗାପୁରକୁ ବିମାନ ସେବାକୁ ବନ୍ଦ କରାଯାଇଛି। ଏହା ପୂର୍ବରୁ ଭୁବନେଶ୍ୱରରୁ ଆବୁ ଧାବୀକୁ ଉଡ଼ାଣ ବନ୍ଦ ହୋଇଥିଲା। ଏବେ ଯୁଦ୍ଧ ପାଇଁ ଦୁବାଇକୁ ଉଡ଼ାଣ ବନ୍ଦ ରହିଛି। ଓଡ଼ିଶାରୁ କେବଳ ବ୍ୟାଙ୍କକ୍‌କୁ ବିମାନ ସେବା ଜାରି ରହିଛି। ଭୁବନେଶ୍ୱରରୁ ସିଧାସଳଖ କେବଳ ଗୋଟିଏ ଅନ୍ତର୍ଜାତୀୟ ବିମାନ ସେବା ଚାଲିଛି। ପୃଷ୍ଠା-୬

# ବନ୍ଧୁକଧାରୀଙ୍କ ନରସଂହାର, ୭୦ରୁ ଊର୍ଦ୍ଧ୍ୱଙ୍କୁ ହତ୍ୟା



ନୂଆଦିଲ୍ଲୀ,୩୦।୩: ସୁଦାନରେ କେତେକ ଅଜ୍ଞାତ ବନ୍ଧୁକଧାରୀଙ୍କ ଆତଙ୍କ ଦେଖିବାକୁ ମିଳିଛି। ଆଜି ଜଣେ ପୁଲିସ ମୁଖପାତ୍ର ସୂଚନା ଦେଇଛନ୍ତି ଯେ ରାଜଧାନୀର ଉପକଣ୍ଠସ୍ଥିତ ଏକ ସୁନା ଖଣିକୁ ନେଇ ବିବାଦ ଉପୁଜିଥିବା ବେଳେ ଏହି ଘଟଣାକୁ ନେଇ ଦକ୍ଷିଣ ସୁଦାନରେ ବନ୍ଧୁକଧାରୀମାନେ ନରସଂହାର ରଚିଛନ୍ତି, ଯେଉଁଥିରେ ସେମାନେ ୭୦ରୁ ଅଧିକ ଲୋକଙ୍କୁ ହତ୍ୟା କରିଛନ୍ତି। ନରସଂହାର ପରେ ଏକ ଖୋଲା ପଡ଼ିଆରେ କୁଢ଼ କୁଢ଼ ମୃତଦେହ ପଡ଼ିଥିବା ସମୟର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ସେହିପରି କେତେକ ପୀଡ଼ିତ ବୁଦା ଭିତରକୁ ପଳାଇ ଯାଇ ଜୀବନ ବଞ୍ଚାଇବା ସକାଶେ ଉଦ୍ୟମ କରିଥିବା ପୃଷ୍ଠା-୬

# ବିଜୁଙ୍କୁ ନେଇ ରାଜଧାନୀରୁ ରାଜ୍ୟସଭା ହୁଲ୍ହୁଲ

- ମାନସିକ ରୋଗ ଡାକ୍ତରଙ୍କୁ ଦେଖାନ୍ତୁ ଦୁବେ:ନବୀନ
- ପ୍ରବାଦପୁରୁଷଙ୍କୁ ଅପମାନ ଅର୍ଥ ଓଡ଼ିଶାକୁ ଅପମାନ:ଅଶୋକ
- ରାଜନୈତିକ ଚାଞ୍ଚଲ୍ୟକର ମନ୍ତବ୍ୟ ଅନ୍ୟାୟ:ଦିଲ୍ଲୀପ
- ସ୍ପଷ୍ଟୀକରଣ ନାଁରେ ମତ ବଦଳାଇଲେ ନିଶିକାନ୍ତ ଦୁବେ



ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ଭୁବନେଶ୍ୱରରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ପ୍ରତିବାଦ ସ୍ୱର ଜୋର୍ ଧରିଛି। ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନକୁ ଓହ୍ଲାଇଥିଲେ ବିଜୁ ଯୁବ-ଛାତ୍ର କର୍ମକର୍ତ୍ତା। ବିଧାନସଭା ପରିସରରେ ଖୋଦ୍ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଝାଡ଼ଖଣ୍ଡର ଏହି ବିଜେପି ସାଂସଦଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ନିଶିକାନ୍ତ ଜଣେ ମାନସିକ ରୋଗ ଡାକ୍ତରଙ୍କୁ ଦେଖାଇବା ଦରକାର ବୋଲି କହି କଟାକ୍ଷ କରିଥିଲେ ନବୀନ। ସେପଟେ ରାଜ୍ୟସଭାରେ ବି ବିଜେଡି ସାଂସଦମାନେ ଦୁବେଙ୍କ ମନ୍ତବ୍ୟ ବିରୋଧରେ ପ୍ରତିବାଦ କରି କକ୍ଷତ୍ୟାଗ କରିଛନ୍ତି।

ସେପଟେ ଚାରିଆଡ଼େ କଡ଼ା ପ୍ରତିବାଦ ଭିତରେ ନିଜର ବୟାନକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି ସାଂସଦ ଶ୍ରୀ ଦୁବେ। କଥା ବଦଳାଇ କହିଛନ୍ତି, 'ମୁଁ ବିଜୁ ବାବୁଙ୍କ ପ୍ରତି କୌଣସି ଖରାପ ମନ୍ତବ୍ୟ ଦେଇନି କି ଟାର୍ଗେଟ କରିନି। ବିଜୁବାବୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ। ମୋ ପୃଷ୍ଠା-୬

# ଏସସିବି ପ୍ରସଙ୍ଗକୁ ଜାବୁଡ଼ି ଧରି ଘାଟାରେ ବିଜେଡି

- ରାଜଭବନରେ ସରିଗଲା ଇସ୍ତଫା ଆନ୍ଦୋଳନ
- ଲମ୍ବା ଅଧିବେଶନର ସୁଯୋଗ ହରାଇଲେ ବିରୋଧୀ
- ଆନ୍ଦୋଳନରେ ବି ଏକାଠି ହୋଇପାରିଲେନି ବିଧାୟକ



ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଏସସିବି ଅଗ୍ନିକାଣ୍ଡ ପ୍ରସଙ୍ଗରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ନେଇ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଆଜି ରାଜଭବନରେ ପହଞ୍ଚି ଫେରାଦ ହେବା ପରେ ବିଜେଡିରେ ଏବେ ଗୋଟିଏ ଆଲୋଚନା, ଏହି ପ୍ରସଙ୍ଗକୁ ଜାବୁଡ଼ି ଧରି ବିଜେଡି ପାଇଲା କ'ଣ? କାରଣ ରାଜଭବନରେ ଫେରାଦ ହେବା ପରେ ଏହି ପ୍ରସଙ୍ଗର ଏକ ପ୍ରକାର ଅପମୃତ୍ୟୁ ଘଟିଛି। ତେଣୁ ଏହି ପ୍ରସଙ୍ଗରେ ବଜେଟ ଅଧିବେଶର ଦ୍ୱିତୀୟାର୍ଦ୍ଧରେ ମୁଖ୍ୟ ପ୍ରସଙ୍ଗ କରି କ୍ରମାଗତ ଭାବେ ଗୃହ ଚଳାଇ ନ ଦେବା ଦଳ ପାଇଁ ଘାଟା ସାବ୍ୟସ୍ତ ହୋଇଛି ବୋଲି ଉଭୟ କଂଗ୍ରେସ ଓ ବିଜେଡିର କିଛି ବିଧାୟକ ଆଲୋଚନା କରୁଛନ୍ତି।

ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ବିଜେଡି କଂଗ୍ରେସ ସହ ମିଶି ଏସସିବି ପ୍ରସଙ୍ଗକୁ ଜାବୁଡ଼ି ଧରିଥିଲା। ଦିନଟିଏ ହେଲେ ପ୍ରଶ୍ନକାଳ କି ଶୂନ୍ୟକାଳକୁ ଚଳାଇ ଦେଲାନାହିଁ। କୌଣସି ବିଭାଗର ବଜେଟ୍ ଆଲୋଚନାରେ ବି ଦଳ ଭାଗ ନେଲା ନାହିଁ। ବିନା ସମାଲୋଚନାରେ ଶାସକ ଦଳ ସୁରୁଖୁରୁରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚଦାବିକୁ ଗୃହରେ ପାରିତ କରିବାରେ ସଫଳ ହେଲେ। କେବଳ ସେତିକି ନୁହେଁ, ବିଜୁ-ନବୀନ ଟ୍ରଷ୍ଟ ପ୍ରସଙ୍ଗରେ ମଧ୍ୟ ଶାସକ ଦଳର ପୃଷ୍ଠା-୬

## ଜାତୀୟ ରାଜପଥରୁ ୧୦ ଲକ୍ଷ ଟଙ୍କାର ସାଇଡ ବାଡା କାଟିନେଲେ ଦୁର୍ବୃତ୍ତ



କେନ୍ଦ୍ରାପଡା,୩୦।୩(ସଂଚାର ବ୍ୟୁରୋ): ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ସଂପ୍ରସାରଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବା ବେଳେ ଜାତୀୟ ରାଜ ପଥର ଗାଡିର ସୁରକ୍ଷା ପାଇଁ ଉଭୟ ପାଶ୍ୱର୍ରେ ମୂଲ୍ୟବାନ କାଷ୍ଟ ଆଇରନ ର ବାଡ ଦିଆଯାଇ ଥାଏ । ଶନିବାର ରାତିରେ ପ୍ରାୟ ୧ କିମି ସାଇଡ ବାଡ ଓଲଡି ଓ ଅଁଳାବାଙ୍କରେ ଲଗା ଯାଇଥିବା ସାଇଡ ବାଡକୁ ଦୁର୍ବୃତ୍ତ ମାନେ ରବିବାର ବିଳମ୍ବିତ ରାତିରେ କାଟି ନେଇଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡେରାବୀଶ ଥାନା ରେ ଅଭିଯୋଗ ହୋଇଛି । ଗତ ମାସକ ତଳେ ଏହି ସ୍ଥାନରୁ ଦୁର୍ବୃତ୍ତ ମାନେ ସାଇଡ ବାଡ କାଟି ନେଇ ଯାଇଥିଲେ । ରାତ୍ର ସମୟରେ ଥାନା ଦ୍ୱାରା ଜାତୀୟ ରାଜପଥ ରେ ପେଟ୍ରୋଲିଂ ହେଉ ନଥିବାରୁ ଜାତୀୟ ରାଜପଥ ଲୁଟେରା ସକ୍ରୀୟ ହୋଇ ଚୋରୀ କରୁଥିବା ଅଭିଯୋଗ ହେଉଛି ।

## ଧାର୍ଯ୍ୟ ଲକ୍ଷ୍ୟଠାରୁ ୩ ଗୁଣରୁ ଅଧିକ ରାଜସ୍ୱ ଆଦାୟ

କେନ୍ଦ୍ରାପଡା,୩୦।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ତହସିଲ୍ ଧାର୍ଯ୍ୟଲକ୍ଷ୍ୟ ଠାରୁ ତିନି ଗୁଣ ରୁ ଅଧିକ ରାଜସ୍ୱ ଆଦାୟ କରିଥିବା ସୂଚନା ମିଳିଛି । ଚଳିତ ବର୍ଷ ୨୦୨୬ କେନ୍ଦ୍ରାପଡା ତହସିଲକୁ ୧ କୋଟି ୮ ଲକ୍ଷ ୭୦ ହଜାର ୫୯୩ ଟଙ୍କା ରାଜସ୍ୱ ଆଦାୟ ପାଇଁ ରାଜ୍ୟ ସରକାର ଧାର୍ଯ୍ୟଲକ୍ଷ୍ୟ ଦେଇଥିବାବେଳେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନା ୩ କୋଟି ୯୫ ଲକ୍ଷ ୫୭ ହଜାର ୭୨ ଟଙ୍କା ଅର୍ଥାତ୍ ଧାର୍ଯ୍ୟଲକ୍ଷ୍ୟ ଠାରୁ (୩୬୦ ପ୍ରତିଶତ) ତିନିଗୁଣ ରୁ ଅଧିକ ରାଜସ୍ୱ ଆଦାୟ କରି ରେକର୍ଡ କରିଛନ୍ତି । ଏ ନେଇ ତହସିଲଦାର କୁଇନି ଜେନା ଅତିରିକ୍ତ ତହସିଲଦାର, ସୁପରଭାଇଜର, ଆର୍.ଆଇ ଓ ଅନ୍ୟ କର୍ମଚାରୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## କୃଷକମାନଙ୍କ ପାଇଁ ମେଳାରେ ସ୍ୱତନ୍ତ୍ର କୃଷି ଯନ୍ତ୍ରପାତି ପ୍ରଦର୍ଶିତ



କେନ୍ଦ୍ରାପଡା,୩୦।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ସୁଭଦ୍ରା ମେଳା ଚାଲିଥିବାବେଳେ ଏଥିରେ ଜିଲ୍ଲା ମୁଖ୍ୟ କୃଷି ବିଭାଗ ପକ୍ଷରୁ ସ୍ୱତନ୍ତ୍ର କୃଷି ଯନ୍ତ୍ରପାତି ମେଳା ପ୍ରଦର୍ଶନ କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଆଧୁନିକ ଯନ୍ତ୍ରପାତି ମେଳାରେ ପ୍ରଦର୍ଶନ କରାଯାଇ ଜିଲ୍ଲାରେ ହଜାର ହଜାର ଚାଷୀଙ୍କୁ ଏ ବିଷୟରେ ସଚେତନ କରାଯାଇଛି । କମ୍ ସମୟ ଓ କମ୍ ଜମିରେ କିଭଳି ଅଧିକ ଅମଳ କରାଯାଇପାରିବ ସେ ନେଇ ଚାଷୀଙ୍କୁ ବିଭିନ୍ନ ଯନ୍ତ୍ରପାତି ଦେଖାଇ ସେମାନଙ୍କ ସହିତ ଆଲୋଚନା କରାଯାଉଛି । ଏହି ଯନ୍ତ୍ରପାତି ମେଳାରେ ଜିଲ୍ଲାର ୯ଟି ବ୍ଲକରୁ ଦୈନିକ ଶହ ଶହ ଚାଷୀ ସେମାନେ ଜିଲ୍ଲା କୃଷି ଅଧିକାରୀ ଓ ତାଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରି ଯନ୍ତ୍ରପାତି ସମ୍ପର୍କରେ ଅବଗତ ହୋଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ଜଣାଇଛନ୍ତି

## ବ୍ରାହ୍ମଣକୁଣ୍ଡରେ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



କେନ୍ଦ୍ରାପଡା,୩୦।୧(ସଂଚାର ବ୍ୟୁରୋ): ଲଜ୍ୟା ନିବାରଣ ପାଇଁ ବସ୍ତ୍ର ର ଆବଶ୍ୟକତା ରହିଛି । ଏମିତି ବି ସ୍ଥାନ ରହିଛି ଯେଉଁଠି ଅଂଚଳବାସିଙ୍କ ପାଖରେ ଯଥେଷ୍ଟ ବସ୍ତ ର ମହଜୁଦ ନ ଥାଏ । ବସ୍ତ୍ର ମଣିଷ ର ମୌଳିକ ଆବଶ୍ୟକତା ଅଟେ । ଅଭାବି ଲୋକ ମାନଙ୍କ ପାଖରେ ମୌଳିକ ଆବଶ୍ୟକତା ର କିଛି ମୂଲ୍ୟ ନ ଥାଏ । କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସାରା ଓଡିଶା ରେ ଏହି ଅଭାବି ଲୋକ ମାନଙ୍କ ପାଖରେ ପହଂଚି ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ କରିଥାଏ ।

ଏ ବର୍ଷ ବାରିପଦା ଜିଲ୍ଲାର ବାଙ୍ଗିରିପୋଷି ବ୍ଲକ ଚାକିଡ଼ି ଗ୍ରାମପଂଚାୟତ ର ପର୍ଯ୍ୟଟନ ସ୍ଥାନ ବ୍ରାହ୍ମଣକୁଣ୍ଡ ନିକଟରେ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା । ଖବର ପାଇବା ମାତ୍ରେ ଗ୍ରାମର ବହୁ ବୃଦ୍ଧ ଓ ବୃଦ୍ଧା, ଛୋଟ ପିଲା ଏବଂ ସ୍ତ୍ରୀ ଲୋକ ମାନଙ୍କର ଭିଡ଼ ଲାଗିଥିଲା । ସମସ୍ତେ ଅତି ଆନନ୍ଦ ରେ ବସ୍ତ୍ର ନେଇ ନିଜର ଆବଶ୍ୟକତା ପୂରଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ଜୋତିଷ ଗୌରାଙ୍ଗ ନାୟକ, ଟ୍ରଷ୍ଟ ର ବାରିପଦା ପ୍ରତିନିଧି ରାକେଶ ବଳ, ତପନ କୁମାର ନାଥ, ଦେବେନ୍ଦ୍ର ନାୟକ ଓ ହୃଷିକେଶ ମହାନ୍ତି ସାମିଲ ଥିଲେ ।

### ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସର ନିଷ୍କ୍ରିୟତା

# ସୁରକ୍ଷା ଦାବିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ମାନସ

କେନ୍ଦ୍ରାପଡ଼ା,୩୦।୩ (ସଂଚାର ବ୍ୟୁରୋ): ଏକ ମରଣାନ୍ତଙ୍କ ଆକ୍ରମଣ ଘଟଣାରେ ମାର୍ଶାଘାଇ ଥାନା ପୋଲିସର ନିଷ୍କ୍ରିୟତା ଯୋଗୁଁ ଆକ୍ରମଣକାରୀ ସମଗ୍ର ପରିବାରଜନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ପରେ ଜିଲ୍ଲାପାଳ ଏବଂ ଏସପିଙ୍କ ନିକଟରେ ପରିବାରର ସୁରକ୍ଷା ଲୋଡିଥିଲେ ମାନସରଞ୍ଜନ ଆଚାର୍ଯ୍ୟ । ପରିବାରକୁ ସୁରକ୍ଷା ପ୍ରଦାନ କରାନଯିବା ଓ ଅଭିଯୁକ୍ତଙ୍କୁ ଗିରଫ କରାନଯିବା ଯୋଗୁଁ ଅଭିଯୁକ୍ତ ଏବେ ମାରଣାସ୍ତ୍ର ଧରି ବୁଲୁଛନ୍ତି। ଯେକୌଣସି ମୁହୂର୍ତ୍ତରେ ମାନସଙ୍କ ପରିବାର ପରିଜନଙ୍କ ଉପରେ ଆକ୍ରମଣ କରି ଜୀବନରେ ମାରିଦେବାକୁ ଅଭିଯୁକ୍ତ ଉଦ୍ୟମ କରିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ତାଙ୍କ ପରିବାର ଲୋକେ ଏବେ ଗୃହବନ୍ଦୀ ଅବସ୍ଥାରେ ରହିଛନ୍ତି । ଭୟରେ ମାନସଙ୍କ ପରିବାର ବାହାରକୁ ବାହାରିପାରୁ ନାହାନ୍ତି। ଏଭଳି ଅବସ୍ଥାରେ ତାଙ୍କ ପରିବାରକୁ ତୁରନ୍ତ ସୁରକ୍ଷା ଯୋଗାଇ ଦେବା ସହିତ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ମାନସ ବାଧ୍ୟ ହୋଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ଅପ୍ରେଲ ମାସ ୬ ତାରିଖରେ ଧାରଣା ଦେବେ ବୋଲି ଆଜି ଲିଖିତ ଭାବେ ଏସପିଙ୍କୁ ଜଣାଇଛନ୍ତି ।

ଅଭିଯୋଗ ଅନୁଯାୟି କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ନଳିନୀ କୁମାର ଆଚାର୍ଯ୍ୟଙ୍କ ପୁତ୍ର ମାନସରଞ୍ଜନ ଆଚାର୍ଯ୍ୟ ସେହି ପାୟତରେ ଚାଲିଥିବା ରାସ୍ତା ମରାମତି, ପୋଖରୀ ସଫେଇ, ଓମଫେଡ କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଦୁର୍ନୀତି କରାଯାଉଥିବା ଏବଂ ଓପିଟିସିଏଲର ସିମେ ଓ ରଡ ଚୋରି ଭଳି ଘଟଣାର ଚୁପ ରହିବାକୁ ବାଧ୍ୟ କରି ଏକ ରାଜନୈତିକ ଗୋଷ୍ଠିର କେତେକ ଯୁବକ ସଙ୍ଘବଦ୍ଧ ହୋଇ ଚଳିତମାସ ୧୭ତାରିଖରେ ମାନସରଞ୍ଜନଙ୍କୁ ଧମକ ଦେବା ସହ ମରଣାନ୍ତଙ୍କ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମାନସରଞ୍ଜନଙ୍କ ବାମହାତଟି ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକ ଓ ସାନଭାଇର ସହାୟତାରେ ମାନସରଞ୍ଜନ ପ୍ରଥମେ ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏସମ୍ପର୍କରେ ମାନସରଞ୍ଜନ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେବି ମାର୍ଶାଘାଇ ଥାନା ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ସେହିଦିନ ମାନସରଞ୍ଜନ ୧୧୨କୁ କଲ କରି ସମସ୍ତ କଥା ଜଣାଇଥିଲେ ବି ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା।

ପୋଲିସର ନିଷ୍କ୍ରିୟତା ଯୋଗୁଁ ଭବିଷ୍ୟତରେ ମାନସରଞ୍ଜନଙ୍କ ପରିବାରଜନଙ୍କ ଜୀବନହାନୀ ହେବାର ସମ୍ଭାବନା ରହିଥିବାରୁ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ସେ ଜିଲ୍ଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ଗତ ୨୩ ତାରିଖରେ ଭେଟି ନିବେଦନ କରିଥିଲେ । ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଆଜି ଏସପିଙ୍କୁ ଭେଟି ଏସମ୍ପର୍କରେ ଜଣାଇଛନ୍ତି ।

## ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଜନଅସନ୍ତୋଷ



ନିଶ୍ଚିନ୍ତକୋଇଲି,୩୦।୩ (ସଂଚାର ବ୍ୟୁରୋ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ହରଘର ଜଲ ଯୋଜନାରେ ନଳ ଯୋଗେ ଜଳ ଯୋଗାଣ କରୁଛନ୍ତି। ଏଥିପାଇଁ ଗ୍ରାମୀଣ ଜଳ ଯୋଗାଣ ବିଭାଗ ପକ୍ଷରୁ ଠିକାଦାର ଚୟନ କରାଯାଇ ନଳ ବିଛା କାର୍ଯ୍ୟ ଚାଲିଛି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲି ନୀତି ଯୋଗୁଁ ନଳ ବିଛାଇବା କାମରେ ଅଯଥାରେ ସରକାରୀ ସମ୍ପତି ଗୁଡ଼ିକ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି।

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ନିଶ୍ଚିନ୍ତକୋଇଲି ଠାରୁ କାଜିହାଟ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଯାଇଥିବା ୮(ଇ)କେନାଲର ବାମ ପାର୍ଶ୍ୱରେ ଠିକାଦାରଙ୍କ ପକ୍ଷରୁ ଖୋଳାଯାଇ ପାଣି ପାଇଁ ନଳବିଛା କାର୍ଯ୍ୟ ଚାଲିଛି। ହେଲେ କେନାଲର ବାମ ପାର୍ଶ୍ୱରେ ନଳ ବିଛା ଯାଉଥିବା ବେଳେ ନିଶ୍ଚିନ୍ତକୋଇଲି କାଜିହାଟ ରାସ୍ତାର ବାମ ପାର୍ଶ୍ୱରେ ଭୋଇ ସାହି ପାଖରେ ଢଳେଇ ରାସ୍ତାକୁ ତାଡ଼ି ଦିଆଯାଇଥିବା ଦେଖିବାକୁ ମିଳିଛି। ନଳ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଗୋଟେ ପଟରେ ନଳ ବିଛା ଯାଉଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ନିଶ୍ଚିନ୍ତକୋଇଲି ଠାରୁ କାଜିହାଟ ରାସ୍ତାର ଯେଉଁ ଢଳେଇ ଗୁଡ଼ିକୁ ତାଡ଼ି ଦିଆଗଲା ତାର ମରାମତି କିଏ କରିବ ଓ ସେ ବାବଦରେ ଯେଉଁ ଅର୍ଥ ବ୍ୟୟ କରାଯିବ ତାକୁ ଓଡ଼ିଶା ସରକାରଙ୍କ କେଉଁ ବିଭାଗ ବହନ କରିବ ନାଁ ରାସ୍ତାକୁ ଅଯଥାରେ ଖୋଳି ତାଡ଼ି ଦେଇଥିବା ଠିକାଦାର ଉକ୍ତ ରାସ୍ତାର ମରାମତି ଖର୍ଚ୍ଚ ବହନ କରିବ। ଉଭୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ମେଧାବୃତ୍ତି ପ୍ରଦାନ



କେନ୍ଦ୍ରାପଡ଼ା,୩୦।୩ (ସଂଚାର ବ୍ୟୁରୋ): ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ ଗରୀବ ମେଧାବୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି । ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର(ବାଲିଆ) ଗ୍ରାମର ଶିବ ପ୍ରସାଦ ନାୟକଙ୍କ ଝିଅ ଲିପ୍ସା ନାୟକଙ୍କୁ ୩ହଜାର ଟଙ୍କାର ମେଧାବୃି ପ୍ରଦାନ କରାଯାଇଛି । ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ଲିପ୍ସାଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରିଛନ୍ତି । ଲିପ୍ସା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ଦ୍ୱିତୀୟ ବର୍ଷ ଛାତ୍ରୀ ଭାବେ ଅଧ୍ୟୟନରତ ଅଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରୀବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବା ସହ ଚିକିତ୍ସା ସହାୟତା ଏବଂ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ପିଡିତ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ ।

## ଚୋରା ମୋଟରସାଇକେଲ୍ ଉଦ୍ଧାର, ଦୁଇ ଗିରଫ

କେନ୍ଦ୍ରାପଡା,୩୦।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସହର ଓ ଆଖପାଖ ଅଂଚଳରେ ଗତ କିଛିଦିନ ହେଲା ମଟର ସାଇକେଲ୍ ଚୋର ସକ୍ରିୟ ହୋଇ ବିଭିନ୍ନ ସ୍ଥାନରୁ ଆଖିପିଛୁଳାକେ ଲକ୍ ଭାଙ୍ଗି ନେଇପଳାଉଥିଲେ । ଗତ ଦୁଇଦିନ ତଳେ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଖଡିଅଙ୍ଗ ଗ୍ରାମରୁ ଅବସରପ୍ରାପ୍ତ ପୋଲିସ୍ କର୍ମଚାରୀ ସେକ୍ ଅବିରଙ୍କ ଏକ ଗ୍ଲାମର ମଟର ସାଇକେଲ୍ ଓ ଡି. ଲକ୍ଷ୍ମୀରାଓଙ୍କ ଏକ ଟିଭିଏସ୍ ଲୁନା ମଟର ସାଇକେଲ୍ ଏବଂ ଫକିରାବାଦ ଗ୍ରାମର ପୋଖରୀ ନିକଟରୁ ଆଉ ଏକ ହିରୋହୁଣ୍ଡା ମଟର ସାଇକେଲ୍ ଚୋରି ହୋଇଯାଇଥିଲା । ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ଲାଗିଥିବା ସିସି କ୍ୟାମେରା ଆଧାରରେ ଠାବ କରି ଆମ୍ବାଳି ଗ୍ରାମର ମୋଜାହିଦ୍ ଖାନ୍ ଓ ସାଲେପୁରର ସେକ୍ ଅମିନୁର୍ ଇସଲାମ୍‌ଙ୍କୁ ଗିରଫ କରି ତାଙ୍କ ପାଖରୁ ଚୋରା ମଟର ସାଇକେଲ୍ ଉଦ୍ଧାର କରିବା ସହ ପୂର୍ବରୁ କେତେକ ଜାଗାରେ ଚୋରି ହୋଇଥିବା ମଟର ସାଇକେଲ୍‌କୁ କେଉଁ କେଉଁ ସ୍ଥାନରେ ବିକ୍ରି କରିଛନ୍ତି ପଚରା ଉଚରା କରୁଥିବା ଜଣାପଡିଛି ।

### ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ବେଳେ ବନ ବିଭାଗ କର୍ମଚାରୀଙ୍କୁ ମାଡ଼ ଘଟଣା

# ରିକ୍ୟୁଏସନ ସତ୍ତ୍ୱେ ପୁଲିସ କାହିଁକି ଯାଇନଥିଲା ?

ରାଜନଗର, ୩୦।୩ (ସଂଚାର ବ୍ୟୁରୋ): ଭିତରକନିକା ଅଞ୍ଚଳରୁ ୨୮ ତାରିଖ ଦିନ ବେଆଇନ ଚିଙ୍ଗୁଡି ଉଚ୍ଛେଦ ବେଳେ ବନ ବିଭାଗର କର୍ମଚାରୀଙ୍କୁ ଘେରି ମାଲିକ ମରଣାନ୍ତକ ଆକ୍ରମଣ କରିଥିଲେ। ଚିଙ୍ଗୁଡି ଘେରି ଭଙ୍ଗା ଯାଉଥିବା ବେଳେ ଫାଇନାନ୍ସର ଓ ବାହାର ଲୋକ ପହଞ୍ଚି ବନ କର୍ମଚାରୀଙ୍କୁ ବିରୋଧ କରିବା ସହ ମାଡ ମାରିଥିଲେ। ବନ କର୍ମଚାରୀ ଅର୍ଜୁନ ମଣ୍ଡଳ ଗୁରୁତର ଆହତ ହୋଇ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଗତକାଲି ରାତିରେ ଘରକୁ ଫେରିବା ପରେ ପୁଲିସ କିପରି ତାଙ୍କୁ ମାଡ ମାରିଥିବା ଅଭିଯୁକ୍ତଙ୍କୁ ତାଙ୍କ ସହ ଗାଡିରେ ଆଣି ଅଧ ବାଟରେ ଛାଡିଦେଲା, ସେ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନ ବିଭାଗର ଏତଲା ପରେ ଅଭିଯୁକ୍ତମାନଙ୍କ ପକ୍ଷରୁ ପାଲଟା ଅଭିଯୋଗ ବନ କର୍ମଚାରୀଙ୍କ ନାଁରେ ପାଲଟା ଅଭିଯୋଗ କରାଯାଇଛି ଓ ମାମଲା ରୁଜୁ ହୋଇଥିବା ଜଣାପଡିଛି।

ଭିତରକନିକା ଜାତୀୟ ଇକୋ ସେନସେଟିଭ ଜୋନ ଆଇନ, ସିଆରଜେଡ ଆଇନ, ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିଙ୍ଗୁଡିଘେରି ଭାଙ୍ଗିବାକୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଚଳିତ ମାସ ୨୮ ତାରିଖ ଦିନ ବେଆଇନ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ବନବିଭାଗ ଟିମ ଗୋପାଳଜୀଉପାଟଣାରେ ବେଆଇନ ଘେରି ଘଙ୍ଗିବା ବେଳେ ଘେରି ମାଲିକ, ଫାଇନାନ୍ସର ଓ କିଛି ବାହାର ଲୋକ ପହଞ୍ଚି ବନ କର୍ମଚାରୀ ଅର୍ଜୁନ ଦଳେଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

ଅନ୍ୟ ପଟରେ ଏସିଏଫ ମାନସ ଦାସଙ୍କ କହିବା ମୁତାବକ ଘେରି ଭଙ୍ଗାଯିବା ସମୟରେ ଉପସ୍ଥିତ ରହିବାକୁ ତାଳଚୁଆ ସାମୁଦ୍ରିକ ଥାନା ପୋଲିସକୁ ରିକ୍ୟୁଏସନ ଦିଆଯିବା ସହିତ ଟେଲିଫୋନ ଯୋଗେ ମଧ୍ୟ କୁହାଯାଇଥିଲା। ଘେରି ଭଙ୍ଗା ସମୟରେ ଉପସ୍ଥିତ ରହିବାକୁ ଅର୍ଡର ମଧ୍ୟ ହୋଇଥିଲା । ଏହାସତ୍ତ୍ୱେ ପୁଲିସ ଗଣ୍ଡଗୋଳ ପରେ କାହିଁକି ପହଞ୍ଚିଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

## ଗୋଚରଦଣ୍ଡାରୁ ଦୁଇ ଲକ୍ଷ ଟଙ୍କାର ଗଛ କାଟି ନେଲେ ଦୁର୍ବୃତ୍ତ



ମାହାଙ୍ଗା,୩୦।୩(ସଂଚାର ବ୍ୟୁରୋ): ଦିନକୁ ଦିନ ଗ୍ରୀଷ୍ମ ପ୍ରଭାବ ବଢ଼ି ଚାଲିଥିବାବେଳେ ବେଆଇନ ଗଛ କାଟ ଯୋଗୁଁ ପରିବେଶ ଧିରେ ଧିରେ ଅସନ୍ତୁଳିତ ହୋଇ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ କଠୋର ହେଉ ନ ଥିବାରୁ ଛୁଟି ଦିନ ମାନଙ୍କରେ ସରକାରୀ ଗୋଚର ଦଣ୍ଡା ଓ ରାସ୍ତା ପାର୍ଶ୍ୱରୁ ବହୁ ପୁରୁଣା ବଡ ବଡ ଗଛକୁ ଦୁର୍ବୃତ୍ତ ମାନେ କାଟି ଲୁଟ କରି ନେଇ ମାଲେ ମାଲେ ହେଉଛନ୍ତି।

ସୂଚନା ଅନୁଯାୟୀ ଭେଡା ପଞ୍ଚାୟତ ବରାହିପୁର ଓ ଭେଡା ସାଲେପୁର ସୀମାରେ ଥିବା ଗୋଚର ଦଣ୍ଡାରୁ ଦୁର୍ବୃତ୍ତମାନେ ଗତକାଲି ମାସର ଚତୁର୍ଥ ଶନିବାର ଛୁଟି ଦିନରେ ପ୍ରାୟ ଦୁଇ ଲକ୍ଷ ଟଙ୍କା ମୂଲ୍ୟର ଏକ ବଡ ଚାକୁଣ୍ଡା ଗଛକୁ କାଟି ତତ୍କ୍ଷଣାତ୍ କିଛି କାଠ ୪୦୭ ଟ୍ରକ ଯୋଗେ ଲୁଟ କରି ନେଇଥିଲେ। ଏହି ବେଆଇନ ଗଛ କଟା ସମ୍ପର୍କରେ ମାହାଙ୍ଗା ତହସିଲଦାର ସୁଭାଶିଷ ପାଲଟା ସୂଚନା ପାଇବା ପରେ ରବିବାର ସକାଳୁ ମଉଦା ରାଜସ୍ୱ ନିରୀକ୍ଷକଙ୍କୁ ଘଟଣା ସ୍ଥଳକୁ ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗଛକଟା ସ୍ଥଳରେ ରାଜସ୍ୱ ନିରୀକ୍ଷକ ପହଞ୍ଚି ତୁରନ୍ତ ଏହି ଗଛକଟାକୁ ବନ୍ଦ କରିବା ସହ କଟା ଯାଇଥିବା ବଡ ବଡ ବାହିକୁ ଜବତ କରିଛନ୍ତି। ଏହି ଗଛଟିକୁ ଜୟପୁର ଅଞ୍ଚଳର ଜନୈକ କାଠ ବ୍ୟବସାୟୀ ବେଆଇନ ଭାବେ କ୍ରୟ କରି କାଟି ନେଉଥିବା ସାଧାରଣରେ ଆଲୋଚନା ହେଉଛି।

## ପଥଚାରୀଙ୍କୁ ଗ୍ଲୁକୋଜ ପାଣି ବଣ୍ଟନ



କେନ୍ଦ୍ରାପଡ଼ା,୩୦।୩(ସଂଚାର ବ୍ୟୁରୋ): ପବିତ୍ର ଶ୍ରୀରାମନବମୀ ଉପଲକ୍ଷେ ପ୍ରବଳ ଖରା ଓ ଭିଡକୁ ଆଖିରେ ରଖି ଗରାପୁରସ୍ଥିତ କାଳୀମନ୍ଦିର ଛକରେ ପଥଚାରୀମାନଙ୍କୁ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଥିଲା । ସମାଜସେବୀ ସ୍ୱର୍ଗତା ନନ୍ଦିତା ବ୍ରହ୍ମାଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ତଥା ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି ଉଦଘାଟନ କରିଥିଲେ । ଜଣେ ପରୋପକାରୀ ବ୍ୟକ୍ତି ଭାବେ ଖୁବ୍ ପରିଚିତ ସ୍ୱର୍ଗତା ବ୍ରହ୍ମାଙ୍କ ସ୍ୱାମୀ ଡା. ସୁଧିର କୁମାର ବ୍ରହ୍ମା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଭାଗିରଥୀ ଜେନା, ସୁଶ୍ରୀ ମିନତୀ ମହାରଣା ଓ ଗୋଲଖ ପଢ଼ିଆରୀ ପ୍ରମୁଖ ପରିଚାଳନା କରିଥିଲେ।

### ବିଜୁବାବୁଙ୍କ ପ୍ରତି ଅସମ୍ମାନ ସୂଚକ ମନ୍ତବ୍ୟ

## ଧୃବେଙ୍କ ମନ୍ତବ୍ୟକୁ ପୂର୍ବତନ ମନ୍ତ୍ରୀଙ୍କ ନିନ୍ଦା



ଯାଜପୁର, ୩୦।୩ (ସଂଚାର ବ୍ୟୁରୋ): କଳିଙ୍ଗର ବରପୁତ୍ର, ଖାରବେଳଙ୍କ ସୁଯୋଗ୍ୟ ଦାୟାଦ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଅଦ୍ୱିତୀୟ ପ୍ରବାଦ ପୁରୁଷ, ବିଜୁ ବାବୁଙ୍କ ପ୍ରତି ଝାଡଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଧୁବେ ଦେଇଥିବା ଅସମ୍ମାନ ଏବଂ ଅସୂୟା ସୂଚକ ମନ୍ତବ୍ୟକୁ ପୂର୍ବତନ ମନ୍ତ୍ରୀ ତଥା କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଘୋର ନିନ୍ଦା କରିଛନ୍ତି। ଏପରିକି ଏହା ଅତ୍ୟନ୍ତ ଦୁଃଖ ଦାୟକ, ନିନ୍ଦନୀୟ ଏବଂ ଦୁର୍ଭାଗ୍ୟ ଜନକ ବୋଲି ସେ କହିଛନ୍ତି । ଓଡିଆ ଅସ୍ମିତା ପାଇଁ ସଦା ସମର୍ପିତ ବିଜୁ ବାବୁଙ୍କ ପ୍ରତି ହୋଇଥିବା ଅପମାନ ଓଡିଶା ବାସୀଙ୍କ ମନରେ ଆଘାତ ଦେଇଛି। ବିଜୁ ବାବୁ ଭାରତର ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଋଷ ଏବଂ ଇଣ୍ଡୋନେସିଆର ସଂଗ୍ରାମରେ ସହଯୋଗ କରି ଦେଶ ବିଦେଶରେ ଅନେକ ଯଶ, କୀର୍ତ୍ତି ଏବଂ ସମ୍ମାନ ଲାଭ କରିଥିଲେ। କାଶ୍ମୀରକୁ ପାକିସ୍ତାନ ସେନା କବଳରୁ ରକ୍ଷା କରିବା, ୧୯୬୨ ମସିହାର ଭାରତ-ଚୀନ ଯୁଦ୍ଧ ଏବଂ ୧୯୬୫ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ସବୁ ସମୟରେ ସେ ଦେଶର ସୁରକ୍ଷା ପାଇଁ ଆଗେଇ ଆସିଥିଲେ । ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ବିଶ୍ୱ ପ୍ରସିଦ୍ଧ ୟୁନେସ୍କୋ କଳିଙ୍ଗ ପୁରସ୍କାରର ପ୍ରତିଷ୍ଠାତା ବିଜୁବାବୁ କେବଳ ଓଡିଶା ନୁହେଁ ସମଗ୍ର ଦେଶରେ ଜଣେ ଅନନ୍ୟ ଜନନାୟକ ଥିଲେ। ବିଜୁ ବାବୁଙ୍କ ଭଳି ଜଣେ ଦେଶପ୍ରେମୀ ମହାନାୟକଙ୍କ ସ୍ୱର୍ଣ୍ଣିମ ଇତିହାସ ବିଷୟରେ ଜାଣି ନଶୁଣି ନିନ୍ଦନୀୟ ଏବଂ ଅପାମନ ସୂଚକ ମନ୍ତବ୍ୟ ଦେଇଥିବା ଶ୍ରୀ ଦୁବେ ଓଡିଶାବାସୀ ତଥା ଦେଶବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ପାଇଁ ଏକ ପ୍ରେସ ବିବୃତ୍ତିରେ ପୂର୍ବତନ ମନ୍ତ୍ରୀ ଘଡ଼ାଇ ଜଣାଇଛନ୍ତି ।

## ଦେୱାନୀ ଜଜ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଉଦ୍‌ଘାଟିତ



ସତ୍ୟବାଦୀ, ୩୦।୩ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ ଅଧୀନ ପେଣ୍ଠପଡା ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅସ୍ଥାୟୀ ଭାବେ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ) ତଥା ଜେ.ଏମ୍.ଏଫ୍.ସି କୋର୍ଟର ଉଦଘାଟନ ହୋଇଯାଇଛି। ଆଜି ଠାରୁ ଏହି କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀ ହରିଶ ଟଣ୍ଡନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ଅଦାଲତର ପ୍ରଶାସନିକ ବିଚାରପତି ମାନ୍ୟବର ଶ୍ରୀ କୃଷ୍ଣରାମ ମହାପାତ୍ର ଏବଂ ଉଚ୍ଚ ନ୍ୟାୟାଳୟର ଅନ୍ୟାନ୍ୟ ସହଯୋଗୀ ବିଚାରପତିଗଣ ଉପସ୍ଥିତ ରହିଥିଲେ। ସେମାନେହେଲେ ଶ୍ରୀ ଆନନ୍ଦ ନାରାୟଣ ମହାରାଣା ଜିଲ୍ଲା ଜଜ୍, ପୁରୀ, ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ପୁରୀ ଆଭାସୀ ମାଧ୍ୟମରେ ସୋଭେନ କାନୁନଗୋ ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ, ପୁରୀ ମଳୟ ରଞ୍ଜନ ଗିରି କୋର୍ଟ ମ୍ୟାନେଜର, ଜିଲ୍ଲା ଅଦାଲତ, ପୁରୀ, ସଚିନ ପଟେଲ ଅତିରିକ୍ତ ଏସ୍.ପି. ପୁରୀ, ଶରତ ଚନ୍ଦ୍ର ମହାପାତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସୌମ୍ୟ ରଞ୍ଜନ ଦ୍ୱିବେଦୀ ଅଧୀକ୍ଷଣ ଯନ୍ତ୍ରୀ, ଆରଆଣ୍ଡବି ବିଭାଗ, ପୁରୀ, ଜିତେନ୍ଦ୍ର କୁମାର ପ୍ରଧାନ ସହକାରୀ ଯନ୍ତ୍ରୀ, ସାକ୍ଷୀଗୋପାଳ, ସନ୍ତୋଷ କୁମାର ପାଣିଗ୍ରାହୀ, ତହସିଲଦାର, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ଦେବାଶିଷ ନାୟକ ବି.ଡି.ଓ. ସତ୍ୟବାଦୀ ଯୋଗ ଦେଇଥିଲେ।

ସତ୍ୟବାଦୀ ଓକିଲ ସଂଘ ର ସଭାପତି ବାଳକୃଷ୍ଣ ମହାପାତ୍ର, ଉପସଭାପତି ଭାସ୍କର ନାୟକ, ସହସମ୍ପାଦକ ମୋହନ ସାହୁ, ପୁଷ୍କର ମହାପାତ୍ର, ଗୁଣ୍ଡିଚା ବରାଳ ଅମ୍ବିକା ଶଙ୍କର ମହାପାତ୍ର ଓ ପୁରୀ ଆଇନଜୀବୀ ସଂଘର ସଭାପତି, ଉପସଭାପତି, ସମ୍ପାଦକଙ୍କ ସହିତ ବହୁ ଆଇନଜୀବୀ ଉପସ୍ଥିତ ରହିଥିଲେ। ପଞ୍ଚାୟତ ପକ୍ଷରୁ ଉକ୍ତ କୋର୍ଟ ପାଇଁ ଚାରି ଏକର ଜମି ଯୋଗାଇ ଦିଆଯାଉଛି ବୋଲି ଜଣାପଡ଼ିଛି। ସତ୍ୟବାଦୀ ଅଞ୍ଚଳର ବହୁଦିନର ଦାବି ଆଜି ପୂରଣ ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ଇତିହାସ ବିଭାଗର ବାର୍ଷିକ ଆଲୋଚନାଚକ୍ର




ପଟ୍ଟାମୁଣ୍ଡାଇ, ୩୦।୩ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ମହିଳା ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ଏକ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଅଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଧର ବେହେରା ସଭାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଲୋଚନା ଚକ୍ରର ସଂଯୋଜିକା ଶ୍ରୀମତୀ ପୁଷ୍ପାଞ୍ଜଳି ମହାନ୍ତି, ପଟ୍ଟାମୁଣ୍ଡାଇ ମହିଳା ଜୁନିଅର କଲେଜର ଇତିହାସ ବିଭାଗର ମୁଖ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଷୟ ବିଶେଷଜ୍ଞ ଭାବେ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଶିଶିର କାନ୍ତ ମହାପାତ୍ର ଯୋଗଦେଇ ଆଲୋଚନାର ବିଷୟ ବସ୍ତୁ The role of leaders in nation building" ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ସେମାନଙ୍କର କାର୍ଯ୍ୟକଳାପ ଓ ବଳିଷ୍ଠ ନେତୃତ୍ୱ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ପ୍ରଦୀପ୍ତ କୁମାର ମହାନ୍ତି ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ନାରୀ ମାନଙ୍କ ଭୂମିକା ସଂପର୍କରେ ନିଜର ଅଭିମତ ରଖିଥିଲେ। ଏହି ଆଲୋଚନା ଚକ୍ରର ପରିଚାଳନା ସମ୍ପାଦକ ତଥା ଇତିହାସ ବିଭାଗର ମୁଖ୍ୟ ଶ୍ରୀ ରମେଶ ଚନ୍ଦ୍ର ଦେଠୀ ଆଲୋଚ୍ୟ ବିଷୟ ବିଷୟରେ ଆଲୋଚନା ସହ କେନ୍ଦ୍ରାପଡ଼ା ଜିଲ୍ଲାର ନେତୃତ୍ୱ ମାନଙ୍କର ରାଷ୍ଟ୍ର ଗଠନରେ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ।



## ବିଧାନସଭା ଖବର

### ଡିଜିପିଙ୍କ ଦପ୍ତରରେ ବ୍ୟାପକ ପଦବୀ ଖାଲି

ଭୁବନେଶ୍ୱର, ୩୦।୩ (ସଂଚାର ବ୍ୟୁରୋ) : କଟକସ୍ଥିତ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଦପ୍ତରରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡ଼ିଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ଦପ୍ତରରେ ବି ସମାନ ଅବସ୍ଥା। ପୁଲିସ୍ ମହାନିର୍ଦ୍ଦେଶକଙ୍କ ଦପ୍ତରରେ ଖାଲି ପଡ଼ିଥିବା ପଦପଦବୀ ସଂକ୍ରାନ୍ତରେ ବିଧାୟକ ଦୁର୍ଗା ଚରଣ ତନ୍ତିଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଦପ୍ତରରେ ବିଭିନ୍ନ ବର୍ଗର ୩୮୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ଏଥିରୁ ୨୧୦ଟି ପଦବୀ ଖାଲି ପଡ଼ିଛି। କ୍ରାଇମବ୍ରାଞ୍ଚ ଏଡିଜିପିଙ୍କ ଦପ୍ତରରେ ୧୯ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ସେଥିରୁ ୧୧ଟି ଖାଲି ପଡ଼ିଛି। କଟକସ୍ଥିତ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ଦପ୍ତରରେ ୩୧୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ସେଥିରୁ ୮୭ଟି ଖାଲି ପଡ଼ିଛି। ଏଚଆରପିସିଙ୍କ ଦପ୍ତରରେ ୪୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୨୯ଟି ଖାଲି ପଡ଼ିଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

### ବାୟୁ ସ୍ୱାସ୍ଥ୍ୟସେବା ପାଇଁ ବର୍ଷକୁ ଖର୍ଚ୍ଚ ୨୫ ଲକ୍ଷ

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା କାର୍ଯ୍ୟକାରୀ ପାଇଁ ବର୍ଷକୁ ୨୦ରୁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ବର୍ତ୍ତମାନ ଏହି ଯୋଜନା ରାଜ୍ୟର ତିନିଟି ଜିଲ୍ଲାରେ ମିଳିପାରୁଛି। ରାଜ୍ୟରେ ବାୟୁ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଗତ ୨୦୨୧ରୁ ଆରମ୍ଭ ହୋଇଛି। ବର୍ତ୍ତମାନ ଏହି ସେବା ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଉପଲବ୍ଧ ହେଉଛି। ଏହି ଯୋଜନା ପାଇଁ ବର୍ଷକୁ ୨୦ରୁ ୨୫ଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ନିମନ୍ତେ ବର୍ତ୍ତମାନ କୌଣସି ଯୋଜନା ନାହିଁ।

### ନୂଆ ଜେଲ୍ ନିର୍ମାଣ ପ୍ରସ୍ତାବ ନାହିଁ

ରାଜ୍ୟରେ ନୂତନ ଜେଲ୍ ସ୍ଥାପନ ପାଇଁ ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ। ତେବେ କେତେକ ଜେଲ୍‌ର ସ୍ଥାନାନ୍ତରଣ କାର୍ଯ୍ୟ ହାତକୁ ନିଆଯାଇଛି। ରାଜ୍ୟରେ ଥିବା ଜେଲଗୁଡ଼ିକରେ କଏଦୀ ଧାରଣ କ୍ଷମତା ସଂକ୍ରାନ୍ତରେ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତବର୍ଷ ଜାନୁଆରୀ ସୁଦ୍ଧା ରାଜ୍ୟର ୮୭ଟି କାରାଗାରରେ ମୋଟ୍ କଏଦୀ ଧାରଣ କ୍ଷମତା ୨୪ହଜାର ୧୮୯ ଥିବା ବେଳେ ଏଠାରେ ୧୮ ହଜାର ୧୭୬ ଜଣ କଏଦୀ ରହୁଛନ୍ତି। ଏହି କଏଦୀମାନଙ୍କ ମଧ୍ୟରେ ୧୪ ହଜାର ୪୦ଜଣ ବିଚାରାଧୀନ ଏବଂ ୪୧୩୬ ଜଣ ଦୋଷୀ ସାବ୍ୟସ୍ତ କଏଦୀ ରହୁଛନ୍ତି ଯାହାର କଏଦୀ ଧାରଣ କ୍ଷମତା ମାତ୍ର ୭୫.୧୪ ପ୍ରତିଶତ। ନୂତନ କାରାଗାର ନିର୍ମାଣ ନିମନ୍ତେ ଏବେ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ନାହିଁ। ସୁରକ୍ଷା ଦୃଷ୍ଟିକୋଣରୁ ୩ଟି କାରାଗାର ଯଥା ଯାଜପୁର ଜିଲ୍ଲା କାରାଗାର, ଭଦ୍ରକ ଓ ରାଜଧାନୀରେ ଥିବା ସ୍ୱତନ୍ତ୍ର କାରାଗାରକୁ ଭୁବନେଶ୍ୱର ବାହାରକୁ ସ୍ଥାନାନ୍ତର କରିବା ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ଏବଂ ଏହାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହାଛଡା ରାଜ୍ୟ ସରକାର ମଣ୍ଡଳ କାରାଗାର, ବାରିପଦା ଓ ଜିଲ୍ଲା କାରାଗାର, କେନ୍ଦୁଝରର ସ୍ଥାନାନ୍ତରଣ ପ୍ରସ୍ତାବକୁ ନୀତିଗତ ଭାବେ ମଞ୍ଜୁରୀ ପ୍ରଦାନ କରିଛନ୍ତି।

### ରକ୍ତର ଅଭାବ ପୂରଣ କରିବ ଅଟଳ ରକ୍ତଦାନ ଅଭିଯାନ

ରାଜ୍ୟରେ ରକ୍ତର ଆବର୍ଶ୍ୟକତା ଦୂରୀକରଣ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରୁ 'ଅଟଳ ରକ୍ତ ଦାନ ଅଭିଯାନ' ନାମକ ଏକ ନୂତନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଯୋଜନା ଅଧୀନରେ ସମସ୍ତ ନୂତନ ମେଡିକାଲ କଲେଜରେ ରକ୍ତ ଭଣ୍ଡାର ପ୍ରତିଷ୍ଠା ସହିତ ରାଜ୍ୟର ସମସ୍ତ ରକ୍ତ ଭଣ୍ଡାରର ଉନ୍ନତିକରଣ ଓ ଆଧୁନିକୀକରଣ ଏବଂ ୫୦ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ୟୁନିଟ୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଛି। ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ଉପରୋକ୍ତ ଲିଖିତ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ। ସେ କହିଛନ୍ତି ଯେ ରାଜ୍ୟରେ ମୋଟ ୫୬ଟି ସରକାରୀ ଓ ୨ଟି ରେଡକ୍ରସ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ଏହାଛଡ଼ା ୩୪ଟି ବେସରକାରୀ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ରାଜ୍ୟରେ ମୋଟ ହାରାହାରି ୬ଲକ୍ଷ ୟୁନିଟ ରକ୍ତର ଆବଶକ୍ୟତା ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ୧୦୦୦ ଆଇସିୟୁ ଓ ୫୦୦ ଏଚଡିୟୁ ଶଯ୍ୟା ପ୍ରସ୍ତାବ

ଗୁରୁତର ରୋଗୀଙ୍କ ଜୀବନ ରକ୍ଷାକାରୀ ସହାୟତା ପାଇଁ ୨୦୨୬-୨୭ ଆର୍ଥିକ ବଜେଟରେ ଭେଣ୍ଟିଲେଟର ଏବଂ କେନ୍ଦ୍ରୀୟ ତଦାରଖ ସୁବିଧା ସହିତ ସଜ୍ଜିତ ୧୦୦୦ ଉନ୍ନତ ଆଇସିୟୁ ଏବଂ ୫୦୦ ଏଚଡିୟୁ (ହାଇ ଡିପେଣ୍ଡାନ୍ସି ୟୁନିଟ) ଶଯ୍ୟା ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ଆଜି ବିଧାନସଭାରେ ଏନେଇ ଲିଖିତ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ। ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଆବଶ୍ୟକ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ୨୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୮୦ ଶଯ୍ୟାବିଶିଷ୍ଟ ଆଇସିୟୁର ବ୍ୟବସ୍ଥା ରହିଛି। ନୀତିନିୟମ ଅନୁଯାୟୀ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଜେଟରେ ପ୍ରସ୍ତାବିତ ଆଇସିୟୁ ବେଡ୍‌ଗୁଡ଼ିକୁ ବିଭିନ୍ନ ସ୍ୱାସ୍ଥ୍ୟାନୁଷ୍ଠାନକୁ ବଣ୍ଟନ କରାଯିବ। ଏହାଛଡ଼ା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ବେସରକାରୀ ଚିକିତ୍ସାଳୟମାନଙ୍କରେ ଆଇସିୟୁ ବେଡ୍, ଭେଣ୍ଟିଲେଟର ଆଦିର ଭିନ୍ନ ଭିନ୍ନ ପ୍ୟାକେଜ ଅନୁସାରେ ଚିକିତ୍ସା ସୁବିଧାର ନିର୍ଦ୍ଧାରିତ ମାନ ରହିଛି। ଉକ୍ତ ପ୍ୟାକେଜ ଅନୁସାରେ ହିତାଧିକାରୀମାନେ ଚିକିତ୍ସା ସୁବିଧା ପାଇପାରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

### ଜୁନ ସୁଦ୍ଧା ସବୁ ଗାଁକୁ ମୋବାଇଲ ସେବା

ଆସନ୍ତା ଜୁନ ଶେଷ ସୁଦ୍ଧା ରାଜ୍ୟର ସବୁ ଗ୍ରାମରେ ମୋବାଇଲ୍ ସେବା ଉପଲବ୍ଧ ହେବ। ବିଧାନସଭାରେ ଆଜି ଏନେଇ ଲିଖିତ ଉତ୍ତର ରଖିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗଠାରୁ ପ୍ରାପ୍ତ ସୂଚନାନୁଯାୟୀ, ରାଜ୍ୟର ମୋଟ ୫୧,୧୭୬ ଗାଁ ମଧ୍ୟରୁ ଏବେ ୪୯,୯୩୯ ଗାଁରେ ମୋବାଇଲ୍ ସେବା ଉପଲବ୍ଧ ରହିଛି। ଅବଶିଷ୍ଟ ୧୨୩୭ ଗାଁକୁ ଭାରତ ସରକାର 'ଡିଜିଟାଲ ଭାରତ ନିଧି' ଯୋଜନାରେ ଅନ୍ତର୍ଭୁକ୍ତ କରି ମୋବାଇଲ୍ ସେବା ଯୋଗାଇବା ନିମନ୍ତେ କାର୍ଯ୍ୟ କରୁଛନ୍ତି। ଆସନ୍ତା ଜୁନ୍ ସୁଦ୍ଧା ଏହିସବୁ ଗାଁକୁ ମୋବାଇଲ ସେବା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ବାବଦରେ ୩୮୪୪.୫୩ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଆକାଂକ୍ଷୀ ପ୍ରକଳ୍ପ ପାଇଁ ସର୍ବାଧିକ ୧୬୫୬ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି।

### ଭଡ଼ାଘରେ ଚାଲିଛି ଥାନା

ରାଜ୍ୟର ବର୍ତ୍ତମାନ ୨୫ଟି ଥାନାର ନିଜସ୍ୱ ଗୃହ ନାହିଁ। ସେଥିମଧ୍ୟରୁ ୨୪ଟି ଥାନା ଅନ୍ୟାନ୍ୟ ବିଭାଗ କିମ୍ବା ଅନୁଷ୍ଠାନ ଗୃହରେ ଚାଲୁଥିବା ବେଳେ ପୁରୀ ଜିଲ୍ଲାର ସଦର ଥାନା ଭଡ଼ାଘରେ ଚାଲୁଛି। ଭୁବନେଶ୍ୱର କମିଶନରେଟ ଅଧୀନରେ ଥିବା ଲିଙ୍ଗରାଜ, ମହିଳା ଓ ଏଜି ଛକ ଟ୍ରାଫିକ ଥାନା ବି ଭଡ଼ାଘରେ ଚାଲିଛି ବୋଲି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ୨୩୦ ବାବୁଙ୍କ ବିରୋଧରେ ଦୁର୍ନୀତି ମାମଲା

ଚଳିତ ଆର୍ଥିକ ବର୍ଷ ଅର୍ଥାତ ଏପ୍ରିଲ ୨୦୨୫ରୁ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟରେ ୨୩୦ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ ହୋଇଛି। ସେମଧ୍ୟରୁ ୫୨ ଜଣ ପ୍ରଥମ ଶ୍ରେଣୀ ଏବଂ ୪୧ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅଛନ୍ତି। ଏହି ସମୟ ଭିତରେ ୨୦୬ଟି ମାମଲା ବିଚାର ଶେଷ ହୋଇଥିବା ବେଳେ ୧୦୨ ଜଣ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଓ ୨୩ ଜଣ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଭିଜିଲାନ୍ସ ଚଢ଼ାଉ ସମୟରେ ୧୦ କୋଟି ୨୭ ଲକ୍ଷ ୨୧ ହଜାର ୯୩୭ ନଗଦ ଟଙ୍କା ଜବତ ହୋଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୪.୭୬ କୋଟି ଟଙ୍କାର ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ ହୋଇଛି। ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ଆୟୁଷ୍ମାନ ନିୟମ ମାନୁନାହାନ୍ତି ଘରୋଇ ହସ୍ପିଟାଲ

ଆୟୁଷ୍ମାନ ଭାରତର ନିୟମ ପାଳନରେ ଅନିୟମିତତା ହୋଇଛି। ଏପରି ୧୧ଟି ଘରୋଇ ହସ୍ପିଟାଲ ବିରୋଧରେ ୫୬ଟି ଅଭିଯୋଗ ଆସିଛି। ପ୍ରତି ଅଭିଯୋଗର କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସେଥିରୁ ୧୦ଟି ହସ୍ପିଟାଲ ନିଲମ୍ବନ ହୋଇଥିବା ବେଳେ ଗୋଟିଏ ହସ୍ପିଟାଲ ଉପରେ ଜରିମାନା କରାଯାଇଛି। ଗୃହରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି।

ଏସସିବି ଟ୍ରାଜେଡି: ରାସ୍ତାକୁ ଓହ୍ଲାଇଲେ ମିଳିତ ବିରୋଧୀ

# ବିଧାନସଭା ଘେରିଲେ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି



- କୁଆଡ଼େ ଗଲା ଡବଲ ଇଞ୍ଜିନ୍‌ର ଉତ୍ତରଦାୟିତ୍ୱ: ନବୀନ
- ସରକାରଙ୍କ ବିରୋଧରେ ଏକାଠି ହେଲେ ୧୦ ଦଳ

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୩ ଜଣ ନିରୀହ ରୋଗୀଙ୍କ ମୃତ୍ୟୁ ଘଟଣାକୁ ବ୍ୟବସ୍ଥାକୃତ ହତ୍ୟା ବୋଲି ଅଭିଯୋଗ କରିଛି ମିଳିତ ବିରୋଧୀ ଦଳ। ଆଜି ବିଧାନସଭା ସମ୍ମୁଖରେ ଏହି ବିରୋଧୀ ଦଳର ସଦସ୍ୟମାନେ ଏକ ଗଣଧାରଣାରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା କିମ୍ବା ମନ୍ତ୍ରିମଣ୍ଡଳରୁ ବହିଷ୍କାର,ପ୍ରତି ମୃତକଙ୍କ ପରିବାରକୁ ଅନ୍ୟୂନ ୧ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ ଓ ତୁରନ୍ତ ରିପୋର୍ଟ ପ୍ରକାଶ, ସମସ୍ତ ଆହତଙ୍କୁ ମାଗଣା ଚିକିତ୍ସା ଓ ଅନ୍ୟୂନ ୫ ଲକ୍ଷ ଟଙ୍କା ସହାୟତା, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଏହି ଅପରାଧ ପାଇଁ ଦାୟୀ ଅଧିକାରୀ, କର୍ମଚାରୀ ଓ ବିଦ୍ୟୁତ ଠିକାଦାରଙ୍କୁ ତୁରନ୍ତ ଗିରଫ, ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର ସେଫ୍ଟି ଓ ସୁରକ୍ଷା ଅଡିଟ୍ ଆଦି ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ରତର କରାଯିବ ବୋଲି ସେମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଗଣଧାରଣାକୁ ସମର୍ଥନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ବାର୍ତ୍ତାରେ କହିଛନ୍ତି ଯେ ଏସସିବି ମେଡିକାଲ କଲେଜରେ ଯେଉଁ ଅଭାବନୀୟ ଘଟଣା ଘଟିଲା, ତାହା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଏହି ଦୁର୍ଘଟଣାରେ ୧୩ ଜଣ ଓଡ଼ିଆଙ୍କ ଜୀବନ କେବଳ ଯାଇନାହିଁ, ସେମାନଙ୍କ ପରିବାରର ସ୍ୱପ୍ନ ମଧ୍ୟ ଅବହେଳାର ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଛି। ସରକାରୀ ସ୍ୱାସ୍ଥ୍ୟସେବା ଉପରୁ ଲୋକଙ୍କ ଭରସା ତୁଟିଯାଇଛି। ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ବିଶ୍ୱାସ ଏସସିବି ପରି ପ୍ରମୁଖ ଅନୁଷ୍ଠାନ ଉପରୁ ଉଠିଯାଇଛି। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେଉ। ଲୋକଙ୍କ ସରକାର ବୋଲି ଢୋଲ ପିଟୁଥିବା ଡବଲ ଇଞ୍ଜିନ ସରକାରର ଉତ୍ତରଦାୟିତ୍ୱ କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟବାସୀଙ୍କ ସମର୍ଥନରେ କେନ୍ଦ୍ରରେ ଗଢ଼ାଯାଇଥିବା ମେଣ୍ଟ ସରକାରର ମନ୍ତ୍ରୀମାନଙ୍କ ମାନବିକତା କୁଆଡ଼େ ଗଲା ବୋଲି ମଧ୍ୟ ନବୀନ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ବିଶ୍ୱାସ ଆଜି ସଙ୍କଟରେ। ଏସସିବିର ଗୌରବ ବି ସଙ୍କଟରେ। ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିଶ୍ୱସନୀୟତା ମଧ୍ୟ ତୁଟିବାକୁ ବସିଲାଣି। ମନ୍ତ୍ରୀ ପଦ ସହ ଉତ୍ତରଦାୟିତ୍ୱ ସବୁବେଳେ ଯୋଡ଼ି ହୋଇ ରହିଥାଏ ବୋଲି କହିବା ସହ ପ୍ରତି ଓଡ଼ିଆଙ୍କ ଜୀବନକୁ ବାଜି ଲଗାଇ ବିଜେପି ସରକାର ଖସିଯାଇପାରିବ ନାହିଁ ବୋଲି ସେ ସତର୍କ କରିଦେଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକରେ ଉତ୍ତରଦାୟିତ୍ୱ ନେଇ ପୂର୍ବ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନଜିର ରହିଛି। ତେଣୁ ଏହି ଦୁର୍ଘଟଣା ପାଇଁ ଉତ୍ତରଦାୟିତ୍ୱ ନେବାକୁ ବିଜେପି ସରକାର ବାଧ୍ୟ ବୋଲି ନବୀନ କହିଛନ୍ତି। ଗଣଧାରଣାରେ ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍-ଏଲ୍) ଲିବେରେସନ, ଫରୱାର୍ଡ ବ୍ଲକ୍, ଏନସିପି, ଆରଜେଡି, ସମତା କ୍ରାନ୍ତି ଦଳ ଓ ସମାଜବାଦୀ ପାର୍ଟି ପରି ୧୦ଟି ବିରୋଧୀ ଦଳ ଅଂଶଗ୍ରହଣ କରିଥିଲେ। ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସରକାରଙ୍କ ଅକ୍ଷମଣୀୟ ଅବହେଳା ଓ ବ୍ୟବସ୍ଥାଗତ ବିଫଳତାକୁ ନିନ୍ଦା କରି ଏହିସବୁ ବିରୋଧୀ ଦଳର ସଦସ୍ୟମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଦାବି କରିଛନ୍ତି।

# ଚାଷୀଙ୍କୁ ଭୁବନେଶ୍ୱର ମନା ଘଟଣାର ପୁନରାବୃତ୍ତି



- ସିଙ୍ଗଲ୍ ଇଞ୍ଜିନ କହୁଥିଲା ରସୁଲଗଡ଼ ଆସ, ଡବଲ ଇଞ୍ଜିନ ନଖରାରୁ ଫେରାଇଲା
- ଧାନକିଣାରେ ବିଫଳ ସରକାର, ଚାଷୀ ନେତାଙ୍କ ଉପରେ ଦାଉ ସାଧୁଛି

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):ସରକାର ବଦଳିଲା, କିନ୍ତୁ ଚରିତ୍ର ବଦଳିଲା ନାହିଁ। ସେହି ସମାନ ଚରିତ୍ର, ସେହି ସମାନ ମାନସିକତା। ବିଜେଡି ସରକାର ଚାଷୀ ନେତାମାନଙ୍କୁ ରସୁଲଗଡ଼ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ସୁଯୋଗ ଦେଉଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଡବଲ ଇଞ୍ଜିନ ସରକାର ଫୁଲନଖରା ଛକ ଡେଇଁବାର ବି ସୁଯୋଗ ଦେଲାନାହିଁ। ଶାନ୍ତିପୂର୍ଣ୍ଣ ଭାବେ ଶହ ଶହ ଚାଷୀ ଗତ ୨୨ରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ 'କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ' ଘଟଗାଁ ତାରଣୀଙ୍କ ପୀଠରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ପଦଯାତ୍ରାର ନବମ ଦିନରେ ଫୁଲନଖରା ଛକରେ ସେମାନେ ପହଞ୍ଚିବା ପରେ ରାଜ୍ୟ ପୁଲିସ ସେଠାରେ ନବନିର୍ମାଣ କର୍ମକର୍ତ୍ତା ଓ ରାଷ୍ଟ୍ରୀୟ ଚାଷୀମାନଙ୍କୁ ଅଟକାଇ ଅନ୍ୟାୟୋଚିତ ଭାବେ ଗିରଫ କରି ବିଭିନ୍ନ ଥାନାରେ ରଖିଥିବା ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅଭିଯୋଗ କରିଛନ୍ତି।

୫/୬ ଜଣ ଏସିପିଙ୍କ ସହ ବହୁ ଉପରିସ୍ଥ ଅଧିକାରୀ ଚାଷୀମାନଙ୍କୁ ଅଟକାଇଥିଲେ। ଏବେ ବିଧାନସଭା ଅଧିବେଶନ ଚାଲିଥିବାରୁ ପୁଲିସ ମନରେ ଛନକା ପଶିଛି। ବିନା କାରଣରେ ଅତୀତରେ କୌଣସି ଜାଗାରେ ବିଶୃଙ୍ଖଳିତ ଆଚରଣ, ହିଂସା କରି ନ ଥିବା ନବନିର୍ମାଣ ସଂଗଠନକୁ ପୁଲିସ୍ ବିନା କାରଣରେ ନଖରା ଛକରେ ଅଟକାଇଛି। ରାଜ୍ୟର ବିଭିନ୍ନ କର୍ମଚାରୀ ସଂଗଠନ ଓ ଅନ୍ୟାନ୍ୟ ସମସ୍ତ ସଂଗଠନ ସେମାନଙ୍କର ଗଣତାନ୍ତ୍ରିକ ଦାବି ନେଇ ଶୋଭାଯାତ୍ରା କରୁଥିବା ବେଳେ ନବନିର୍ମାଣ ସଂଗଠନକୁ ରାସ୍ତାରେ ଅଟକାଇ ଗିରଫ କରିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। କିନ୍ତୁ ପୁଲିସ ଏହି ଆନ୍ଦୋଳନକୁ ଅଟକାଇ ପାରିବ ନାହିଁ। ପୁଲିସ ଏହି ଆନ୍ଦୋଳନକୁ ଯେତେ ଚାପିବ, ଚାଷୀ ଆନ୍ଦୋଳନ ସେତିକି ତୀବ୍ର ହେବ ବୋଲି ଅକ୍ଷୟ କୁମାର କହିଛନ୍ତି।

ସେହିପରି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଓଡ଼ିଶା ପୁଲିସର ଏହି ଅଗଣତାନ୍ତ୍ରିକ ଓ ତାନାସାହି ମନୋଭାବ ଅତ୍ୟନ୍ତ ନିନ୍ଦନୀୟ। ବିନା କାରଣରେ ଚାଷୀମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି। ରାଜ୍ୟରେ ଅଷ୍ଟମ ବେତନ କମିଶନ ଲାଗୁ କରିବା ପାଇଁ ସରକାର ଯାଉଥିବା ବେଳେ ଚାଷୀମାନଙ୍କୁ ମାସିକ ସର୍ବନିମ୍ନ ୧୦ ହଜାର ଟଙ୍କା ପେନସନ ଦେବାକୁ କୁଣ୍ଠାବୋଧ କରୁଛି। ତେଣୁ ଆମର ପ୍ରଥମ ଦାବି ଚାଷୀମାନେ ପେନସନ ପାଇବେ ଓ ରାଜ୍ୟର ୬୦ ଲକ୍ଷ ବୃଦ୍ଧବୃଦ୍ଧା ୩ ହଜାର ଟଙ୍କା ଭତ୍ତା ପାଇବେ, ଭତ୍ତା ଆଉ ପେନସନ ପାଇଁ ଏ ମହାସଂଗ୍ରାମ ଚାଲିଛି ବୋଲି ଯୁବଛାତ୍ର ସଂଯୋଜକ ମନୱର ଅଲ୍ଲୀ କହିଛନ୍ତି।

## ପ୍ରବାଦ ପୁରୁଷଙ୍କୁ ଅପମାନ ନିନ୍ଦନୀୟ: ଘଡ଼ାଇ



ଭୁବନେଶ୍ୱର, ୩୦।୩ (ସଂଚାର ବ୍ୟୁରୋ): କଳିଙ୍ଗର ବରପୁତ୍ର, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଅଦ୍ୱିତୀୟ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତି ଝାଡ଼ଖଣ୍ଡ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅସମ୍ମାନଜନକ ଓ ଅସୂୟାସୂଚକ ମନ୍ତବ୍ୟକୁ ପୂର୍ବତନ ଅର୍ଥ ମନ୍ତ୍ରୀ ତଥା କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଘୋର ନିନ୍ଦା କରିବା ସହ ଏହା ଅତ୍ୟନ୍ତ ଦୁଃଖଦାୟକ, ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଓଡ଼ିଆ ଅସ୍ମିତା ପାଇଁ ସଦା ସମର୍ପିତ ବିଜୁବାବୁଙ୍କ ପ୍ରତି ହୋଇଥିବା ଅପମାନ ଓଡ଼ିଶାବାସୀଙ୍କ ମନରେ ଗଭୀର ଆଘାତ ଦେଇଛି। ବିଜୁବାବୁ ଭାରତର ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଋଷ ଓ ଇଣ୍ଡୋନେସିଆର ସଂଗ୍ରାମରେ ସହଯୋଗ କରି ଦେଶବିଦେଶରେ ଅନେକ ଯଶ, କୀର୍ତ୍ତି ଓ ସମ୍ମାନ ଲାଭ କରିଥିଲେ। କାଶ୍ମୀରକୁ ପାକିସ୍ତାନ ସେନା କବଳରୁ ରକ୍ଷା କରିବା, ୧୯୬୨ର ଭାରତ-ଚୀନ ଯୁଦ୍ଧ ଓ ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ ସବୁ ସମୟରେ ସେ ଦେଶର ସୁରକ୍ଷା ପାଇଁ ଆଗେଇଆସିଥିଲେ। ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ବିଶ୍ୱ ପ୍ରସିଦ୍ଧ ୟୁନେସ୍କୋ କଳିଙ୍ଗ ପୁରସ୍କାରର ପ୍ରତିଷ୍ଠାତା ବିଜୁବାବୁ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଜଣେ ଅନନ୍ୟ ଜନନାୟକ ଥିଲେ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ କହିଛନ୍ତି। ବିଜୁବାବୁଙ୍କ ଭଳି ଜଣେ ଦେଶପ୍ରେମୀ ମହାନାୟକଙ୍କ ସ୍ୱର୍ଣ୍ଣିମ ଇତିହାସ ବିଷୟରେ ନ ଜାଣି ନ ଶୁଣି ନିନ୍ଦନୀୟ ଓ ଅପମାନଜନକ ମନ୍ତବ୍ୟ ଦେଇଥିବା ଶ୍ରୀ ଦୁବେ ଓଡ଼ିଶାବାସୀ ତଥା ଦେଶବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ସହ ବିଜୁବାବୁଙ୍କ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଡଃ. ଘଡ଼ାଇ ଦାବି କରିଛନ୍ତି।

ଗ୍ରାଉଣ୍ଡ ଟୁ ଗ୍ରୋଥ୍

## ଭୁବନେଶ୍ୱରରେ 'ବାମ୍ବୁ ଫରୱାର୍ଡ ସମ୍ମିଟ୍'

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଏଠାରେ ଆଜି 'ବାମ୍ବୁ ଫରୱାର୍ଡ ସମିଟ- ଫ୍ରମ୍ ଗ୍ରାଉଣ୍ଡ ଟୁ ଗ୍ରୋଥ୍' ସମ୍ମିଟ୍ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଚାଷୀ, କାରିଗର, ଉଦ୍ୟୋଗୀ, ଶିଳ୍ପ ପ୍ରତିନିଧି ଓ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇଥିଲେ। ଓଡ଼ିଶାରେ ବାଉଁଶ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଓ ରାଜ୍ୟର ପ୍ରାକୃତିକ ସମ୍ପଦକୁ ଏକ ସୁଦୃଢ଼ ଉଦ୍ୟୋଗ-ଭିତ୍ତିକ ପରିବେଶରେ ପରିଣତ କରିବା ସକାଶେ ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସାଜିଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ ବାଉଁଶ



ସ୍ଥାୟୀ ଜୀବିକା ଓ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳନା ଶକ୍ତି ହେବାର ସାମର୍ଥ୍ୟ ରଖେ। ଏହାର ବିକାଶ ପାଇଁ ଏକ ସମନ୍ୱିତ ଓ ଶିଳ୍ପୋନ୍ମୁଖୀ ଆଭିମୁଖ୍ୟ ଆବଶ୍ୟକ, ଯେଉଁଥିରେ ମୂଲ୍ୟ ବୃଦ୍ଧି ଓ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଶ୍ରୀ ଶର୍ମା କହିଥିଲେ।

## ଯକ୍ଷ୍ମା ଦେଉଛି ଯମ ଯନ୍ତ୍ରଣା

ଭୁବନେଶ୍ୱର, ୩୦।୩ (ସଂଚାର ବ୍ୟୁରୋ) : ରାଜ୍ୟରେ ମାରାତ୍ମକ ରୂପ ନେଇଛି ଯକ୍ଷ୍ମା ରୋଗ। ଯକ୍ଷ୍ମା ଭଳି ଦୁରାରୋଗ୍ୟରୁ ଭଲ ହେଉନାହାନ୍ତି ରୋଗୀ। ୨୦୨୨ରେ ୫୯ ହଜାର ୭୩୨ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୨୬ ହଜାର ୧୨୬ ରୋଗୀ ସୁସ୍ଥ ବା ରୋଗମୁକ୍ତ ହୋଇପାରିଛନ୍ତି। ଚିନ୍ତାର ବିଷୟ ହେଉଛି, ୩୩ ହଜାର ୬୦୬ ରୋଗୀ ଯକ୍ଷ୍ମା କବଳରୁ ମୁକ୍ତି ପାଇପାରିନାହାନ୍ତି। ୨୦୨୩ରେ ୬୧ ହଜାର ୨୮୫ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୨୭ ହଜାର ୩୪୫ ରୋଗୀ ସୁସ୍ଥ ବା ରୋଗମୁକ୍ତ ହୋଇଛନ୍ତି। ୩୩ ହଜାର ୯୪୦ ରୋଗୀ ଯକ୍ଷ୍ମା କବଳରୁ ମୁକ୍ତି ପାଇପାରିନାହାନ୍ତି। ୨୦୨୪ରେ ୫୯ ହଜାର ୮୧୯ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୨୮ ହଜାର ୫୭ ରୋଗୀ ସୁସ୍ଥ ହୋଇଥିବା ବେଳେ ୩୧ ହଜାର ୭୬୨ ରୋଗୀ ଯକ୍ଷ୍ମା କବଳରୁ ମୁକ୍ତି ପାଇପାରିନାହାନ୍ତି। ୩ ବର୍ଷରେ ପ୍ରାୟ ଲକ୍ଷେ ରୋଗୀ ଚିକିତ୍ସା ସତ୍ତ୍ୱେ ବି ସୁସ୍ଥ ହୋଇନାହାନ୍ତି। ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପରୋକ୍ତ ସୂଚନା ଦେଇଛନ୍ତି।

'ଅଙ୍ଗ ପ୍ରତିରୋପଣ ଓ ସ୍ୱାସ୍ଥ୍ୟସେବାରେ ଏଆଇର ଉପଯୋଗ' କର୍ମଶାଳା

# ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଉତ୍ପ୍ରେରକ ହେବ ଏଆଇ

- ଅଙ୍ଗ ପ୍ରତିରୋପଣରେ ଭାରତ ବିଶ୍ୱର ୩ୟ ଶ୍ରେଷ୍ଠ ଦେଶ
- ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବ ଏମ୍ସ ଭୁବନେଶ୍ୱର




ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଏମ୍ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ ଆଜି ଅଙ୍ଗ ପ୍ରତିରୋପଣ ଓ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା (ସିଏମ୍‌ଇ) ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ସହ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରୁ ୩୦୦ରୁ ଊର୍ଦ୍ଧ୍ୱ ଚିକିତ୍ସକଙ୍କ ସମେତ ଅଙ୍ଗ ପ୍ରତିରୋପଣ ଓ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ଷେତ୍ରର ପ୍ରସିଦ୍ଧ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ଏମ୍ସ ପାଟ୍‌ନା, ଏମ୍ସ ଦେଓଘର, ଏମ୍ସ କଲ୍ୟାଣୀ ଓ ଏମ୍ସ ଭୁବନେଶ୍ୱରର ପ୍ରତିନିଧିମାନେ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଅତିରିକ୍ତ ଶାସନ ସଚିବ ଶୁଭାଶିଷ ପଣ୍ଡା ଅଙ୍ଗ ପ୍ରତିରୋପଣରେ ଏଆଇର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶାଳ ଡାଟାବେସ୍‌କୁ ଏକୀକୃତ କରିବା, ବିଶେଷଜ୍ଞମାନଙ୍କୁ ନିଷ୍ପତ୍ତି ନେବାରେ ସହାୟତା ପୂର୍ବକ ଏଆଇ ଅଙ୍ଗ ପ୍ରତିରୋପଣକୁ ବ୍ୟବସ୍ଥିତ ଓ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଉତ୍ପ୍ରେରକର ଭୂମିକା ନିର୍ବାହ କରିବ। ସେହିପରି ଅଙ୍ଗ ପ୍ରତିରୋପଣରେ ଭାରତ ବିଶ୍ୱର ତୃତୀୟ ଶ୍ରେଷ୍ଠ ଦେଶ। ଗତ ବର୍ଷ ପ୍ରାୟ ୨୦ ହଜାର ପ୍ରତିରୋପଣ କରାଯାଇଥିଲା। ପ୍ରାୟ ୮୨ ପ୍ରତିଶତ ଅଙ୍ଗଦାନ ଜୀବିତ ଦାତାଙ୍କଠାରୁ ଆସୁଥିବା ବେଳେ ଏ କ୍ଷେତ୍ରରେ ମହିଳାମାନେ ଆଗରେ ରହିଛନ୍ତି। ପ୍ରତିରୋପଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ କ୍ଷେତ୍ରରେ ଥିବା ବେଳେ ଏହା ସୁଲଭତାକୁ ସୀମିତ କରେ। ତେଣୁ ଜନ ସଚେତନତା ବୃଦ୍ଧି ଓ ସରକାରୀ ପ୍ରତିଷ୍ଠାନରୁ ଅଧିକ ଅଂଶଗ୍ରହଣର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଣ୍ଡା କହିଥିଲେ। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଡ. ଆଶୁତୋଷ ବିଶ୍ୱାସ ଦାତାପୁଲ୍‌କୁ ବିସ୍ତାର କରିବା, ସଂସ୍ଥାଗତ ପ୍ରସ୍ତୁତିକୁ ମଜବୁତ କରିବା, ଜାତୀୟ ନୀତି ରଣନୀତି ସହ ସମନ୍ୱୟ ରଖିବା ଜରୁରୀ ବୋଲି କହିଥିଲେ। ଏହାଛଡ଼ା ନାମ୍ସ ସଭାପତି ଡ. ଦିଗମ୍ବର ବେହେରା ଅଙ୍ଗଦାନ କ୍ଷେତ୍ରରେ ଚାହିଦା ଓ ଯୋଗାଣ ମଧ୍ୟରେ ରହିଥିବା ସ୍ପଷ୍ଟ ପାର୍ଥକ୍ୟ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଆଇଆଇଟି ଭୁବନେଶ୍ୱର, ପିଜିଆଇଏମ୍‌ଇଆର ଚଣ୍ଡିଗଡ଼, ନାଇସର୍ ଭୁବନେଶ୍ୱର, ଓଟିଟିଇଟି, ଆଇଜର୍ ବ୍ରହ୍ମପୁର, ଆଇଜିଆଇଏମ୍‌ଏସ ପାଟନା, ରୋଟ୍ଟୋ ଓ ସୋଟ୍ଟୋ ସଂଗଠନର ବିଶିଷ୍ଟ ବିଶେଷଜ୍ଞ ମଧ୍ୟ ସାମିଲ ହୋଇଥିଲେ।

# କଲବଲ କରୁଛି ରନ୍ଧନ ଗ୍ୟାସ ସିଲିଣ୍ଡରେ

ଭୁବନେଶ୍ୱର,୩୦।୩ଃପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ ସିଲିଣ୍ଡର ଉପଲବ୍ଧ ଅଛି ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର ସୂଚନା ଦିଆଯାଉଥିଲେ ମଧ୍ୟ ସିଲିଣ୍ଡର ପାଇଁ ଲୋକେ ଉହଲବିକଳ ହେଉଛନ୍ତି। କେବଳ ଘରୋଇ ଉପଭୋକ୍ତା ନୁହଁନ୍ତି, ସିଲିଣ୍ଡର ବ୍ୟବହାର କରୁଥିବା ରାସ୍ତାକଡ଼ ଠେଲା ଦୋକାନ କରି ପରିବାର ଚଳାଉଥିବା ଲୋକେ ବି ଉପବାସରେ ଦିନ କାଟିବାକୁ ବାଧ୍ୟ ହେଉଛନ୍ତି।

ଇତିମଧ୍ୟରେ ରାଜଧାନୀର ଅନେକ ଠେଲା ଦୋକାନ ସହ ଛୋଟ ଛୋଟ ହୋଟେଲ ବନ୍ଦ ହୋଇଗଲାଣି। ରନ୍ଧନ ଗ୍ୟାସ ସିଲିଣ୍ଡର ଅଭାବ ଏହାର ମୁଖ୍ୟ କାରଣ। ଯେଉଁ ହୋଟେଲ ଓ ଜଳଖିଆ ଦୋକାନରେ କାଠଚୂଲି ପାଇଁ ସ୍ଥାନ ଅଛି, ସେମାନେ କୌଣସି ପ୍ରକାରେ ହୋଟେଲ ଚଳାଉଥିଲେ ମଧ୍ୟ ଜଳଖିଆଠାରୁ ମିଲ୍ ପର୍ଯ୍ୟନ୍ତ ସବୁର ଦର ଢେର ବଢ଼ାଇ ଦେଉଛନ୍ତି। ଏମିତିକି କାଠଚୂଲା ବ୍ୟବହାର କରୁଥିବା ଦୋକାନୀମାନଙ୍କୁ ବିକିବା ପାଇଁ ସରକାରୀ କାଠଗୋଲାରେ ମଧ୍ୟ ଜାଳେଣି କାଠର ଘୋର ଅଭାବ ରହିଛି।



ଗ୍ୟାସ ବିତରକମାନେ କହୁଛନ୍ତି ଯେ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରୀ ହେବା ଓ ସହର ବଢୁଥିବାରୁ ଗତ ୧୫ ବର୍ଷ ଭିତରେ ରନ୍ଧନ ଗ୍ୟାସ ଗ୍ରାହକଙ୍କ ସଂଖ୍ୟା ଢେର ବଢ଼ିଯାଇଛି। ତେବେ ଜଣେ ଜଣେ ଡିଲରଙ୍କ ପାଖରେ ଯେତେ ପଞ୍ଜିକୃତ ସିଲିଣ୍ଡର ଉପଭୋକ୍ତା ରହିଛନ୍ତି, ସେମାନଙ୍କ ଭିତରୁ ପ୍ରାୟ ୪୦ ପ୍ରତିଶତ ଦୀର୍ଘବର୍ଷ ଧରି ଗ୍ୟାସ ବୁକିଂ କରୁ ନ ଥିବା ବେଳେ ଏବେ ସଙ୍କଟ ସମୟରେ ଏମାନେ ବୁକିଂ କରିଚାଲିଛନ୍ତି। ତେଣେ ଜଣେ ଜଣେ ଡିଲରଙ୍କୁ ମାସିକ ହାରାହାରି ଯେତେ ପରିମାଣର ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଏ, ସେ ସଂଖ୍ୟା ମଧ୍ୟ କିଛି ପରିମାଣରେ ହ୍ରାସ ପାଇଥିବା ବେଳେ ବୁକିଂ ପରିମାଣ ୪୦ରୁ ୫୦ ପ୍ରତିଶତ ବଢ଼ିଥିବାରୁ ଗ୍ୟାସ ଯୋଗାଇବା ସମ୍ଭବପର ହେଉନାହିଁ।

ନୂଆ ବ୍ୟବସ୍ଥା ଅନୁଯାୟୀ, ଥରେ ଗ୍ୟାସ ସିଲିଣ୍ଡର ପାଇବାର ୨୫ ଦିନ ପରେ ଜଣେ ଉପଭୋକ୍ତା ଆଉ ଗୋଟିଏ ସିଲିଣ୍ଡର ପାଇଁ ବୁକ୍ କରିପାରିବେ। ତେବେ ବୁକିଂ କରାଯିବାର କେତେଦିନ ଭିତରେ ଗ୍ୟାସ ମିଳିବ, ସେନେଇ ନିର୍ଦ୍ଦିଷ୍ଟ ଗ୍ୟାରେଣ୍ଟି କେହି ବି ଦେଇପାରୁନାହାନ୍ତି। ବିଶେଷକରି ବିଭିନ୍ନ ଆପାର୍ଟମେଣ୍ଟ, ବହୁତଳ ବିଶିଷ୍ଟ ପ୍ରାସାଦଗୁଡ଼ିକରେ ରହୁଥିବା ପରିବାର ପାଇଁ କାଠ କିମ୍ବା କୋଇଲା ଚୂଲା ବ୍ୟବହାର କରିବା ସମ୍ଭବପର ନୁହେଁ।

ପର୍ଯ୍ୟାପ୍ତ ପରିମାଣର କୋଇଲା କିମ୍ବା ଜାଳେଣି କାଠ ମିଳୁ ନ ଥିବା ବେଳେ ସରକାର ପେଟ୍ରୋଲ ପମ୍ପ ମାଧ୍ୟମରେ କିରୋସିନ୍ ଯୋଗାଇବାକୁ କହୁଛନ୍ତି। ଫଳରେ ଲୋକେ ଏଠାରୁ କିରୋସିନ୍ ସଂଗ୍ରହ କରି ଷ୍ଟୋଭରେ ରୋଷେଇ କରିପାରିବେ। ଗ୍ୟାସ ସଙ୍କଟ ପରିପ୍ରେକ୍ଷୀରେ ରାଜଧାନୀରେ ଇଣ୍ଡକସନ୍ ଚୂଲା ବିକ୍ରି ଗତ ୨୦ ଦିନ ଭିତରେ ଢେର ବଢ଼ିଯାଇଛି। ଏମିତିକି ବହୁ ଦୋକାନ ଚାହିଦା ମୁତାବକ ଇଣ୍ଡକସନ୍ ଚୂଲା ଯୋଗାଇ ପାରୁନାହାନ୍ତି। ଏଭଳି ସ୍ଥିତିରେ ସୌରଚୂଲା ଏକ ଭଲ ବିକଳ୍ପ ହୋଇଥିଲେ ମଧ୍ୟ ସରକାରଙ୍କ ଅକ୍ଷୟ ଶକ୍ତି ବିକାଶ ନିଗମ (ଓରେଡା) ପୂର୍ବଭଳି ଆଉ ସୌରଚୂଲା ଯୋଗାଉନାହିଁ। ଏଣେ ଇଣ୍ଡକସନ୍ ଚୂଲା ଯେଉଁମାନେ ବ୍ୟବହାର କରୁଛନ୍ତି, ସେମାନଙ୍କର ବିଦ୍ୟୁତ୍ ବିଲ୍ ବି ଢେର ବଢ଼ିଯାଉଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧର ସଙ୍କଟ ଟଳୁ ନ ଥିବାରୁ ଆଗାମୀ ଦିନରେ ଗ୍ୟାସ, ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଆଦିର ସମସ୍ୟା ବଢ଼ିପାରେ ବୋଲି ସାଧାରଣ ଲୋକେ ଆଶଙ୍କା କରୁଛନ୍ତି। ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରୀ କରାଯିବା ସମୟରେ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କୋଇଲା ଓ କାଠଚୂଲି ବ୍ୟବହାର କଲେ ବିଭିନ୍ନ କିସମର ରୋଗ ହୋଇଥାଏ ବୋଲି ଯେଉଁ ପ୍ରଚାର କରାଯାଇଥିଲା, ସେ ଭୟରେ ଅନେକ ପରିବାର ମଧ୍ୟ କାଠ ଓ କୋଇଲା ଚୂଲା ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ତେବେ ରାଜଧାନୀର ବିଭିନ୍ନ ହାଟରେ ମାଟି ନିର୍ମିତ ଉଠା କାଠଚୂଲା ବିକ୍ରି ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ଯୁଦ୍ଧ ଓ ମଧ୍ୟବିତ୍ତଙ୍କ ରୋଷେଇ ବଜେଟ୍

ଭାରତର ମଧ୍ୟବିତ୍ତ ବର୍ଗ ପାଇଁ ରୋଷେଇ ଘର ହେଉଛି ଜୀବନର କେନ୍ଦ୍ରବିନ୍ଦୁ। କିନ୍ତୁ ଆଜି ସେହି ରୋଷେଇ ଘରର ବଜେଟ ଯୁଦ୍ଧର ଜ୍ୱାଳାରେ ପୋଡ଼ି ଯାଉଛି । ଇରାନ-ଆମେରିକା ଯୁଦ୍ଧରେ ବିଶ୍ୱ ଅର୍ଥନୀତିରେ ଯେଉଁ ଅସ୍ଥିରତା ସୃଷ୍ଟି ହୋଇଛି, ତାହାର ପ୍ରତ୍ୟକ୍ଷ ଆଘାତ ଭାରତୀୟ ମଧ୍ୟବିତ୍ତ ପରିବାରର ରୋଜଗାର ଓ ରୋଷେଇ ଘର ଉପରେ ପଡ଼ିଛି । ଗହମ, ସୂର୍ଯ୍ୟମୁଖୀ ତେଲ, ପାମ ତେଲ ଏବଂ ସାର ସାମଗ୍ରୀର ଯୋଗାଣ ଶୃଙ୍ଖଳା ଭାଙ୍ଗି ଯାଇଛି। ଫଳରେ ଦେଶର ଖାଦ୍ୟ ମୂଲ୍ୟ ସୂଚକାଙ୍କ ଆକାଶ ଛୁଆଁ ହୋଇଛି। ଏକ ସାଧାରଣ ମଧ୍ୟବିତ୍ତ ପରିବାରର ମାସିକ ରୋଷେଇ ଖର୍ଚ୍ଚ ଗୋଟିଏ ବର୍ଷ ଭିତରେ ୨୫ ରୁ ୪୦ ପ୍ରତିଶତ ବୃଦ୍ଧି ପାଇଛି । ଏହା କେବଳ ଏକ ସଂଖ୍ୟା ନୁହେଁ, ଏହା ହେଉଛି ଲକ୍ଷ ଲକ୍ଷ ପରିବାରର ଦୈନନ୍ଦିନ ସଂଘର୍ଷର କାହାଣୀ । ଭୁବନେଶ୍ୱର, କଟକ କିମ୍ବା ରାଉରକେଲାର ଏକ ମଧ୍ୟବିତ୍ତ ପରିବାରର ଆର୍ଥିକ ସ୍ଥିତିକୁ ଆକଳନ କଲେ ଏହା ସ୍ପଷ୍ଟ ବୁଝାପଡିବ। ସ୍ୱାମୀ ଏକ ସରକାରୀ ଚାକିରୀ କରନ୍ତି, ମାସିକ ଆୟ ୫୦ ହଜାର ଟଙ୍କା। ପୂର୍ବରୁ ରନ୍ଧନ ପାଇଁ ମାସକୁ ୮ ହଜାର ଟଙ୍କା ଖର୍ଚ୍ଚ ହେଉଥିଲା। ଆଜି ସେହି ଖର୍ଚ୍ଚ ୧୨ ହଜାର ଟଙ୍କା ଛୁଇଁଛି। କଞ୍ଚା ତେଲର ଦର ୧୮୦ ଟଙ୍କା କିଲୋରୁ ବଢ଼ି ୨୫୦ ଟଙ୍କା ହୋଇଛି। ଡାଲିର ମୂଲ୍ୟ ପ୍ରତି କିଲୋ ୧୨୦ ଟଙ୍କାରୁ କମୁନାହିଁ। ପିଆଜ, ଆଳୁ, ଟମାଟୋ ଭଳି ପିନିପରିବା ମଧ୍ୟ ଅସ୍ଥାୟୀ ଯୋଗାଣ ଅସୁବିଧା ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ହେତୁ ମହଙ୍ଗା ହେବା ଆରମ୍ଭ ହୋଇଛି। ଯୁଦ୍ଧ କାରଣରୁ ଜାହାଜ ପରିବହନ ଖର୍ଚ୍ଚ ବଢ଼ିବା ସହ ଭାରତର ଆମଦାନୀ ନିର୍ଭରଶୀଳ ଖାଦ୍ୟ ତୈଳ ଏବଂ ଖାଦ୍ୟ ଶସ୍ୟର ମୂଲ୍ୟ ବଢ଼ିଛି। ଫଳରେ କେବଳ ରନ୍ଧନ ନୁହେଁ, ଗ୍ୟାସ ସିଲିଣ୍ଡର ଯୋଗାଣ ବାଧାପ୍ରାପ୍ତ ହୋଇଛି। ବ୍ଲାକରେ ତିନିଗୁଣା ଦେଇ କଣିବାକୁ ବାଧ୍ୟ ହେଉଛନ୍ତି ମଧ୍ୟବିତ୍ତ ପରିବାର। ଏହି ବୃଦ୍ଧିକୁ ସହଜରେ ନେଇପାରୁନାହାନ୍ତି ମଧ୍ୟବିତ୍ତ।




ଏହି ପରିସ୍ଥିତିର ସବୁଠୁ ବଡ଼ ଶିକାର ହେଉଛନ୍ତି ମହିଳା ଏବଂ ଶିଶୁ । ପରିବାରର ମହିଳା ସଦସ୍ୟ ରୋଜ ବଜାର ଯାଇ କମ୍ ଖର୍ଚ୍ଚରେ ଅଧିକ ପୋଷଣ ଯୋଗାଡ଼ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ମାଛ, ମାଂସ, ଦୁଗ୍ଧ ଏବଂ ଫଳର ମୂଲ୍ୟ ବଢ଼ିବା ଫଳରେ ପରିବାରର ପୋଷଣ ସ୍ତର କମିଯାଉଛି। ଶିଶୁମାନଙ୍କ ପାଇଁ ଦୁଗ୍ଧ ଏବଂ ପୁଷ୍ଟିକର ଖାଦ୍ୟ କମ ହେବା ଫଳରେ ଭବିଷ୍ୟତ ପିଢ଼ିର ସ୍ୱାସ୍ଥ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଖର୍ଚ୍ଚ କମ କରି ରନ୍ଧନ ବଜେଟ୍ ସମ୍ଭାଳିବା ପରିବାରଗୁଡ଼ିକ ଏକ ବଡ଼ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ଏହା କେବଳ ଆର୍ଥିକ ସଙ୍କଟ ନୁହେଁ, ଏହା ହେଉଛି ଜୀବନଯାତ୍ରାର ମାନ ହ୍ରାସ ।

ସରକାର କିଛି ପଦକ୍ଷେପ ନେଇଛନ୍ତି । ଖାଦ୍ୟ ତୈଳ ଉପରେ ଶୁଳ୍କ କମାଣ, ପିଏମ୍ କିସାନ୍ ସମ୍ମାନ ନିଧି ଏବଂ ପବ୍ଲିକ୍ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ୍ ମାଧ୍ୟମରେ କିଛି ରାହତ ଦିଆଯାଉଛି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ମଧ୍ୟବିତ୍ତ ବର୍ଗ ଏହି ସହାୟତାର ଲାଭ ପାଉନାହାନ୍ତି । ସରକାରଙ୍କୁ ଆତ୍ମନିର୍ଭର ଭାରତ ଅଭିଯାନକୁ ଜୋରଦାର କରି ଖାଦ୍ୟ ତୈଳ ଏବଂ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ସେହିପରି ଅନ୍ତର୍ଜାତୀୟ ମଞ୍ଚରେ ଯୁଦ୍ଧ ବିରୋଧୀ କଣ୍ଠସ୍ୱର ଉଠାଇବା ଆବଶ୍ୟକ । ଯୁଦ୍ଧ କେବଳ ଯୁଦ୍ଧକ୍ଷେତ୍ରରେ ନୁହେଁ, ପ୍ରତି ଘରର ରନ୍ଧନ ଘରେ ମଧ୍ୟ ଲଢ଼େଇ ଚଳାଉଛି ।

ଏହି ସଙ୍କଟର ସମାଧାନ ପାଇଁ ସରକାର, କୃଷକ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଏକ ସମନ୍ୱିତ ପ୍ରୟାସ ଆବଶ୍ୟକ । ମଧ୍ୟବିତ୍ତ ପରିବାରର ରନ୍ଧନ ବଜେଟ୍ କେବଳ ଏକ ଆର୍ଥିକ ସମସ୍ୟା ନୁହେଁ, ଏହା ଦେଶର ସାମାଜିକ ସ୍ଥିରତାର ପ୍ରଶ୍ନ । ଯଦି ଏହି ବର୍ଗ ଭାଙ୍ଗି ପଡ଼େ, ତେବେ ଦେଶର ଅର୍ଥନୀତିର ମେରୁଦଣ୍ଡ ଦୁର୍ବଳ ହୋଇଯିବ । ତେଣୁ ଏହି ଯୁଦ୍ଧଜନିତ ମୂଲ୍ୟ ବୃଦ୍ଧି ବିରୋଧରେ ଏକ ଦୃଢ଼ ନୀତି ଏବଂ ଆତ୍ମନିର୍ଭରତାର ପଥ ଆଜିର ଜରୁରୀ ଆବଶ୍ୟକତା । ନହେଲେ ମଧ୍ୟବିତ୍ତ ପରିବାରର ରୋଷେଇ ଘର ଆଉ ସ୍ୱପ୍ନର ଘର ରହିବ ନାହିଁ, କେବଳ ଏକ ସଂଘର୍ଷର କେନ୍ଦ୍ର ହୋଇ ରହିବ।

# ସାହିତ୍ୟର ଏକ ବିଶ୍ଳେଷଣ

**ଅନୀତା ପଟ୍ଟନାୟକ**



ଦିନେ ସରଳା ବହି ବସ୍ତାନି ଫିଙ୍ଗିଦେଇ ତାର ମାକୁ କହିଲା ମୁଁ ଆଉ ସ୍କୁଲକୁ ଯିବି ନାହିଁ। ମା' ବିଦ୍ୟାବତୀ ଏପରି କାହିଁକି କହୁଛି ବୋଲି ପଚାରିଲେ ସରଳା କହିଲ ମୁଁ ସାରଙ୍କୁ ପଚାରିଲି ସାହିତ୍ୟ ଅର୍ଥ କ'ଣ? ସାର ମତେ କହିଲେ ସବୁର କ'ଣ ଅର୍ଥ ଥାଏ? ସାହିତ୍ୟ ଏକ ବିଷୟ ଯାହାକୁ ପଢ଼ିବାକୁ ହୁଏ। ମା କହିଲେ, ସାହିତ୍ୟର ଅର୍ଥ 'ଯିଏ ସତତ୍ ଯାଏ' ଅଜ୍ଞାନ ଅବିଦ୍ୟା ପ୍ରଭୃତି ଦୂର କରିବା ପାଇଁ ଶାସ୍ତ୍ର ଓ ସାହିତ୍ୟ ପଢ଼ାଯାଏ। ବେଦ, ଗୀତା, ଉପନିଷଦ ଏସବୁ ପୁରୁଣା ସାହିତ୍ୟ। କୋରାନ, ବାଇବେଲ, ତ୍ରିପିଟକ, ବିଭିନ୍ନ ଧର୍ମଗ୍ରନ୍ଥ ମଧ୍ୟରେ ସାହିତ୍ୟ। ଏହା ଆମକୁ ଉଚିତ ରାସ୍ତାରେ ଚାଲିବା ପାଇଁ ରାସ୍ତା ଦେଖାଇଥାଏ। ଏହି ସମୟରେ ସରଳାର ପିତା ଅରୁଣବାବୁ ଆସି ପହଞ୍ଚିଲେ ସେ ମା ଝିଅଙ୍କର କଥପୋକଥନ ଶୁଣି ସେ କହିଲେ ସ୍କୁଲକୁ ଯିବ, ପଢ଼ିବାକୁ ଚେଷ୍ଟା କରିବା ଦୁର୍ବଳତା ନୁହେଁ ବରଂ ଚେଷ୍ଟା ନକରିବା ହିଁ ଦୁର୍ବଳତା ବିଜ୍ଞାନରେ ତଥ୍ୟ ଅଳ୍ପଥାଏ, କିନ୍ତୁ ପ୍ରୟୋଗ ଅଧିକ। ଥାଏ। କିନ୍ତୁ ମା ଯେଉଁ ସାହିତ୍ୟ ବିଷୟବସ୍ତୁ ଗୁଡ଼ିକରେ କହୁଥିଲେ ସେଥିରେତଥ୍ୟ ଅଧିକ ଥାଏ କିନ୍ତୁ ମଣିଷମାନେ ଏହି ତଥ୍ୟକୁ ଜାଣିବାକୁ ଓ ପ୍ରୟୋଗ କରିବାକୁ କମ ପ୍ରୟାସ କରିଥାନ୍ତି।

ଝିଅକୁ ଗେହ୍ଲାକରି ବାପା କହିଲେ ସାହିତ୍ୟ ଅଧ୍ୟୟନ କଲେ ଜ୍ଞାନ ଅର୍ଜନ ହୁଏ। ଓ ଜ୍ଞାନକୁ ଉଚିତ ମାର୍ଗରେ ପ୍ରୟୋଗ କଲେ ଆନନ୍ଦ ମିଳେ। ସାହିତ୍ୟକୁ ଅଧ୍ୟୟନ ନକରି ପ୍ରୟୋଗ କରିବା ଏକ ସ୍ଥାଣୁତା। ସେଥିପାଇଁ ମଣିଷ ଦୁଃଖ କଷ୍ଟ ପାଇଥାଏ। ସରଳା ତାର ପିଲାଳିଆ ବୁଦ୍ଧିରେ କହିଲା ବାପା! ସାହିତ୍ୟ ସମାଜର କି ଉପକାରରେ ଆସେ। ତୁମେ ଗୋଟିଏ କଥା କୁହ ଓ ମା ଗୋଟିଏ କଥା କହୁ। ଅରୁଣବାବୁ କହିଲେ, ସାହିତ୍ୟ ଅଧ୍ୟୟନ କଲେ ଜୀବନର ସବୁ କ୍ଷେତ୍ରରେ କିପରି ସାଧୁତା ବଜାୟ ରଖିବାକୁ ହେବ ତାହା ଆମେ ଶିକ୍ଷା କରିପାରିବା। ବିଦ୍ୟାବତୀ କହିଲେ ରାଜନୀତିରେ କିପରି ନିର୍ମଳତା ରକ୍ଷା କରାଯାଇ ପାରିବ ତାହା ସାହିତ୍ୟରୁ ମିଳିପାରିବ। ଅରୁଣ କହିଲେ, ଏ ଦେଶରେ ଅର୍ଥନୈତିକ ସମାନତା କିପରି ଆସି ପାରିବ ତାହା ଆମେ ସାହିତ୍ୟ ଅଧ୍ୟୟନ କରି ଜାଣିପାରିବା ଓ ଆଣି ପାରିବା। ବିଦ୍ୟାବତୀ କହିଲେ ସମାଜରେ ଏକତ୍ୱବୋଧ କିପରି ବିକଶିତ ହୋଇପାରିବ ତାହା ଆମେ ସାହିତ୍ୟରୁ ଜାଣି ପାରିବା।

ଅରୁଣବାବୁ ଗେଲ କରି ଝିଅକୁ କହିଲେ ସ୍କୁଲକୁ ନଯିବା କଥା କେବେ କହିବୁ ନାହିଁ। ତୁ ଧୀରେ ଧୀରେ ବଡ଼ ହେଲେ ଆଧ୍ୟାତ୍ମିକତାରେ ଅଦ୍ୱେତ ଭାବ ପ୍ରସାର ହୋଇପାରିବ ତାହା ଜାଣି ପାରିବୁ। ବିଦ୍ୟାବତୀ କହିଲେ ସାହିତ୍ୟ ଅଧ୍ୟୟନର ମୂଳ ମନ୍ତ୍ର ଚରିତ୍ର ଗଠନ। ଅରୁଣ ବାବୁ ତତ୍‌କ୍ଷଣାତ୍ କହି ଉଠିଲେ ସାହିତ୍ୟ ଅଧ୍ୟୟନରେ ଜ୍ଞାନର ପରିସମାପ୍ତି ଘଟେ ଓ ଜୀବନରେ ପ୍ରେମ ବିକଶିତ ହୁଏ। ବିଦ୍ୟାବତୀ କହିଲେ, ସାହିତ୍ୟ ମୋକ୍ଷ ପ୍ରାପ୍ତିର ମାର୍ଗଦର୍ଶକ ହୋଇଥାଏ। ସରଳା ତୋ ଛୋଟ ବୁଦ୍ଧିରେ କହିଲା ସାର ଶ୍ରେଣୀରେ ମଜା କରିକହୁଥିଲେ 'ଋବଙ୍କସକ୍ଷଛ ଅର୍ଥ ଋବସ୍ବଷରକ୍ସ ଚ ଗକ୍ଷସ୍ବଷରକ୍ସ ଓ କ୍ଷକ୍ଷଙ୍ଗର ଛକ୍ଷଙ୍ଗ' ଓ ଏହା ମଧ୍ୟ କହୁଥିଲେ ଆମେ ସ୍କୁଲକୁ ଯିବାକୁ ଅଭ୍ୟାସ କରିବା ଉଚିତ। ଏ ବର୍ଷ କୁଆଡ଼େ ନଅ ହଜାରରୁ ଅଧିକ ଛାତ୍ରଛାତ୍ରୀ ମ୍ୟାଟ୍ରିକ ପରୀକ୍ଷା ଦେଇ ନାହାଁନ୍ତି କାରଣ ସେମାନେ ସ୍କୁଲ ଯିବାର ଅଭାସ ରଖିନାହାଁନ୍ତି। କହୁଥିଲେ ଅଭ୍ୟାସକୁ ଇଂରାଜୀରେ ହାବିଟ୍ କୁହାଯାଏ। ପ୍ରଥମ ଅକ୍ଷର ଏଚକୁ କାଟିଦେଲେ ଏବିଆଇଟି ରହିଯାଏ। 'ଏ'କୁ କାଟି ଦେଲେ ବିଆଇଟି ରହିଯାଏ। 'ବି' କୁ କାଟିଦେଲେ ଇଟ ରହିଯାଏ। ସରଳା ସବୁ ଶୁଣିଲାପରେ କହିଲେ ମା ମୁଁ ସବୁଦିନ ସ୍କୁଲ ଯିବି।

ସିଡ଼ିଏ, କଟକ, ଦୂରଭାଷ:୯୬୯୨୯୮୦୦୨୬



# କୁଣ୍ଡଳୀରେ ଆନ୍ତଃଜାତି ବିବାହ ଯୋଗ ଓ ଜ୍ୟୋତିଷ ବିଚାର



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଦେଶରେ ପରିବର୍ତ୍ତିତ ସାମାଜିକ ପରିବେଶ ମଧ୍ୟରେ, ଆନ୍ତଃଜାତି ବିବାହ ବିଷୟରେ ଆଲୋଚନା ନିରନ୍ତର ବୃଦ୍ଧି ପାଉଛି। ତଥାପି, ଜ୍ୟୋତିଷମାନେ କୁହନ୍ତି ଯେ ଅନେକ କ୍ଷେତ୍ରରେ, ଆନ୍ତଃଜାତି ବିବାହ କେବଳ ସାମାଜିକ ପରିବର୍ତ୍ତନର ପରିଣାମ ନୁହେଁ ବରଂ କୁଣ୍ଡଳୀରେ ନିର୍ଦ୍ଦିଷ୍ଟ ଗ୍ରହ ସଂଯୋଗର ପରିଣାମ ମଧ୍ୟ। ଜ୍ୟୋତିଷ ବିଶେଷଜ୍ଞଙ୍କ ଅନୁଯାୟୀ, ଅନେକ ଯୁବକ ଯୁବତୀଙ୍କ ବିବାହରେ ଲଗାତାର ବିଳମ୍ବ କିମ୍ବା ନିଜ ଜାତି ମଧ୍ୟରେ ସମ୍ପର୍କ ସ୍ଥିର କରିବାରେ ଅସମର୍ଥତା କେବଳ ପାରିବାରିକ କିମ୍ବା ସାମାଜିକ କାରଣ ଯୋଗୁଁ ନୁହେଁ, ବରଂ ଜନ୍ମ କୁଣ୍ଡଳୀରେ ଗ୍ରହମାନଙ୍କର ପ୍ରଭାବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଯଦି କୁଣ୍ଡଳୀରେ ଆନ୍ତଃଜାତି ବିବାହର ଯୋଗ ଅଛି, ତେବେ ବ୍ୟକ୍ତି ନିଜ ଜାତି ବାହାରେ ବିବାହ କରିବାର ସମ୍ଭାବନା ଅଧିକ ଥାଏ। ଜ୍ୟୋତିଷ ଶାସ୍ତ୍ରୀମାନେ କୁହନ୍ତି ଯେ କୁଣ୍ଡଳୀର ସପ୍ତମ ସ୍ଥାନକୁ ବିବାହ ଏବଂ ଜୀବନସାଥୀ ସହିତ ଜଡିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବରେ ବିବେଚନା କରାଯାଏ। ଯଦି ଏହି ସ୍ଥାନ କିଛି ଗ୍ରହ ଦ୍ୱାରା ପ୍ରଭାବିତ ହୁଏ, ତେବେ ପାରମ୍ପରିକ ସୀମା ବାହାରେ ବିବାହ ହେବାର ସମ୍ଭାବନା ବୃଦ୍ଧି ପାଏ। ବିଶେଷକରି ରାହୁ ଏବଂ ଶନିଙ୍କୁ ଏପରି ଗ୍ରହ ଭାବରେ ବିବେଚନା କରାଯାଏ ଯାହା ପରମ୍ପରା ଏବଂ ସାମାଜିକ ମାନଦଣ୍ଡକୁ ଭାଙ୍ଗିଥାଏ। ତେଣୁ, ଯେତେବେଳେ ଏହି ଗ୍ରହଗୁଡ଼ିକ ସପ୍ତମ ସ୍ଥାନ କିମ୍ବା ଏହାର କର୍ତ୍ତାଙ୍କୁ ପ୍ରଭାବିତ କରନ୍ତି, ଜାତି, ଧର୍ମ କିମ୍ବା ସମାଜର ପରମ୍ପରା ବାହାରେ ବିବାହ ହେବାର ସମ୍ଭାବନା ବୃଦ୍ଧି ପାଏ।

ଜ୍ୟୋତିଷଶାସ୍ତ୍ରୀଙ୍କ ଅନୁସାରେ, ଯଦି କୌଣସି କୁଣ୍ଡଳୀର ସପ୍ତମ ସ୍ଥାନ ରାହୁ, ଶନି କିମ୍ବା କେତୁ ଭଳି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, କିମ୍ବା ଯଦି ସପ୍ତମ ଘରର କର୍ତ୍ତା ଏହି ଗ୍ରହମାନଙ୍କ ସହିତ ସଂଯୋଗ କିମ୍ବା ଦିଗକୁ ଥାଏ, ତେବେ ଏହାକୁ ଏକ ସଙ୍କେତ ଭାବରେ ବିବେଚନା କରାଯାଏ ଯେ ଜଣେ ବ୍ୟକ୍ତିଙ୍କ ବିବାହ ପାରମ୍ପରିକ ବ୍ୟବସ୍ଥାରୁ ବିଚ୍ୟୁତ ହୋଇପାରେ। ଏହା ବ୍ୟତୀତ, ବିବାହ ପାଇଁ ଦାୟୀ ଗ୍ରହଗୁଡ଼ିକ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପୁରୁଷମାନଙ୍କ କୁଣ୍ଡଳୀରେ ଶୁକ୍ର ଏବଂ ମହିଳାଙ୍କ କୁଣ୍ଡଳୀରେ ବୃହସ୍ପତିଙ୍କୁ ବିବାହର ମୁଖ୍ୟ କାରକ ଭାବରେ ବିବେଚନା କରାଯାଏ। ଯଦି ଏହି ଗ୍ରହଗୁଡ଼ିକ ରାହୁ, ଶନି କିମ୍ବା କେତୁ ଦ୍ୱାରା ପ୍ରଭାବିତ ହୁଅନ୍ତି, ତେବେ ଆନ୍ତଃଜାତି ବିବାହର ସମ୍ଭାବନା ଆହୁରି ଦୃଢ଼ ହୋଇଯାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏପରି କ୍ଷେତ୍ରରେ, ପରିବାର ପ୍ରାୟତଃ ନିଜ ଜାତି ମଧ୍ୟରେ ଏକ ମେଳ ଖୋଜନ୍ତି, କିନ୍ତୁ ବର୍ଷ ବର୍ଷ ଧରି ଚେଷ୍ଟା କରିବା ସତ୍ତ୍ୱେ, ବିବାହ ଅସ୍ଥିର ରହିଥାଏ। ଜ୍ୟୋତିଷମାନେ ଏହାକୁ କୁଣ୍ଡଳୀ ସୂଚକକୁ ଅଣଦେଖା ବୋଲି ବିବେଚନା କରନ୍ତି। ସେମାନେ ଯୁକ୍ତି ଦିଅନ୍ତି ଯେ ଯେତେବେଳେ ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚିତ କରେ, ସେତେବେଳେ ନିଜ ଜାତି ମଧ୍ୟରେ ମେଳ ଖୋଜିବା କେବଳ ସମୟ ନଷ୍ଟ କରେ ଏବଂ ବିବାହରେ ଅଯଥା ବିଳମ୍ବ କରେ। ଅନେକ କ୍ଷେତ୍ରରେ, ଯେତେବେଳେ ଏପରି ଜଣେ ଯୁବକ କିମ୍ବା ମହିଳା ଆନ୍ତଃଜାତି ବିବାହ ପାଇଁ ରାଜି ହୁଅନ୍ତି, ସେତେବେଳେ ବିବାହ ଶୀଘ୍ର ସ୍ଥିର ହୋଇଯାଏ। ଜ୍ୟୋତିଷମାନେ ଏହାକୁ ଅନେକ ଉଦାହରଣ ଦେଇ ବ୍ୟାଖ୍ୟା କରିଛନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ମେଷ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ଶୁକ୍ର ରାହୁ କିମ୍ବା ଶନିଙ୍କ ପ୍ରଭାବରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ଆନ୍ତଃଜାତି ବିବାହର ସମ୍ଭାବନା ଅଧିକ ଥାଏ। ସେହିପରି, ସିଂହ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ଶନି ରାହୁ କିମ୍ବା କେତୁଙ୍କ ସହିତ ସମ୍ପର୍କରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ନିଜ ଜାତି ବାହାରେ ବିବାହର ସମ୍ଭାବନା ବୃଦ୍ଧି ପାଏ। ସେହିପରି, ମୀନ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ବୁଧ ଏକ ଦୃଢ଼ ସ୍ଥିତିରେ ଥାଆନ୍ତି, କିନ୍ତୁ ରାହୁ, ଶନି କିମ୍ବା କେତୁଙ୍କ ପ୍ରଭାବରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ଏହାକୁ ମଧ୍ୟ ଆନ୍ତଃଜାତି ବିବାହର ଏକ ସ୍ପଷ୍ଟ ସଙ୍କେତ ବୋଲି ବିବେଚନା କରାଯାଏ। ଜ୍ୟୋତିଷମାନେ କୁହନ୍ତି ଯେ ଏହା କେବଳ ଏକ ସଂଯୋଗ ନୁହେଁ ବରଂ ଗ୍ରହମାନଙ୍କ ସ୍ଥିତି ଦ୍ୱାରା ଗଠିତ ଏକ ନିର୍ଦ୍ଦିଷ୍ଟ ମିଶ୍ରଣ। ଜ୍ୟୋତିଷ ବିଶେଷଜ୍ଞମାନେ ଏହା ମଧ୍ୟ କୁହନ୍ତି ଯେ ଯଦି କୁଣ୍ଡଳୀରେ ବିବାହ ଯୋଗ ଉପସ୍ଥିତି ସତ୍ତ୍ୱେ ବିବାହ ସମ୍ଭବ ନୁହେଁ, ତେବେ ଏହାର ଅର୍ଥ ନୁହେଁ ଯେ ବିବାହ ସମ୍ଭବ ନୁହେଁ। କେତେବେଳେ ରାଶିଫଳ କେବଳ ସେହି ଦିଗକୁ ସୂଚାଇଥାଏ ଯେଉଁ ଦିଗରେ ବିବାହ ସମ୍ଭବ ହେବ। ଯଦି ଜଣେ ବ୍ୟକ୍ତି ଏହି ଦିଗକୁ ବୁଝି ନିଷ୍ପତ୍ତି ନିଅନ୍ତି, ତେବେ ବିବାହରେ ବାଧା ସୃଷ୍ଟି ହେଉଥିବା ପ୍ରତିବନ୍ଧକଗୁଡ଼ିକ ସ୍ୱୟଂଚାଳିତ ଭାବରେ ଦୂର ହୋଇଯାଏ। ଏପରି କ୍ଷେତ୍ରରେ, ରାଶିଫଳକୁ ସଠିକ୍ ଭାବରେ ବୁଝିବା ଏବଂ ସେହି ଅନୁସାରେ ନିଷ୍ପତ୍ତି ନେବା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ସମାଜ ଆନ୍ତଃଜାତି ବିବାହ ଉପରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରଖିଥାଏ। ନୂତନ ପିଢ଼ି ଏହାକୁ ସାମାଜିକ ସମନ୍ୱୟ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ସହିତ ଯୋଡ଼ିଥାଏ, ତଥାପି ଅନେକ ପରିବାର ପାରମ୍ପରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଅନ୍ତି। ତଥାପି, ଜ୍ୟୋତିଷ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ରାଶିଫଳର ସଙ୍କେତକୁ ବୁଝିବା ଏବଂ ଏହା ଉପରେ ଆଧାରିତ ନିଷ୍ପତ୍ତି ନେବା ବୈବାହିକ ସମସ୍ୟାକୁ ଯଥେଷ୍ଟ ହ୍ରାସ କରିପାରିବ।




ଜ୍ୟୋତିଷ ଶାସ୍ତ୍ରରେ, ରାହୁ ଏବଂ ଶନିଙ୍କୁ ପରିବର୍ତ୍ତନ ଏବଂ ଅପାରମ୍ପରିକ ଚିନ୍ତାଧାରାର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଗ୍ରହଗୁଡ଼ିକର ପ୍ରଭାବ ପ୍ରାୟତଃ ଜଣେ ବ୍ୟକ୍ତିଙ୍କ ଜୀବନରେ ହଠାତ୍ ପରିବର୍ତ୍ତନ ଆଣେ। ବିବାହ କ୍ଷେତ୍ରରେ, ଏହି ପ୍ରଭାବ ପ୍ରାୟତଃ ସାମାଜିକ ସୀମା ଭାଙ୍ଗିବା ଭାବରେ ପ୍ରକାଶ ପାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏପରି ଗ୍ରହ ମିଶ୍ରଣ ଥିବା ଲୋକମାନେ ପ୍ରାୟତଃ ନିଜ ଜୀବନସାଥୀ ନିଜେ ବାଛନ୍ତି, ଏବଂ ପ୍ରେମ ବିବାହ କିମ୍ବା ଆନ୍ତଃଜାତି ବିବାହ ପାରମ୍ପରିକ ସମ୍ପର୍କ ଅପେକ୍ଷା ଅଧିକ ସମ୍ଭାବନା ଅଧିକ। ଜ୍ୟୋତିଷମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ଗ୍ରହମାନଙ୍କର ପ୍ରଭାବ ସହିତ ସାମାଜିକ ପରିବର୍ତ୍ତନ, ଆଧୁନିକ ସମୟରେ ଆନ୍ତଃଜାତି ବିବାହ ବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇପାରେ। ଅନେକ କ୍ଷେତ୍ରରେ, ପରିବାର ଏବଂ ସମାଜର ବିରୋଧ ସତ୍ତ୍ୱେ ବିବାହ ସଫଳ ହୁଏ, ଯାହା ଜ୍ୟୋତିଷଶାସ୍ତ୍ର ଅନୁସାରେ ଗ୍ରହମାନଙ୍କର ଅନୁକୂଳ ପ୍ରଭାବକୁ ଦାୟୀ କରାଯାଇଛି। ତଥାପି, ବିଶେଷଜ୍ଞମାନେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ କେବଳ ଏକ କୁଣ୍ଡଳୀ ଉପରେ ବିବାହ ନିଷ୍ପତ୍ତି ଆଧାରିତ କରିବା ଉଚିତ ନୁହେଁ। ପରିବାରର ସମ୍ମତି, ସାମାଜିକ ବୁଝାମଣା ଏବଂ ବ୍ୟକ୍ତିଗତ ବିଚାର ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ତଥାପି, ଯଦି ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚିତ କରେ, ତେବେ ଏହାକୁ ଅଣଦେଖା କରିବା ବିଳମ୍ବ କିମ୍ବା ବାରମ୍ବାର ବିଫଳତା ଆଣିପାରେ। ଜ୍ୟୋତିଷଶାସ୍ତ୍ର ବିଶେଷଜ୍ଞମାନେ କୁହନ୍ତି ଯେ ଏକ କୁଣ୍ଡଳୀ ଜଣେ ବ୍ୟକ୍ତିଙ୍କ ଜୀବନର ଦିଗକୁ ସୂଚାଇଥାଏ, ଏବଂ ଯଦି ଏହାର ସୂଚକକୁ ସଠିକ୍ ଭାବରେ ବୁଝାଯାଏ, ତେବେ ଜୀବନ ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ ହୋଇପାରିବ। ବିବାହ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ କୁଣ୍ଡଳୀର ଭୂମିକାକୁ ବୁଝିବା ପ୍ରାୟତଃ ସଠିକ୍ ଜୀବନସାଥୀ ବାଛିବାରେ ସହାୟକ ହୋଇଥାଏ। ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚାଇଥାଏ, ତେବେ ପରିବାର ଏବଂ ବ୍ୟକ୍ତି ଉଭୟଙ୍କୁ ଖୋଲା ମନରେ ନିଷ୍ପତ୍ତି ନେବାକୁ ପଡିବ। ସେ କୁହନ୍ତି ଯେ କୁଣ୍ଡଳୀ ବିବାହକୁ ରୋକେ ନାହିଁ ବରଂ ସଠିକ୍ ପଥ ଦେଖାଏ, ଏବଂ ସେହି ପଥକୁ ବୁଝି ଆଗକୁ ବଢ଼ିବା ଦ୍ୱାରା, ବିବାହ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବା ସମ୍ଭବ ହୁଏ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍:୮୨୪୯୫୦୨୭୭୬

# ଓଡ଼ିଆ ଜାତିର ଗର୍ବ ଓ ଗୌରବର ଦିବସ 'ଓଡ଼ିଶା ଦିବସ'



**ଚିତ୍ତରଞ୍ଜନ ପୃଷ୍ଟି**

ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେଉଛି ଉତ୍କଳ ଦିବସ।ଉତ୍କଳ ହେଉଛି ଉତ୍କୃଷ୍ଟ କଳା, ସଂସ୍କୃତି ଓ ଐତିହ୍ୟର ଭୂମି। ଯାହାର ଭାଷା,ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।ଉତ୍କଳ ହେଉଛି ଗର୍ବ ଓ ଗୌରବର କର୍ମଭୂମି।ଏହାର ଇତିହାସ କେବଳ ଯେ ମହାନ ତାହା ନୁହେଁ ଏହାର ସଂସ୍କୃତି ବି ନିଆରା।ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଏହି ପବିତ୍ର ଉତ୍କଳ ଭୂମି।କିନ୍ତୁ କାଳର କରାଳ ଚକ୍ରରେ ଏହା ହୋଇଯାଇଥିଲା ସଙ୍କୁଚିତ।ଦୀର୍ଘ ପାଞ୍ଚଶହ ବର୍ଷ ସୀମାହୀନ ଭାବେ ଖଣ୍ଡ ବିଖଣ୍ଡିତ ହୋଇ ରହିଥିଲା ଏହି ଭୂଖଣ୍ଡ।ଯୁଗଯୁଗ ଧରି ଓଡିଶାବାସୀଙ୍କୁ ସହ୍ୟ କରିବାକୁ ପଡିଥିଲା ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କର ଅତ୍ୟାଚାର।

୧୯୩୬ ମସିହା ଏପ୍ରିଲ ୧ ତାରିଖ ଥିଲା ଓଡିଶା ଇତିହାସରେ ଏକ ସ୍ମରଣୀୟ ଦିବସ। ପ୍ରତି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଗଠନ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହୋଇଥିଲା ଉତ୍କଳ। ଦେଶରେ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶାକୁ ମିଳିଥିଲା ସ୍ୱୀକୃତି। ସେତେବେଳେ ମାତ୍ର ୬ଟି ଜିଲ୍ଲା କଟକ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଗଞ୍ଜାମକୁ ନେଇ ଗଠନ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ।

୧୯୩୬ ମସିହା ଆଜିର ଦିନରେ ଏକ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବରେ ଘୋଷିତ ହୋଇଥିଲା ଓଡ଼ିଶା। ଭାଷାଭିତ୍ତିରେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇଥିଲା।ବହୁଘାତ, ପ୍ରତିଘାତ,ସଂଘର୍ଷ ଓ ସଂଗ୍ରାମରେ ଅବତୀର୍ଣ୍ଣ ହୋଇ ପରିଶେଷରେ ଓଡ଼ିଆ ଜାତି ପାଇଥିଲା ସ୍ୱତନ୍ତ୍ର ପରିଚୟ।ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଅନେକ ଜନନାୟକ ମହାମନୀଷୀ।ସେମାନେ ଓଡ଼ିଶାର ପ୍ରଗତି,ଓଡ଼ିଆ ଭାଷା,ସଂସ୍କୃତି ଓ ପରମ୍ପରାର ସମୃଦ୍ଧି ତଥା ଓଡ଼ିଆ ଜାତିର ସ୍ୱାଭିମାନର ସୁରକ୍ଷା ପାଇଁ କାର୍ଯ୍ୟ କରିଥିଲେ।କଳା-ସଂସ୍କୃତି, ଭାଷା-ସାହିତ୍ୟ, ବାଣିଜ୍ୟ-ବ୍ୟବସାୟ ଓ ସାମାଜିକ-ସାମରିକ ପରମ୍ପରା ପାଇଁ ଆମ ରାଜ୍ୟ ବିଶେଷ ଭାବେ ପରିଚିତ ଥିଲା। କ୍ରମେ ଏକାଧିକ କାରଣରୁ ପ୍ରଥମେ ଏହାର ସ୍ୱାଧୀନତା ଏବଂ ପରେ ସାମାଜିକ ନିରାପତ୍ତା, ଭାଷା ଓ ସଂସ୍କୃତି ଆଦି ସବୁ କିଛି ବିପନ୍ନ ହୋଇଥିଲା। ଏହାର ଭୌଗୋଳିକ ସୀମା ସଙ୍କୋଚନ ପରେ, ଅଣଓଡ଼ିଆମାନେ ତତ୍କାଳୀନ ବ୍ରିଟିସ୍ ସରକାରକୁ ପ୍ରଭାବିତ କରି ଏହାକୁ ଖଣ୍ଡ ଖଣ୍ଡ କରି ବାଣ୍ଟିନେବାକୁ ମସୁଧା କରିଥିଲେ।ସେମାନଙ୍କ ଷଡ଼ଯନ୍ତ୍ର ବିରୋଧରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାଶ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବ କବି ଗଙ୍ଗାଧର ମେହେର, ବିଚିତ୍ରାନନ୍ଦ ଦାସ, କର୍ମବୀର ଗୌରୀଶଙ୍କର ରାୟ ଓ ହରିହର ମର୍ଦରାଜ ଦେବ ଆଦିଙ୍କ ନେତୃତ୍ୱରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା।

୧୫୬୮ରେ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ଉତ୍କଳର ଭାଗ୍ୟ ଆକାଶରେ ଘୋଟିଆସିଲା ଘୋର ଦୁର୍ଦ୍ଦିନର କରାଳ ଛାୟା।ଉତ୍କଳ ଆକାଶର ସ୍ୱାଧୀନତା ରବି ଅସ୍ତମିତ ହୋଇଯାଇଥିଲା।ଆଫଗାନ,ମୋଗଲ ଓ ମରହଟ୍ଟା ଆକ୍ରମଣରେ ଉତ୍କଳ ହରାଇ ବସିଲା ତା'ର ସମସ୍ତ ସମ୍ପଦ ଓ ସମୃଦ୍ଧି।ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବିରେ ଅନେକ ବରପୁତ୍ର ଆନ୍ଦୋଳନ ଚଳାଇଥିଲେ।ସେମାନଙ୍କ ମଧ୍ୟରେ ଅନ୍ୟତମ ସାରଥି ତଥା ଜାତିର କର୍ଣ୍ଣଧାର ଥିଲେ ମଧୁସୂଦନ ଦାସ।ଉତ୍କଳର ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟାରେ ୧୯୦୩ ମସିହାରେ ଗଠନ କରାଯାଇଥିଲା 'ଉତ୍କଳ ସମ୍ମିଳନୀ'।'ଉତ୍କଳ ସମିଳନୀ' ପ୍ରତିଷ୍ଠା ମାଧ୍ୟମରେ ଓଡ଼ିଶାର ଅଗଣିତ ଭାଇ ଭଉଣୀଙ୍କୁ ଏହି ସମିଳନୀ ମାଧ୍ୟମରେ ଆହ୍ୱାନ ଦେଇ ମଧୁସୂଦନ ଲେଖିଥିଲେ-

*'ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ*
*କୋଟିପ୍ରାଣ ବିନ୍ଦୁ ଧରେ*
*ତୋର ପ୍ରାଣବିନ୍ଦୁ ମିଶାଇ ଦେ, ଭାଇ।*
*ଡେଇଁପଡି ସିନ୍ଧୁ ନୀରେ।'*

ଏହି କାଳଜୟୀ ଲେଖା ପ୍ରତିଟି ଓଡ଼ିଆ ପ୍ରାଣରେ ଭରିଦେଇଥିଲା ଉନ୍ମାଦନା।ଶେଷରେ ସେମାନଙ୍କର ସ୍ୱପ୍ନ ସତ ହୋଇଥିଲା।ବହୁଦିନର ସଂଗ୍ରାମ ପରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଆତ୍ମ ପ୍ରକାଶ କଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ପରାଧୀନତା ଶୃଙ୍ଖଳରୁ ମୁକ୍ତ ହୋଇ ଜନ୍ମ ନେଇଥିଲା ସ୍ୱତନ୍ତ୍ର ଓଡ଼ିଶା। ଏହା ଆଧୁନିକ ଓଡ଼ିଶା ଇତିହାସର ସବୁଠାରୁ ଉଲ୍ଲେଖନୀୟ ଘଟଣା।ବୀରପ୍ରସବିନୀ ଉତ୍କଳ ଜନନୀର ସୁରକ୍ଷା ପାଇଁ ତା'ର ବୀର ସନ୍ତାନମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିଲେ।ଉତ୍କଳ ମାଟିର ବରେଣ୍ୟ ବରପୁତ୍ର ମାନଙ୍କର କାଳଜୟୀ ଅବଦାନ ପାଇଁ ଓଡିଶାକୁ ମିଳିଥିଲା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା।ସେହି ମହାନ ବରପୁତ୍ର ମାନଙ୍କର ନାମ ଉତ୍କଳ ଇତିହାସରେ ସ୍ୱର୍ଣ୍ଣLକ୍ଷରରେ ଲିପିବଦ୍ଧ ହୋଇ ରହିଛି।



ଆଜିମଧ୍ୟ ଓଡ଼ିଶାର ଅନେକ ଅଞ୍ଚଳ ଓଡ଼ିଶାର ବାହାର ରାଜ୍ୟ ତଥା ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ରେ ମିଶି ରହିଛି।ଆଜିମଧ୍ୟ ଓଡ଼ିଆ ଜାତି ଅବହେଳିତ ଅବସ୍ଥାରେ ରହିଛି।ତଥାପି ପ୍ରତ୍ୟେକ ଓଡ଼ିଆ ଆଜି ମହାନ ଉତ୍କଳର ସନ୍ତାନବୋଲି ମନେକରି ଗର୍ବ କରନ୍ତି।ଯେଉଁସବୁ ଅଞ୍ଚଳ ଆମର ହାତଛଡା ହୋଇଛି ତାହାକୁ ଓଡ଼ିଶାରେ ମିଶାଇବା ପାଇଁ ପ୍ରୟାସ କରିବା ଆବଶ୍ୟକ।ଯାହାଦ୍ୱାରା ଉତ୍କଳର ମହାନ ପରମ୍ପରା ସଂସ୍କୃତି ଏକତା ବଜାୟ ରହିପାରିବ।କିନ୍ତୁ ଅନେକ ଓଡ଼ିଆ ଆଜି ନିଜର ଭାଷା,ସଂସ୍କୃତି ଓ ପରମ୍ପରାକୁ ଭୁଲି ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇ ନେଲେଣି।ଏହା ନିଶ୍ଚୟ ଆମ ଉତ୍କଳୀୟ ପରମ୍ପରା ଓଡ଼ିଆ ଜାତିପାଇଁ ଅଶୁଭ ସଂକେତ।ସମୟ ଆସିଛି ଅବହେଳିତ ଅବସ୍ଥାରେ ଥିବା ଓଡ଼ିଆ ଜାତିପାଇଁ ଚିନ୍ତାକରିବାର।ଉତ୍କଳର ଭାଷା,ସଂସ୍କୃତି ତଥା ପରମ୍ପରାକୁ ସବୁଦିନ ବଞ୍ଚାଇ ରଖିବାକୁ ପଡିବ।ସେଥିପାଇଁ ପ୍ରତ୍ୟେକ ଉତ୍କଳବାସୀ ନିଜର ମନୋଭାବକୁ ପରିବର୍ତ୍ତନ କରିବା ଆବଶ୍ୟକ।ଆମର ଭାଷା,ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ଦେବା ଆବଶ୍ୟକ। ଉତ୍କଳ ଦିବସର ମହାନତା ଆଜି ପ୍ରତିଟି ଓଡ଼ିଆ ଜାତିର ପ୍ରାଣରେ ଭରିଦିଏ ଆତ୍ମବିଶ୍ୱାସ।ଯେଉଁ ମହାପୁରୁଷ ମହାମନୀଷୀଙ୍କ ତପସ୍ୟା ଓ ସାଧନା ବଳରେ ଓଡ଼ିଶା ଆଜିଯେଉଁ ସ୍ୱତନ୍ତ୍ର ପରିଚୟ ପାଇଛି ସେମାନଙ୍କୁ ଆଜିର ଏହି ପବିତ୍ର ଦିବସରେ ଭକ୍ତିପୂତ ପ୍ରଣାମ।ଏହି ପବିତ୍ର ଦିବସରେ ଆମେ ସମସ୍ତେ ମା,ମାଟି,ମାତୃଭାଷାର ସୁରକ୍ଷା ନିମନ୍ତେ ଦୃଢ଼ ସଂକଳ୍ପ ନେବା।

ନିମାପଡା, ପୁରୀ
ମୋବାଇଲ୍:୯୭୭୮୧୭୭୫୦୧

# ସ୍ଥଳ ଯୁଦ୍ଧକୁ ନେଇ ଚେତାବନୀ
# ଆମେରିକୀୟ ସୈନ୍ୟଙ୍କୁ 'ନର୍କକୁ ସ୍ୱାଗତ'






## ତେହେରାନ ଟାଇମ୍ସ ଜରିଆରେ ସତର୍କ କଲା

## ଇରାନ ମାଟିରେ ପାଦ ରଖିଲେ କଫିନରେ ଯିବ

ତେହେରାନ, ୩୦।୩: ଇରାନର ପ୍ରମୁଖ ଖବରକାଗଜ ତେହେରାନ ଟାଇମ୍ସ ଶନିବାର ଏହାର ପ୍ରଥମ ପୃଷ୍ଠାରେ ଆମେରିକାକୁ ଏକ କଡ଼ା ବାର୍ତ୍ତା ଜାରି କରି ଆକ୍ରମଣ ବିରୁଦ୍ଧରେ ଖୋଲାଖୋଲି ଚେତାବନୀ ଦେଇଛି। ସମ୍ବାଦପତ୍ରରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଯଦି ବିଦେଶୀ ସୈନ୍ୟ ଇରାନ ମାଟିରେ ପାଦ ରଖନ୍ତି ତେବେ ସେମାନେ କେବଳ 'କଫିନରେ' ଘରକୁ ଫେରିବେ। ପ୍ରଥମ ପୃଷ୍ଠାର ଶୀର୍ଷକରେ ବଡ଼ ବଡ଼ ଅକ୍ଷରରେ ଲେଖାହୋଇଛି ଯେ 'ୱେଲକମ୍ ଟୁ ହେଲ୍ ଅର୍ଥାତ ନର୍କକୁ ସ୍ୱାଗତ।' ଏହି ଚେତାବନୀ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଇରାନରେ ସ୍ଥଳ ସାମରିକ ଅଭିଯାନ ଆରମ୍ଭ କରିବାକୁ ଚିନ୍ତା କରୁଛି।

୧୯୭୯ ମସିହାରେ ପ୍ରତିଷ୍ଠିତ ହୋଇଥିବା ତେହେରାନ ଟାଇମ୍ସ ନିଜକୁ "ଇସଲାମିକ ବିପ୍ଲବର ସ୍ୱର" ବୋଲି ଘୋଷଣା କରିଥିଲା। ଏହି ନ୍ୟୁଜପେପର ଇରାନ ସରକାର ଦ୍ୱାରା ନିୟନ୍ତ୍ରିତ ବୋଲି କୁହାଯାଏ। ତେଣୁ ଏହି ଖବରକାଗଜର ଖବର, ଲେଖା ଏବଂ ମତାମତକୁ ଇରାନର ଇସଲାମିକ ଶାସନର ସ୍ୱର ବୋଲି କୁହାଯାଏ। ରିପୋର୍ଟ ଅନୁଯାୟୀ, ଇରାନରେ ସୀମିତ ସ୍ଥଳ ଅଭିଯାନ ସମ୍ପର୍କରେ ୱାଶିଂଟନରେ ଆଲୋଚନା ଚାଲିଛି। ଇରାନରେ ଏକ ସ୍ୱତନ୍ତ୍ର ମିଶନ ପାଇଁ ସୀମିତ ସଂଖ୍ୟକ ଆମେରିକୀୟ ସୈନ୍ୟ ମୁତୟନ କରିବାକୁ ଡୋନାଲ୍ଡ ଟ୍ରମ୍ପ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ତେବେ ଏନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ।

ସାମରିକ ଯୋଜନା ଅଧିକାରୀଙ୍କ ଅନୁସାରେ ଯଦି ଆମେରିକା ଇରାନର ଅତ୍ୟନ୍ତ ସମୃଦ୍ଧ ୟୁରାନିୟମ ହାସଲ କରେ, ତେବେ ଏହାକୁ ବଡ଼ ପରିମାଣରେ ସ୍ଥଳସେନା ମୁତୟନ କରିବାକୁ ପଡ଼ିବ କାରଣ ଏହି ସାମଗ୍ରୀ ଗଭୀର ଭୂତଳ ସୁବିଧାରେ ସଂରକ୍ଷିତ ଅଛି। ଇରାନ ନିରନ୍ତର ଭାବେ ଚେତାବନୀ ଦେଇ ଆସିଛି ଯେ ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ଆମେରିକାକୁ ହିଁ ମହଙ୍ଗା ପଡ଼ିବ। ଏବେ ତେହେରାନ ଟାଇମ୍ସ ଏହି ମତକୁ ଆହୁରି ତୀବ୍ର କରିଛି ଏବଂ ସିଧାସଳଖ ଆମେରିକାକୁ ଏକ କଡ଼ା ବାର୍ତ୍ତା ପଠାଇଛି। ଖବରକାଗଜର ପ୍ରଥମ ପୃଷ୍ଠାରେ ଏକ ଫଟୋଚିତ୍ର ଦିଆଯାଇଛି ଯାହା ଇରାନର ଚେତାବନୀକୁ ଆହୁରି ଗମ୍ଭୀର କରିଛି ।

ଫଟୋରେ ସଶସ୍ତ୍ର ସୈନ୍ୟବଳ ଏକ ସାମରିକ ବିମାନ ଆଡକୁ ମାଡ଼ି ଯାଉଥିବାର ଦେଖାଯାଉଛି। ଏହି ଚିତ୍ର ଏବଂ ବୋଲ୍ଡ ହେଡଲାଇନ୍ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ ଇରାନ ଯେକୌଣସି କାର୍ଯ୍ୟାନୁଷ୍ଠାନର ମୁହଁଭଙ୍ଗା ଜବାବ ଦେବାକୁ ପ୍ରସ୍ତୁତ ଅଛି। ତେହେରାନ ଏବଂ ଏହାର ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟରେ ଇରାନରେ ହଜାର ହଜାର ଆମେରିକୀୟ ସୈନ୍ୟଙ୍କ ନିୟୋଜନକୁ ସାମରିକ ବିକଳ୍ପଗୁଡ଼ିକୁ ବିସ୍ତାର କରିବାର ଏକ ରଣନୀତି ଭାବରେ ଦେଖାଯାଉଛି। ତେହେରାନ ଟାଇମ୍ସ ଇରାନର ଏହି ସ୍ଥଳ ଅଭିଯାନକୁ ଆମେରିକା ପାଇଁ "ପଙ୍କ" ସହିତ ତୁଳନା କରିଛି। ଖବରକାଗଜ ଚେତାବନୀ ଦେଇଛି ଯେ ସ୍ଥଳ ଅଭିଯାନ ଫଳରେ ଆମେରିକା ଏହାର ବହୁତ ସୈନ୍ୟ ହରାଇପାରେ। ଏହାଛଡ଼ା ରିପୋର୍ଟରେ ଆଞ୍ଚଳିକ ପ୍ରଭାବ ପ୍ରତି ଇଙ୍ଗିତ ମଧ୍ୟ କରାଯାଇଥିଲା। ଯେଉଁଥିରେ କୁହାଯାଇଛି ଯେ ଯଦି ସଂଘର୍ଷ ବୃଦ୍ଧି ପାଏ ତେବେ ଇରାନର ସହଯୋଗୀ ଗୋଷ୍ଠୀ (ଯେପରିକି ହିଜବୋଲା, ହାଉଥିସ୍ ଏବଂ ହମାସ) ମଧ୍ୟ ସକ୍ରିୟ ହୋଇପାରନ୍ତି, ଯାହା ଇରାନର ସୀମା ବାହାରେ ସଂଘର୍ଷ ବିସ୍ତାର କରିପାରେ । ତେହେରାନ ଟାଇମ୍ସ ବିଶ୍ୱ ବାଣିଜ୍ୟ ମାର୍ଗ ଏବଂ ଶକ୍ତି ଯୋଗାଣ ପ୍ରଭାବ ଉପରେ ମଧ୍ୟ ଆଲୋକପାତ କରିଥିଲା।



## କୁଏତର ବିଦ୍ୟୁତ ଓ ଜଳ ବିଶୋଧନାଗାର ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୩୦।୩: ଯୁଦ୍ଧରେ ପଛକୁ ହଟୁନି ଇରାନ। ଗଲ୍ଫ ଦେଶକୁ ଆକ୍ରମଣ ଜାରି ରହିଛି। ଏହାରି ଭିତରେ କୁଏତର ବିଦ୍ୟୁତ ଏବଂ ଜଳ ବିଶୋଧନାଗାର ପରିସରରେ ଥିବା ସେବା ଭବନ ଉପରେ ଇରାନ ଆକ୍ରମଣ କରିଛି। ଏହି ଆକ୍ରମଣରେ ସେଠାରେ କାର୍ଯ୍ୟରତ ଜଣେ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। କୁଏତର ବିଦ୍ୟୁତ ଏବଂ ଜଳ ମନ୍ତ୍ରଣାଳୟ ସୋମବାର ସକାଳେ ଏହା ସ୍ପଷ୍ଟ କରିଛି। କୁଏତର ବିଦ୍ୟୁତ, ଜଳ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ୨୯ ମାର୍ଚ୍ଚ ୨୦୨୬ ରବିବାର ସନ୍ଧ୍ୟାରେ ସେବା ଭବନ ଉପରେ ଆକ୍ରମଣ କରାଯାଇଥିଲା।

ଇଞ୍ଜିନିୟର ଫାତିମା ଆବାସ ଜବାହର ହାୟାତ ନିଶ୍ଚିତ କରିଛନ୍ତି ଯେ ଇରାନୀ ଆକ୍ରମଣ ଯୋଗୁଁ ସେବା ଭବନରେ ଯଥେଷ୍ଟ କ୍ଷତି ହୋଇଛି। ଇରାନୀ ଆକ୍ରମଣରେ କୁଏତରେ ଜଣଙ୍କର ମୃତ୍ୟୁ ହୋଇଛି। 'ଏକ୍ସ' ରେ ପ୍ରକାଶିତ ଏକ ବିବୃତ୍ତିରେ ମନ୍ତ୍ରଣାଳୟ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ପାଇଁ ଶୋକ ପ୍ରକାଶ କରିଛି। ବର୍ତ୍ତମାନ ମୃତ କର୍ମଚାରୀଙ୍କ ପରିଚୟ ପ୍ରକାଶ କରାଯାଇ ନାହିଁ। ଆକ୍ରମଣ ପରେ ଜରୁରୀକାଳୀନ ସୁରକ୍ଷା ଦଳଗୁଡ଼ିକ ତୁରନ୍ତ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଭାବିତ ସ୍ଥାନଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷା ଅଧିକାରୀଙ୍କ ସହିତ ସମନ୍ୱୟ ଜାରି ରହିଛି। ମନ୍ତ୍ରଣାଳୟ ଜନସାଧାରଣଙ୍କୁ ଶାନ୍ତ ରହିବା ଏବଂ ଗୁଜବକୁ ଅଣଦେଖା କରିବାକୁ ନିବେଦନ କରିଥିଲା। କୁଏତ ସରକାର ନିଶ୍ଚିତ କରିଛନ୍ତି ଯେ ବିଦ୍ୟୁତ ଏବଂ ଜଳ ବ୍ୟବସ୍ଥାର ସୁରକ୍ଷା ଏବଂ ସ୍ଥିରତା ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା।

**ମିସାଇଲ ମାଡରେ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ**

## 'ଗ୍ରାଉଣ୍ଡ ଆଟାକ୍' ପାଇଁ ପହଞ୍ଚିଲେ ୫୭ ହଜାର ସୈନ୍ୟ



ୱାଶିଂଟନ, ୩୦।୩: ପଶ୍ଚିମ ଏସିଆରେ ଆମେରିକା ଏବଂ ଇରାନ ମଧ୍ୟରେ ଲାଗିରହିଥିବା ଯୁଦ୍ଧ ଏବେ ଏକ ଭୟଙ୍କର ମୋଡ଼ ନେବାକୁ ଯାଉଛି। ୨୦୦୩ ମସିହା ପରେ ଆମେରିକା ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ନିଜର ସବୁଠାରୁ ବଡ଼ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ୫୭,୦୦୦ ପାର୍ କରିଥିବା ବେଳେ ଆଗକୁ ଏକ ବଡ଼ ଧରଣର ଗ୍ରାଉଣ୍ଡ ଆକ୍ରମଣ ହେବାର ସ୍ପଷ୍ଟ ସଙ୍କେତ ମିଳିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଇରାନ ଉପରେ ସିଧାସଳଖ ଗ୍ରାଉଣ୍ଡ ଆକ୍ରମଣ କରିବାକୁ ବିଚାର କରୁଛନ୍ତି। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଏହା ପଛରେ କିଛି ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଇରାନର ପ୍ରମୁଖ ଖାର୍ଗ୍ ଦ୍ୱୀପ ଏବଂ ଏହାର ତୈଳ ଭଣ୍ଡାରକୁ ନିଜ ଦଖଲକୁ ନେବାକୁ ଯୋଜନା କରିଛି ଆମେରିକା। ଏଥିସହିତ ଜୁନ ୨୦୨୫ରେ ଫୋର୍ଡୋ ପରମାଣୁ କେନ୍ଦ୍ର ଉପରେ ବୋମାମାଡ଼ ପରେ ସେଠାରୁ ପ୍ରାୟ ୪୦୦ କିଲୋଗ୍ରାମ୍ ୟୁରାନିୟମ ନିଖୋଜ ଥିବା ଆମେରିକା ସନ୍ଦେହ କରୁଛି, ଯାହାକି ପରମାଣୁ ବୋମା ତିଆରି ପାଇଁ ଯଥେଷ୍ଟ। ହରମୁଜ୍ ଜଳପଥରୁ ଇରାନର କବ୍ଜା ହଟାଇ ବିଶ୍ୱସ୍ତରୀୟ ତୈଳ ଏବଂ ଗ୍ୟାସ୍ ପରିବହନ ସ୍ୱାଭାବିକ କରିବା ସହ ୱାଶିଂଟନ୍ ଏବଂ ଟେଲ୍ ଆଭିଭର ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନରେ କ୍ଷମତା ପରିବର୍ତ୍ତନ କରିବା, ଯାହାକି ବିନା ସ୍ଥଳସେନାରେ ସମ୍ଭବ ନୁହେଁ।

**ପେଟ୍ରୋଲ ରପ୍ତାନି ଉପରେ ରୁଷର କଟକଣା**

## ଏପ୍ରିଲ ପହିଲାରୁ ରପ୍ତାନୀ ବନ୍ଦ ହେବ!

ମସ୍କୋ, ୩୦।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ଲାଗିରହିଛି। ଏହାରି ଭିତରେ ବଡ଼ ଗେମ ଖେଳିବାକୁ ଯାଉଛି ରୁଷିଆ। ଏପ୍ରିଲ ୧ରୁ ନିଜ ଦେଶରୁ ପେଟ୍ରୋଲ ରପ୍ତାନିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯାଉଛି। ଇକୋନୋମିକ୍ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ରୁଷ ସରକାର ଆନୁଷ୍ଠାନିକ ଭାବରେ ଏନେଇ ସ୍ପଷ୍ଟ କରିଛନ୍ତି। ରୁଷର ଉପ-ପ୍ରଧାନମନ୍ତ୍ରୀ ଆଲେକଜାଣ୍ଡର ନୋଭାକ ଶକ୍ତି ମନ୍ତ୍ରଣାଳୟକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ ଏପ୍ରିଲ ୧ ତାରିଖରୁ ପେଟ୍ରୋଲ ରପ୍ତାନିକୁ ନିଷେଧ କରିବା ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ କରାଯିବା ଉଚିତ। ଏହି ନିର୍ଦ୍ଦେଶାନାମା କେବଳ କିଛି ସପ୍ତାହ ପାଇଁ ନୁହେଁ, ବରଂ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପୁରା ଚାରି ମାସ ପାଇଁ ରହିବ।

ଏହି ପ୍ରମୁଖ ନିଷ୍ପତ୍ତି ପଛରେ ଅନେକ ଅନ୍ତର୍ଜାତୀୟ ଏବଂ ଭୂ-ରାଜନୈତିକ କାରଣ ରହିଛି। ଉପ-ପ୍ରଧାନମନ୍ତ୍ରୀ ନୋଭାକ କରିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ବିଶ୍ୱ ତୈଳ ଏବଂ ପେଟ୍ରୋଲିୟମ ଉତ୍ପାଦ ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ସୃଷ୍ଟି କରିଛି। ଏହି ଉତ୍ତେଜନା ଯୋଗୁଁ ମୂଲ୍ୟରେ ତୀବ୍ର ପରିବର୍ତ୍ତନ ଆସିଛି। ତଥାପି, ସେ ଏହା ମଧ୍ୟ ଜୋର ଦେଇଛନ୍ତି ଯେ ବିଦେଶୀ ବଜାରରେ ରୁଷର ଶକ୍ତି ସମ୍ବଳର ଚାହିଦା ଦୃଢ଼ ରହିଛି, ଯାହା ତାଙ୍କ ଦେଶର ଅର୍ଥନୀତି ପାଇଁ ସକାରାତ୍ମକ। ଏହା ପ୍ରଥମ ଥର ନୁହେଁ ଯେତେବେଳେ ରୁଷ ଏହାର ତୈଳ ରପ୍ତାନି ଉପରେ ଏତେ କଠୋର କଟକଣା ଲଗାଇଛି। ଦେଶରେ ବଢ଼ୁଥିବା ଇନ୍ଧନ ମୂଲ୍ୟକୁ ନିୟନ୍ତ୍ରଣ କରିବା ଏବଂ ଯେକୌଣସି ସମ୍ଭାବ୍ୟ ଅଭାବକୁ ଦୂର କରିବା ପାଇଁ, ସରକାର ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲର ରପ୍ତାନି ଉପରେ କଟକଣା ଲଗାଇଥିଲା।



ଶିଳ୍ପ ତଥ୍ୟ ଅନୁଯାୟୀ, ଗତ ବର୍ଷ ରୁଷ ପ୍ରାୟ ୫ ନିୟୁତ ମେଟ୍ରିକ୍ ଟନ୍ ପେଟ୍ରୋଲ ରପ୍ତାନି କରିଥିଲା। ଦୈନିକ ହିସାବ କଲେ, ଏହି ସଂଖ୍ୟା ପ୍ରତିଦିନ ପ୍ରାୟ ୧ ଲକ୍ଷ ୧୭ ହଜାର ବ୍ୟାରେଲ ହେବ। ଅନ୍ତର୍ଜାତୀୟ ବଜାରରୁ ଏତେ ପରିମାଣକୁ ଅବରୋଧ କରିବା ଏବଂ ଘରୋଇ ବଜାରରେ ଏହାକୁ ସୁରକ୍ଷିତ ରଖିବାର ସିଧାସଳଖ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା। ତେବେ ଭାରତୀୟ ଗ୍ରାହକଙ୍କ ପାଇଁ ଆଶ୍ୱସ୍ତିର ଖବର ହେଉଛି ଯେ, ଏହି କଟକଣାର ବିଶେଷ ପ୍ରଭାବ ଭାରତ ଉପରେ ପଡ଼ିବ ନାହିଁ। ଏହାର କାରଣ ଭାରତ ରୁଷରୁ 'ଗ୍ୟାସୋଲିନ୍' ପେଟ୍ରୋଲ କିଣେ ନାହିଁ, ବରଂ 'ଅଶୋଧିତ ତେଲ' ଆମଦାନୀ କରିଥାଏ । ଭାରତ ନିଜ ଦେଶରେ ହିଁ ଅଶୋଧିତ ତେଲକୁ ରିଫାଇନ୍ କରି ପେଟ୍ରୋଲ ପ୍ରସ୍ତୁତ କରେ।

## ରେସ୍ତୋରାଁ ବିଲ୍‌ରେ ଏଲପିଜି ଚାର୍ଜ ଅବୈଧ




ନୂଆଦିଲ୍ଲୀ, ୩୦।୩: ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ, କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛି। ଗ୍ରାହକ ବିଲରେ ସ୍ୱୟଂଚାଳିତ ଭାବରେ ଅତିରିକ୍ତ ଶୁଳ୍କ, ଯେପରିକି ଏଲପିଜି ଚାର୍ଜ କିମ୍ବା ଗ୍ୟାସ ସରଚାର୍ଜ ଯୋଡି ପାରିବେ ନାହିଁ। ଏହି ନିଷ୍ପତ୍ତି ଅଭିଯୋଗଗୁଡ଼ିକର ଏକ ଶୃଙ୍ଖଳା ପରେ ଆସିଛି ଯେଉଁଥିରେ ବ୍ୟକ୍ତିମାନେ ରିପୋର୍ଟ କରିଛନ୍ତି ଯେ ତାଲିକାଭୁକ୍ତ ମେନୁ ମୂଲ୍ୟ ଏବଂ ପ୍ରଯୁଜ୍ୟ କର ବ୍ୟତୀତ ପୂର୍ବ ସୂଚନା ବିନା ସେମାନଙ୍କ ଡାଇନିଂ ବିଲରେ ଏପରି ଶୁଳ୍କ ଯୋଡାଯାଉଛି। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, କୌଣସି ଗ୍ରାହକଙ୍କୁ ଏବେ ଏପରି ଅତିରିକ୍ତ ଶୁଳ୍କ ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ରେଷ୍ଟୁରାଣ୍ଟଗୁଡ଼ିକୁ ନିଶ୍ଚିତ କରିବାକୁ ପଡିବ ଯେ ମେନୁରେ ପ୍ରଦର୍ଶିତ ମୂଲ୍ୟ ଖାଦ୍ୟ ସାମଗ୍ରୀର ସମ୍ପୂର୍ଣ୍ଣ ମୂଲ୍ୟକୁ ଅନ୍ତର୍ଭୁକ୍ତ କରେ। ଏହା ବ୍ୟତୀତ, ପୃଥକ ଭାବରେ ଯୋଡିବାକୁ ଅନୁମତି ଦିଆଯାଇଥିବା ଏକମାତ୍ର ଅତିରିକ୍ତ ଶୁଳ୍କ ହେଉଛି ପ୍ରଯୁଜ୍ୟ କର। ଫଳସ୍ୱରୂପ, 'ଇନ୍ଧନ ଶୁଳ୍କ' କିମ୍ବା ସମାନ ନାମକରଣ ଆଳରେ ବିଲରେ ଯେକୌଣସି ଅତିରିକ୍ତ ପରିମାଣ ଯୋଡିବା ନିୟମାବଳୀର ଉଲ୍ଲଂଘନ ବୋଲି ବିବେଚନା କରାଯିବ।

ପ୍ରାଧିକରଣ ଅନୁଯାୟୀ, ବିଭିନ୍ନ ସ୍ଥାନରେ ଥିବା ରେଷ୍ଟୁରାଣ୍ଟଗୁଡ଼ିକ ଏପରି ଶୁଳ୍କ ଲଗାଇ ନିୟମକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରୁଥିଲେ। ସେମାନେ ବ୍ୟବହୃତ ଶବ୍ଦାବଳୀକୁ ପରିବର୍ତ୍ତନ କରି ବିଭିନ୍ନ ପଦ୍ଧତି ମାଧ୍ୟମରେ ପ୍ରଭାବଶାଳୀ ଭାବରେ ସମାନ ଅତିରିକ୍ତ ଶୁଳ୍କ ସଂଗ୍ରହ କରୁଥିଲେ। ଗ୍ରାହକ ସୁରକ୍ଷା ଆଇନ, ୨୦୧୯ ଅନୁଯାୟୀ, ଏପରି ଅଭ୍ୟାସଗୁଡ଼ିକୁ 'ଅନ୍ୟାୟ ବାଣିଜ୍ୟ ଅଭ୍ୟାସ' ଭାବରେ ବର୍ଗୀକୃତ କରାଯାଇଛି, କାରଣ ଏହା ସ୍ୱଚ୍ଛତାକୁ ଦୁର୍ବଳ କରେ ଏବଂ ଗ୍ରାହକମାନଙ୍କ ଉପରେ ଅନୁଚିତ ଆର୍ଥିକ ବୋଝ ଲଦିଥାଏ।

**କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣର ନୂଆ ମାର୍ଗଦର୍ଶିକା**



## ଲସ୍କର ଆତଙ୍କୀ ଶବିର ଲୋନ୍ ଗିରଫ

### ବାଂଲାଦେଶରେ ଚଳାଇଥିଲା ଆତଙ୍କୀ ସେଲ୍

### ଶେଖ ସଜ୍ଜାଦ ଗୁଲ୍‌କୁ ଖୋଜୁଛି ସୁରକ୍ଷା ଏଜେନ୍ସି

ନୂଆଦିଲ୍ଲୀ, ୩୦।୩: ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ବାଂଲାଦେଶ ସୀମା ନିକଟରୁ ଲସ୍କର-ଏ-ତୈବା କମାଣ୍ଡର ଶବିର ଅହମ୍ମଦ ଲୋନକୁ ଗିରଫ କରିଛି। ଲୋନ ଢାକା ନିକଟରେ ଥିବା ତା ଆଡ୍ଡାରୁ ଲସ୍କର ସେଲ୍ ଚଳାଉଥିଲା। ପୁଲିସ କମିଶନର ସତୀଶ ଗୋଲଚାଙ୍କ ଦ୍ୱାରା କଡ଼ା ନଜରରେ ରଖାଯାଇଥିବା ଏହି ଅପରେସନ୍ ଦୁଇ ମାସ ଧରି ଚାଲିଥିଲା। ଦିଲ୍ଲୀ, କୋଲକାତା ଏବଂ ତାମିଲନାଡୁରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଯୁବକମାନଙ୍କୁ ନିଯୁକ୍ତି ଦେବାରେ ଲୋନ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଏହା ଜଣାପଡ଼ିବା ପରେ ଅତିରିକ୍ତ ସିପି ପ୍ରମୋଦ କୁଶୱାହା, ଏସିପି ଲଳିତ ନେଗି ଏବଂ ଇନ୍ସପେକ୍ଟର ସୁନୀଲ ରାଜେନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଲୋନକୁ ଟ୍ରାକ୍ କରୁଥିଲା। ସେ ବାଂଲାଦେଶରେ ରହି ଆଇଏସଆଇ ନିର୍ଦ୍ଦେଶରେ କାମ କରୁଥିଲା।

ସୂଚନା ଅନୁଯାୟୀ, ଶବୀର ଅହମ୍ମଦ ଗୁପ୍ତ ଭାବରେ କାର୍ଯ୍ୟ କରୁଥିଲା ଏବଂ ଦେଶ ବିରୋଧୀ ପ୍ରଚାର ପ୍ରସାର କରିବାରେ ସାମିଲ ଥିଲା। ସେ ଅଶାନ୍ତି ସୃଷ୍ଟି କରିବା ଏବଂ ଜନଭାବନାକୁ ପ୍ରଭାବିତ କରିବା ପାଇଁ ଅନେକ ସ୍ଥାନରେ ଆପତ୍ତିଜନକ ଏବଂ ଭାରତ ବିରୋଧୀ ପୋଷ୍ଟର ଲଗାଇଥିଲା। ପୂର୍ବରୁ ଲୋନକୁ ୨୦୦୭ ମସିହାରେ ଆତଙ୍କବାଦ ଅଭିଯୋଗରେ ଦିଲ୍ଲୀ ପୁଲିସ ଗିରଫ କରିଥିଲା। ୨୦୧୯ ମସିହାରେ ଜାମିନ ପାଇବା ପରେ ସେ ବାଂଲାଦେଶ ପଳାଇଥିଲା ଏବଂ ସେ ଦେଶରେ ଏକ ଆତଙ୍କୀ ସେଲ୍ ସ୍ଥାପନ କରିଥିବା ଜଣାପଡ଼ିବା ପରେ ସୁରକ୍ଷା ଏଜେନ୍ସି ଏବଂ ଦିଲ୍ଲୀ ଏଟିଏସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା।

ତଥାପି, ସେ ଦିଲ୍ଲୀ ଲିଙ୍କ ଥିବା ଏକମାତ୍ର ଆତଙ୍କୀ ବାଦଶାହା ନୁହେଁ। ଲୋନ୍ ବ୍ୟତୀତ ସୁରକ୍ଷା ଏଜେନ୍ସି ଶେଖ ସଜ୍ଜାଦ ଗୁଲକୁ ଖୋଜୁଛନ୍ତି। ଯାହାକୁ ୨୦୦୨ ମସିହାରେ ଦିଲ୍ଲୀର ନିଜାମୁଦ୍ଦିନ ଷ୍ଟେସନରୁ ଗିରଫ କରାଯାଇଥିଲା ଏବଂ ୨୦୦୩ ମସିହାରେ ଦୋଷୀ ସାବ୍ୟସ୍ତ ହେବା ପରେ ସେ ଦଶ ବର୍ଷରୁ ଅଧିକ ସମୟ ପାଇଁ ତିହାରରେ ବନ୍ଦୀ ଥିଲା। ୨୦୧୭ରେ ମୁକ୍ତ ହେବା ପୂର୍ବରୁ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା। ଗୁଲ ମଧ୍ୟ ସେହି ସମୟରେ ପାକିସ୍ତାନ ପଳାଇ ଯାଇଥିଲା ଏବଂ ବର୍ତ୍ତମାନ ସେ ଲସ୍କରର ଶାଖା ଗୋଷ୍ଠୀ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ) ର ନେତୃତ୍ୱ ନେଉଛି, ଯାହା ପହଲଗାମ୍ ଆକ୍ରମଣ ସମେତ ଅନେକ ଆତଙ୍କବାଦୀ ଆକ୍ରମଣ ପଛରେ ରହିଛି।

## ପ୍ରେମିକାକୁ ମାରି ଖଣ୍ଡ ଖଣ୍ଡ କଲା ପ୍ରେମିକ

ବିଶାଖାପାଟଣା, ୩୦।୩: ବିଶାଖାପାଟଣାରେ ଏକ ଲୋମହର୍ଷଣକାରୀ ଘଟଣା ବର୍ତ୍ତମାନ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଠାରେ ଜଣେ ବ୍ୟକ୍ତି ସାମାନ୍ୟ ଯୁକ୍ତିତର୍କ ପରେ ଜଣେ ମହିଳାଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ। କେବଳ ଏତିକି ନୁହେଁ ହତ୍ୟା ପରେ ସେ ମହିଳାଙ୍କ ଶରୀରକୁ ଅନେକ ଖଣ୍ଡ ଖଣ୍ଡ କରି ଏକ ଫ୍ରିଜରେ ରଖିଥିଲେ। ଅଭିଯୁକ୍ତକୁ ଗିରଫ କରାଯାଇଛି । ହତ୍ୟାକାରୀ ରବିନ୍ଦ୍ର ମୂଳତଃ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲାର ରାଜମର ବାସିନ୍ଦା ଏବଂ ବର୍ତ୍ତମାନ ବିଶାଖାପାଟଣାର ଗଜୁୱାକା (ଏଲଭି ନଗର)ରେ ରହୁଥିଲେ। ଅଭିଯୁକ୍ତର ମୃତ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ଥିଲା। ୩୫ବର୍ଷୀୟ ରବିନ୍ଦ୍ର ନିଜେ ବିବାହିତ ହୋଇଥିଲେ ମଧ୍ୟ ୨୯ବର୍ଷୀୟ ମୋନିକା ସହିତ ଅବୈଧ ସମ୍ପର୍କ ରଖିଥିଲେ। ମୋନିକା ବିଶାଖାପାଟଣାର ବାସିନ୍ଦା ଥିଲେ। ପୁଲିସ ସୂଚନା ଅନୁଯାୟୀ, କିଛି ସପ୍ତାହ ପୂର୍ବରୁ ରବିନ୍ଦ୍ରଙ୍କ ସ୍ତ୍ରୀ ବିଜୟନଗରମରେ ଥିବା ତାଙ୍କ ବାପା ଘରକୁ ଯାଇଥିଲେ। ରବିବାର ଅପରାହ୍ନରେ, ରବିନ୍ଦ୍ର ମୋନିକାଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ। ଦୁହେଁ କିଛି ଘଣ୍ଟା ଧରି ଘର ଭିତରେ ରହିଥିଲେ। ସନ୍ଧ୍ୟାରେ କୌଣସି ପ୍ରସଙ୍ଗକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କ୍ରୋଧରେ ରବିନ୍ଦ୍ର ମୋନିକାଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ। ହତ୍ୟା କରିବା ପରେ, ଅଭିଯୁକ୍ତ ରବିନ୍ଦ୍ର ମୋନିକାର ଶରୀରକୁ ଘର ଭିତରେ ଖଣ୍ଡ ଖଣ୍ଡ କରି ଦେଇଥିଲେ; ସେ ଶରୀରର କିଛି ଅଂଶକୁ ବ୍ୟାଗରେ ପ୍ୟାକ୍ କରି ଏକ ନିର୍ଜନ ସ୍ଥାନରେ ପକାଇ ଦେଇଥିଲେ, ଅବଶିଷ୍ଟ ଅଂଶଗୁଡ଼ିକୁ ତାଙ୍କ ନିଜ ଘର ଭିତରେ ଥିବା ଫ୍ରିଜ ଭିତରେ ଲୁଚାଇ ରଖିଥିଲେ ।



### ଅବୈଧ ସମ୍ପର୍କରୁ ଜଘନ୍ୟ ହତ୍ୟା

ହତ୍ୟାକାଣ୍ଡ ସେତେବେଳେ ଜଣାପଡ଼ିଲା ଯେତେବେଳେ ରବିନ୍ଦ୍ର ନିଜେ ପୋଲିସ ଷ୍ଟେସନକୁ ଯାଇ ତାଙ୍କ ଅପରାଧ ସ୍ୱୀକାର କଲେ । ପୋଲିସ ତାଙ୍କ ବାସଭବନରେ ପହଞ୍ଚିବା ପରେ ଘର ଭିତରେ ଶରୀରର କଟା ଅଂଶ ଫ୍ରିଜରେ ପାଇଲା। ଖୋଜାଖୋଜି ସମୟରେ ପୀଡିତାଙ୍କ ମୁଣ୍ଡ ମିଳିପାରିଲା ନାହିଁ । ପୋଲିସ ସନ୍ଦେହ କରୁଛି ଯେ ଅଭିଯୁକ୍ତ ମୁଣ୍ଡକୁ ଅନ୍ୟ କୌଣସି ସ୍ଥାନରେ ଫିଙ୍ଗି ଦେଇଛି।

### ନିର୍ବାଚନୀ ପ୍ରଚାରରେ ମମତାଙ୍କ ଆକ୍ଷେପ

## ବିଜେପି ଆସିଲେ ଟଙ୍କା ଓ ଗ୍ୟାସ ବନ୍ଦ ହେବ

କୋଲକାତା, ୩୦।୩: ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଆରୋପ ପ୍ରତ୍ୟାରୋପ ରାଜନୀତି ଜୋର ଧରିଛି। ନିକଟରେ ଭାରତୀୟ ଜନତା ପାର୍ଟି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଥିଲା। ଆଉ ଆଜି ମମତା ବାନାର୍ଜୀ ବିଜେପିକୁ କଟାକ୍ଷ କରିଛନ୍ତି। ବେଲଦାରେ ଏକ ନିର୍ବାଚନୀ ରାଲିରେ, ସେ ଏକ ବଡ଼ ଦାବି କରିଛନ୍ତି । ସେ କହିଛନ୍ତି, ନିର୍ବାଚନ ପରେ ବିଜେପି ଟଙ୍କା ଏବଂ ଗ୍ୟାସ୍ ଉଭୟ ବନ୍ଦ କରିଦେବ। ଏହା ପୂର୍ବରୁ ଟିଏମସି ସୁପ୍ରିମୋ ଦାବି କରିଥିଲେ ଯେ, ବିଜେପି କ୍ଷମତାକୁ ଆସିଲେ ଆମିଷ ଖାଇପାରିବେ ନାହିଁ ଲୋକେ। ମମତା ବାନାର୍ଜୀ ବିଜେପି ଉପରେ ସମାଜକୁ ବିଭାଜିତ କରିବାର



ଅଭିଯୋଗ ମଧ୍ୟ ଲଗାଇଛନ୍ତି। ସେ କହିଛନ୍ତି ଯେ, ବିଜେପି ଦେଶରେ ଘୃଣା ପ୍ରସାର କରିବା ପାଇଁ କାମ କରେ। ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବୃଦ୍ଧି କରେ। ଏହା ପୂର୍ବରୁ ରବିବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କରିଥିଲେ ଯେ, ଯଦି ବିଜେପି କ୍ଷମତାକୁ ଆସେ, ତେବେ ଏହା ମହିଳାଙ୍କ ପାଇଁ ଥିବା 'ଲକ୍ଷ୍ମୀ ଭଣ୍ଡାର' ଯୋଜନାକୁ ବନ୍ଦ କରିଦେବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏକ ନିର୍ବାଚନୀ ରାଲିରେ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି କହିଥିଲେ ଯେ, ବେଙ୍ଗଲର ମୁଖ୍ୟମନ୍ତ୍ରୀ କେତେବେଳେ ତାଙ୍କ ଗୋଡ ଭାଙ୍ଗି ଦିଅନ୍ତି ତ କେତେବେଳେ ବ୍ୟାଣ୍ଡେଜ୍ କରନ୍ତି। ୨୦୨୧ ବିଧାନସଭା ନିର୍ବାଚନ ସମୟରେ ତାଙ୍କ ଗୋଡରେ ଆଘାତ ଲାଗିବା ଘଟଣାକୁ ନେଇ ଶାହଙ୍କ ଅଭିଯୋଗକୁ ମମତା ବାନାର୍ଜୀ ତୀବ୍ର ବିରୋଧ କରିଥିଲେ। ପଶ୍ଚିମବଙ୍ଗ ନିର୍ବାଚନରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଛି। ପୂର୍ବରୁ ୮ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ, ଏଥର ମାତ୍ର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବା।

### ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଅଗ୍ରଗତିର ସମୀକ୍ଷା

# ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦ା୩ (ସଂଚାର ବ୍ୟୁରୋ) : ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ଆରମ୍ଭ ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପାଇଁ ଜାଗା ନିରୂପଣ, ବିଦ୍ୟାଳୟ ବିଲ୍ଡିଂର ଢାଞ୍ଚା ଓ ଏଥିପାଇଁ ଆବଶ୍ୟକ ବ୍ୟୟ ଅଟକଳ ବିଷୟରେ ବୈଠକର ଆଲୋଚନା ହୋଇଥିଲା।



ଶିଳାନ୍ୟାସ ହୋଇଥିବା ସମସ୍ତ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ତ୍ୱରିତ ଗତିରେ ଆଗକୁ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆଗାମୀ ସମୟକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରତ୍ୟେକ ବିଦ୍ୟାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାଥମିକ ପର୍ଯ୍ୟାୟରେ ସଠିକ୍ ବ୍ୟୟ ଅଟକଳ ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟମାନଙ୍କ ପାଇଁ ଅଧିକ ଅର୍ଥରାଶି ଯୋଗାଇ ଦିଆଯିବ ବୋଲି ସେ ବୈଠକରେ କହିଥିଲେ।

ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ପିଲାମାନେ ବୟସରେ ବହୁତ ସାନ, ଏଣୁ ସେମାନଙ୍କ ପାଠପଢ଼ା ସହ ଖେଳ କସରତ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସୁବିଧା ଏହି ବିଦ୍ୟାଳୟ ପ୍ରକଳ୍ପରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଳା ନାଏକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ୍ ସାହା, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ଉପସ୍ଥିତ ଥିଲେ।

# ବିଜେପିରେ ମିଶିଲେ କେନ୍ଦୁଝର ପୌରପାଳିକା ଉପାଧ୍ୟକ୍ଷ

ଭୁବନେଶ୍ୱର,୩୦ା୩(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କେନ୍ଦୁଝର ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ବିଜେଡି ଛାଡ଼ି ଆଜି ବିଜେପିରେ

- ୯ କାଉନ୍‌ସିଲର୍‌ଙ୍କ ସମେତ ଅନେକ ନେତା ସାମିଲ୍
- ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି

ଯୋଗଦେଇଛନ୍ତି। ସେହିପରି ନିକଟରେ ବିଜେଡିରୁ ଇସ୍ତଫା ଦେଇଥିବା କେନ୍ଦୁଝର ପୌରପାଳିକାର ୯ ଜଣ କାଉନ୍‌ସିଲର୍ ମଧ୍ୟ ଶ୍ରୀ ଦାସଙ୍କ ପଦାଙ୍କ ଅନୁକରଣ କରି ବିଜେପିରେ ମିଶିଛନ୍ତି। ଆହୁରି ୨୦୧୪



ଓ ୨୦୧୯ ସାଧାରଣ ନିର୍ବାଚନରେ ପାଟଣା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ, ୨୦୧୪ ସାଧାରଣ ନିର୍ବାଚନରେ ତେଲକୋଇ ବିଧାୟକ ପ୍ରାର୍ଥୀ କୈଳାଶ ନାଏକ, ହରିଚନ୍ଦନପୁରର ବରିଷ୍ଠ ନେତା ଈଶ୍ୱର ଚନ୍ଦ୍ର ନାଏକ, ବିଶିଷ୍ଟ ସମାଜସେବୀ ବିଜୟ କୁମାର ମହାକୁଡ ଓ ଲକ୍ଷ୍ମଣ ସେଠୀ ମଧ୍ୟ ନିଜ ସମର୍ଥକଙ୍କ ସହ ବିଜେପିରେ ମିଶିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୪ ବର୍ଷର ବିଜେଡି ସରକାର କେବଳ କଥା କହୁଥିଲେ, କିଛି କରୁ ନ ଥିଲେ। କେବଳ ଭୋଟ ବ୍ୟାଙ୍କ ପାଇଁ କାମ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିନାଶ ଆଡ଼କୁ ନେଇଯାଉଥିଲେ। ଜଣଙ୍କ ହାତରେ କ୍ଷମତା ଥିଲା। କିନ୍ତୁ ଏବେ ବିଜେପିର ଡବଲ ଇଞ୍ଜିନ ସରକାର ବିକାଶ ପାଇଁ କାମ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ମମତା ସିଂ ଓ ସରୋଜ କର, ଶୁକଦେବ ମହାନ୍ତ, ନଗରପାଳ ନିକୁ ସାହୁ, ମମିତା ନାୟକ ଉପସ୍ଥିତ ଥିଲେ।

## କଟକ ସାହିତ୍ୟ ସରୋବର ଉଦ୍‌ଯାପିତ



କଟକ,୩୦ା୩(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ ପକ୍ଷରୁ ପ୍ରଥମ ଥର ଆୟୋଜିତ ଜିଲ୍ଲାସ୍ତରୀୟ ପୁସ୍ତକ ମେଳା - କଟକ ସାହିତ୍ୟ ସରୋବର ୨୦୨୬ ଉଦ୍‌ଯାପିତ ହୋଇଛି। ୧୦ ଦିନ ଧରି ମହାନଦୀ କୂଳରେ ଐତିହାସିକ ବାଲିଯାତ୍ରା ପଡ଼ିଆରେ ଜମିଥିଲା ଏହି ପୁସ୍ତକ ମେଳା। କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଏଥିରେ ଅଂଶଗ୍ରହଣ କରିଥିଲେ। ଗତ ୨୦ରୁ ଆରମ୍ଭ ହୋଇ ଗତକାଲି ପର୍ଯ୍ୟନ୍ତ ଚାଲିଥିବା ଏହି ପୁସ୍ତକ ମହୋତ୍ସବରେ ଆଶାଠାରୁ ଭଲ ବ୍ୟବସାୟ ହୋଇଥିବା ବିଭିନ୍ନ ପ୍ରକାଶକ କହିଛନ୍ତି। ଏହା ପାଠକମାନଙ୍କର ପୁସ୍ତକ ପ୍ରତି ରହିଥିବା ଭଲ ପାଇବା ଓ ଲେଖକ, ପାଠକ ଓ ପ୍ରକାଶକ ଓ ସର୍ବୋପରି ସାହିତ୍ୟ ଜଗତର ସ୍ୱର୍ଣ୍ଣିମ ଭବିଷ୍ୟତକୁ ସୂଚିତ କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଜିର ଇଣ୍ଟରନେଟ ଓ ଜଗତୀକରଣର ଦୁନିଆରେ ବହିର ଚାହିଦା କମିନି, ବରଂ ବେଶ୍ ବଢ଼ିଛି ଓ ଯୁବ ପାଠକମାନେ ବହି କିଣିବା ପାଇଁ ପୁସ୍ତକ ମହୋତ୍ସବର ଷ୍ଟଲମାନଙ୍କରେ ଭିଡ଼ ଜମାଉଛନ୍ତି। ଉଦ୍‌ଯାପନୀ ସଭାରେ ସିଏମସି ମେୟର ସୁବାସ ସିଂହ, ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକର ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ, ସିଏମସି କମିଶନର କିରନଦୀପ୍ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ଶର୍ମା, ସିଏମସିର ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଭାଷା ପ୍ରକାଶନର ପ୍ରକାଶକ ତଥା ସାହିତ୍ୟିକ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ୧୨ ବର୍ଷ ପରେ କଟକରେ ଏଭଳି ପୁସ୍ତକ ମେଳାର ଆୟୋଜନ କଟକର ସାଂସ୍କୃତିକ ଓ ସାହିତ୍ୟିକ ଭାବଧାରାକୁ ଆହୁରି ଆଗକୁ ବଢ଼ିବାରେ ସହାୟକ ହୋଇପାରିଛି ବୋଲି ବିଧାୟକ ଶ୍ରୀ ବିଶ୍ୱାଳ କହିଛନ୍ତି।

## ମା' ହିଙ୍ଗୁଳା ଯଜ୍ଞ ପାଇଁ କଳସ ଯାତ୍ରା



କଟକ, ୩୦ା୩ (ସଂଚାର ବ୍ୟୁରୋ) : ମା ହିଙ୍ଗୁଳାଙ୍କ ବିଶ୍ୱ ପ୍ରସିଦ୍ଧ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ତାଳଚେରରେ ଅଗ୍ନି ସୌରୂପା ମା' ଉଭା ହେବା ପରେ ସେଠାରୁ ଅଗ୍ନି ଶିଖା ଆସି କଟକ ଜିଲ୍ଲା କଖଡି ବାବା ବାଞ୍ଛେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ମା' ହିଙ୍ଗୁଳା ଦେବୀଙ୍କ ଯଜ୍ଞ ମଣ୍ଡପ ସ୍ଥାପନ କରି ମା'ଙ୍କୁ ଆବାହନ କରାଯାଇଛି। ଦୀର୍ଘ ୬୯ବର୍ଷ ଧରି ଏହି ପରମ୍ପରାରେ ମା' ହିଙ୍ଗୁଳାଙ୍କ ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଏହି କଳସ ଶୋଭାଯାତ୍ରାରେ ପ୍ରାୟ ୩ହଶ ମହିଳା ସାମିଲ ହୋଇ କଳସ ବସାଇଥିଲେ। ମାଙ୍କ ଜନ୍ମ ସ୍ଥାନ ତାଳଚେର ସହ କଟକ ଜିଲ୍ଲା କଖଡି ଓ ଯାଜପୁରରେ ମାଙ୍କ ଏହି ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଆଉ କୌଣସି ସ୍ଥାନରେ ଏହିପରି ପରମ୍ପରା ନାହିଁ। ଚୈତ୍ର ଶୁକ୍ଳ ଏକାଦଶୀ ଠାରୁ ଚୈତ୍ର ଶୁକ୍ଳ ପୂର୍ଣ୍ଣମା ପର୍ଯ୍ୟନ୍ତ ମା'ଙ୍କର ୪ ଦିନ ଧରି ଯଜ୍ଞ ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ଗୋ ପୂଜା ଠାରୁ ଆରମ୍ଭ କରି ମା'ଙ୍କ ବିଭିନ୍ନ ପୂଜାର୍ଚ୍ଚନା ହେବା ସହ ସପ୍ତଶତୀ ଗୀତା ପାଠ ହୋଇଥାଏ। ପ୍ରତ୍ୟେକ ଦିନ ଶହ ଶହ ଶ୍ରଦ୍ଧାଳୁ ପ୍ରସାଦ ସେବନ ସହ ମାନ ସଂକଳ୍ପ କରିଥାନ୍ତି।

## ଦିଲୀପ ରାୟଙ୍କ ପୋଷ୍ଟ ଲୋକଦେଖାଣିଆ: ଲେନିନ

### ସାଂସଦଙ୍କ ମନ୍ତବ୍ୟକୁ ଖଣ୍ଡନ କରିବା ପାଇଁ ସାହସ ନାହିଁ

ଭୁବନେଶ୍ୱର,୩୦ା୩(ସଂଚାର ବ୍ୟୁରୋ): ପ୍ରବାଦ ପୁରୁଷ ବିଜୁବାବୁଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅରୁଚିକର ମନ୍ତବ୍ୟ ଲୋକଲୋଚନକୁ ଆସିବା ପରେ ଦେଶବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ନିକଟରେ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ଯାଇଥିବା ଦିଲୀପ ରାୟ ବିଜୁବାବୁଙ୍କ ସମର୍ଥନରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି। ନିଜକୁ ବିଜୁ ଲିଗାସୀର କର୍ଣ୍ଣଧାର ବୋଲାଉଥିବା ଦିଲୀପ ରାୟଙ୍କ ଏହି ପୋଷ୍ଟ ଉପରେ କଡ଼ା ପ୍ରତିକ୍ରିୟା ରଖିଛି ବିଜେଡି।



ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ବିଜେପି ସାଂସଦ ଶ୍ରୀ ଦୁବେଙ୍କ ମନ୍ତବ୍ୟ ବିଜୁବାବୁଙ୍କ ସମ୍ମାନ ଓ ପ୍ରତିଷ୍ଠା କ୍ଷୁଣ୍ଣ କରୁଥିବା ବେଳେ ଦେଶବ୍ୟାପୀ ଏହା ବିରୋଧରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଜୁ ଲିଗାସୀର ଦ୍ୱାହି ଦେଇ ରାଜନୀତି କରୁଥିବା ଦିଲୀପ ରାୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ବିଜୁବାବୁଙ୍କ ବ୍ୟକ୍ତିତ୍ୱ, ସାହସିକତା, ଦେଶପ୍ରେମ ଓ ରାଜ୍ୟ ତଥା ଦେଶ ପ୍ରତି ତାଙ୍କ ଅବଦାନ ଉପରେ ଶ୍ରୀ ରାୟ ସବିଶେଷ ସୂଚନା ଦେଇଛନ୍ତି। ତାଙ୍କର ଏହି ପୋଷ୍ଟକୁ କିଛି ସମର୍ଥକ ରି-ପୋଷ୍ଟ ବି କରି ଦିଲୀପ ନିଜର ସାହସିକତା ପ୍ରଦର୍ଶନ କରିଛନ୍ତି ବୋଲି ଟିପ୍ପଣୀ ଦେଉଛନ୍ତି। କିନ୍ତୁ ଦିଲୀପ ରାୟଙ୍କ ପୋଷ୍ଟିକୁ ପଢ଼ିଲେ ଯେ କେହି ବି ଜାଣିପାରିବେ ଯେ ଦିଲୀପ ନିଜର ସାହସିକତା ନୁହେଁ, ବରଂ ନିଜର ଦୁର୍ବଳତାକୁ ଲୁଚାଇବାକୁ ଚେଷ୍ଟା କରିଛନ୍ତି। ଦିଲୀପ ନିଜ ପୋଷ୍ଟରେ ବିଜୁବାବୁଙ୍କ ବିରୋଧରେ ଏଭଳି ଅବାଞ୍ଛନୀୟ ମନ୍ତବ୍ୟ ରଖିଥିବା ବିଜେପି ସାଂସଦ ଶ୍ରୀ ଦୁବେଙ୍କ ବିରୋଧରେ ପଦୁଟିଏ ବି ଲେଖିନାହାନ୍ତି। ବିଜୁବାବୁଙ୍କ ବ୍ୟକ୍ତିତ୍ୱ ବିଷୟରେ ସେ ଯାହା ଲେଖିଛନ୍ତି, ତା' ଇତିହାସର ଅଂଶବିଶେଷ। ବିଜୁବାବୁଙ୍କ ଉପରେ ଅନେକ ପ୍ରତିଷ୍ଠିତ ଲେଖକ ଅନେକ ବହି ଲେଖିଛନ୍ତି। ସେଗୁଡ଼ିକ ବିଭିନ୍ନ ପାଠାଗାରରେ ଉପଲବ୍ଧ ରହିଛି। ଆଜିର ପ୍ରସଙ୍ଗ ହେଉଛି ପ୍ରବାଦ ପୁରୁଷ ଓ ଅପ୍ରତିଦ୍ୱନ୍ଦ୍ୱୀ ନେତା ବିଜୁବାବୁଙ୍କ ଉପରେ ଜଣେ ବିଜେପି ସାଂସଦଙ୍କ ଅରୁଚିକର ମନ୍ତବ୍ୟ। ତେଣୁ ରାଜ୍ୟର ଜଣେ ନେତା ଭାବେ ସାଂସଦ ଶ୍ରୀ ଦୁବେଙ୍କ ମନ୍ତବ୍ୟକୁ ଦିଲୀପ ଖଣ୍ଡନ କରିବା ସହ ନିର୍ସର୍ତ୍ତ କ୍ଷମା ପ୍ରାର୍ଥନା ପାଇଁ ଦାବି କରିବାର ଥିଲା। କିନ୍ତୁ ଶ୍ରୀ ରାୟ ତାଙ୍କ ପୋଷ୍ଟରେ ସେପରି କିଛି କରିନାହାନ୍ତି। କେବଳ ଧର୍ମକୁ ଆଖିଠାର ସଦୃଶ ସେ ବିଜୁବାବୁଙ୍କ ସ୍ତୁତିଗାନରେ ନିଜର ପୋଷ୍ଟକୁ ସୀମିତ ରଖିଛନ୍ତି ବୋଲି ଲେନିନ କହିଛନ୍ତି।

- ରାମେଶ୍ୱର ମହୋତ୍ସବ ଉଦ୍‌ଯାପିତ

## ଅନନ୍ତ ହେଲେ ଭୁବନେଶ୍ୱର କୁମାର

ଭୁବନେଶ୍ୱର,୩୦ା୩(ସଂଚାର ବ୍ୟୁରୋ): ଆଜି ମହାପ୍ରଭୁ ଲିଙ୍ଗରାଜଙ୍କ ବାହୁଡ଼ା ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରଥଯାତ୍ରା ଉପଲକ୍ଷେ ରାମେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଛି। ଆଜି ଏହି ମହୋତ୍ସବ ଉଦ୍‌ଯାପିତ ହୋଇଥିବା ବେଳେ ଏହି ଅବସରରେ ଭୁବନେଶ୍ୱର କୁମାର-୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସହିଦ ନଗର ଅପ୍ଟିମସ୍ ଫିଟ୍‌ନେସ୍‌ର ଅନନ୍ତ କୁମାର ନାୟକ ପ୍ରଥମ ହୋଇ ଭୁବନେଶ୍ୱର କୁମାର ଟାଇଟଲ୍ ପାଇଛନ୍ତି। ସେହିପରି ବଉଳଗଡ଼ କ୍ଲବ୍‌ର ପ୍ରଭାକର ମୁଦୁଲି ୨ୟ ଓ ଅମ୍ଳାନ ଜ୍ୟୋତି ମହାନ୍ତି ତୃତୀୟ ସ୍ଥାନ ହାସଲ କରି କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବିଜେଡି ନେତା ମନ୍ମଥ କୁମାର ରାଉତରାୟ, କର୍ପୋରେଟର ଶିବ





ପ୍ରସାଦ ବେହେରା, ଅନୁଷ୍ଠାନର ସଭାପତି ଅକ୍ଷୟ ଦୀକ୍ଷିତ, ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ର, ଉପସଭାପତି ରମେଶ ବାରିକ, ମହେଶ୍ୱର ପଣ୍ଡା, ବାପି କୁମାର ପଣ୍ଡା, ଘନଶ୍ୟାମ ସାହୁ, ସଞ୍ଜୟ ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ଧିରଜ କୁମାର ମହାପାତ୍ର, ଜିତେନ୍ଦ୍ର ପ୍ରଧାନ, ବାବୁଲି ଦାସ ଏବଂ ଓଡ଼ିଶା ବଡିବିଲ୍ଡିଂ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ରବି ଧାନ ପଞ୍ଜିକରଣ ସମୟସୀମା ବଢ଼ୁ: କଂଗ୍ରେସ

ଭୁବନେଶ୍ୱର,୩୦ା୩(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଚାଷୀଙ୍କୁ ଧାନ କିଣିବା ସମୟରେ କ୍ୱିଣ୍ଟାଲ ପ୍ରତି ୮ ଶହ ଟଙ୍କା ଇନପୁଟ୍ ସହାୟତା ଦେଉଥିବାରୁ ଗତ ୨ ବର୍ଷ ହେଲା ଚାଷୀ ଧାର କରଜ ଓ ପରିଶ୍ରମ କରି ଅଧିକ ଧାନ ଅମଳ କରୁଛି। ସରକାର ମଧ୍ୟ ସୁବ୍ୟବସ୍ଥିତ ଢଙ୍ଗରେ ଧାର୍ଯ୍ୟ ସମୟରେ ସବୁ ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବେ ବୋଲି କହିଥିଲେ। ୨୦୨୫ ଖରିଫରେ ବଳକା ଧାନର ପରିମାଣ ପ୍ରାୟ ୧୧୦ ଲକ୍ଷ ମେଟ୍ରିକ୍ ଟନ୍ ଥିବା ବେଳେ ସରକାର ୭୩ ଲକ୍ଷ ମେଟ୍ରିକ ଟନ୍ କିଣିବାକୁ ଧାର୍ଯ୍ୟ କରିଥିଲେ ହେଁ ଅଦ୍ୟାବଧି ୭୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣା ସରିଥିବା ସରକାର କହୁଛନ୍ତି। ଏପରି ସ୍ଥିତିରେ ଆସନ୍ତାକାଲି ଖରିଫ୍ ଧାନ କ୍ରୟର ସମୟ ସୀମା ସରୁଛି। କିନ୍ତୁ ଏବେ ବି ଚାଷୀଙ୍କ ପାଖରେ ଆହୁରି ପାଖାପାଖି ୩୨ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଧାନ ଅଛି। ତେଣୁ ଚାଷୀ ଏବେ କରିବେ କ'ଣ ବୋଲି ପ୍ରଶ୍ନ କରିଛନ୍ତି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ।

# ୩.୨୭ ଲକ୍ଷ ଜମାକାରୀଙ୍କୁ ୧୨୮ କୋଟି ଫେରସ୍ତ

ଭୁବନେଶ୍ୱର,୩୦ା୩(ସଂଚାର ବ୍ୟୁରୋ): ରାଜ୍ୟରେ ଅଦ୍ୟାବଧି ୮ ଲକ୍ଷ ୭୮ ହଜାର ୯୫୩ ଜଣ ଚିଟଫଣ୍ଡ କ୍ଷତିଗ୍ରସ୍ତ ଆବେଦନକାରୀଙ୍କ ମଧ୍ୟରୁ ପ୍ରକୃତ କ୍ଷତିଗ୍ରସ୍ତ ୩ ଲକ୍ଷ ୨୭ ହଜାର ୬୪୨ ଜମାକାରୀଙ୍କୁ ମୋଟ ୧୨୮ କୋଟି ଟଙ୍କା ଜିଲ୍ଲାପାଳଙ୍କ ମାଧ୍ୟମରେ ଫେରସ୍ତ କରାଯାଇଛି। ୩ଟି ବେଆଇନ ଆର୍ଥିକ ପ୍ରତିଷ୍ଠାନ ରୋଜଭ୍ୟାଲି ଗ୍ରୁପ, ଗୋଲ୍‌ଡେନ ଲ୍ୟାଣ୍ଡ ଗ୍ରୁପ ଓ ହାଇଟେକ ଇଷ୍ଟେଟ ପ୍ରମୋଟରର ସମ୍ପତ୍ତି ନିଲାମ ଓ ବ୍ୟାଙ୍କ ଜମା ଜବତ ଅର୍ଥରୁ ଏହି କ୍ଷତିପୂରଣ ପ୍ରଦାନ କରାଯାଇଛି ବୋଲି ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅବଶିଷ୍ଟ ପ୍ରକୃତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଫେରସ୍ତ କରାଯିବା ପ୍ରକ୍ରିୟା ଚାଲୁ ରହିଛି। ଏହାଛଡ଼ା କ୍ଷୁଦ୍ର ଜମାକାରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାର ୩୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ସୃଷ୍ଟି କରିଛନ୍ତି। ସେହିପରି ତଦନ୍ତ କମିଶନଙ୍କ ୭ଟି ଅନ୍ତରୀଣ ରିପୋର୍ଟ ଓ କ୍ଷେତ୍ରୀୟ ତଦନ୍ତ ଆଧାରରେ ଚିହ୍ନଟ ହୋଇଥିବା ପ୍ରକୃତ କ୍ଷୁଦ୍ର ଜମାକାରୀଙ୍କୁ ତାଙ୍କର ବାସ୍ତବ ଜମାରାଶି କର୍ପସ ପାଣ୍ଠିରୁ କ୍ଷତିପୂରଣ ଆକାରରେ ଫେରସ୍ତ କରାଯାଉଛି। ଅଦ୍ୟାବଧି କମିଶନଙ୍କ ଦ୍ୱାରା ସୁପାରିସ୍ କରାଯାଇଥିବା ୯୯ ହଜାର ୮୪୫ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭ କୋଟି ଟଙ୍କା କର୍ପସ ପାଣ୍ଠିରୁ ଫେରସ୍ତ କରାଯାଇଛି। ସେହିଭଳି କ୍ଷତିଗ୍ରସ୍ତ ଜମାକାରୀଙ୍କ ଅଭିଯୋଗ ଆଧାରରେ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାଙ୍କ ଦ୍ୱାରା ତଦନ୍ତ କରାଯାଇ ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ବିରୋଧରେ ମାମଲା ରୁଜୁ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜୁଙ୍କୁ...

ମନ୍ତବ୍ୟ କେବଳ ନେହରୁ ଓ ଗାନ୍ଧି ପରିବାର ପାଇଁ ଉଦ୍ଦିଷ୍ଟ ଥିଲା'। ଦୁବେ କହିଥିଲେ ଯେ ୧୯୬୨ ଭାରତ-ଚୀନ୍ ଯୁଦ୍ଧ ସମୟରେ ଆମେରିକା ଗୁପ୍ତଚର ସଂସ୍ଥା ସିଆଇଏ ସହ ମିଶି ନେହରୁ ସରକାର କାମ କରୁଥିଲେ, ଯେଉଁଥିରେ ବିଜୁ ପଟ୍ଟନାୟକ ସାଜିଥିଲେ ମଧ୍ୟସ୍ଥି। ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଚାରବାଟିଆ ଏୟାରବେସକୁ ଆମେରିକାର ଗୁଇନ୍ଦା ବିମାନ ପରିଚାଳନା ପାଇଁ ବ୍ୟବହୃତ ହେଉଥିଲା। ସେଠାରେ ୧୯୬୩ରୁ ୧୯୭୯ ପର୍ଯ୍ୟନ୍ତ ଆମେରିକୀୟ ସୈନ୍ୟବାହିନୀ ଥିଲେ। ଦୁବେଙ୍କ ଏହି ବୟାନକୁ ବିଜେଡି ମିଛ ଓ ଭିତ୍ତିହୀନ କହିଥିବା ବେଳେ ବିଜେପି କହିଛି ଯେ ଇତିହାସକୁ ପର୍ଯ୍ୟାଲୋଚନା କରିବାର ସମୟ ଆସିଛି। ବିଜୁବାବୁଙ୍କ ପ୍ରତି ଅସମ୍ମାନସୂଚକ ମନ୍ତବ୍ୟ ଓଡ଼ିଶା ପ୍ରତି ମଧ୍ୟ ଅପମାନ ବୋଲି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି। ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ଯେ ବିଜୁ ବାବୁଙ୍କ ପ୍ରତି ମନ୍ତବ୍ୟ ପାହାଡ଼ ଉପରକୁ ଟେକା ପକାଇବା ସହ ସମାନ। ଏ ସମ୍ପର୍କରେ ମତ ରଖି ଐତିହାସିକ ଅନୀଲ ଧୀର କହିଛନ୍ତି ଯେ ବିଜୁବାବୁ ସବୁବେଳେ ଓଡ଼ିଶାର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ। ନେହରୁଙ୍କ ସହ ତାଙ୍କର ସମ୍ପର୍କ ଅତି ନିବିଡ଼ ଥିଲା। କିନ୍ତୁ ତା' ବୋଲି ସେ କାହାର ଏଜେଣ୍ଟ ଥିଲେ ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍ ହେବ। ସେହିପରି ବିଜୁଙ୍କ ପ୍ରତି କଟୁ ମନ୍ତବ୍ୟ ନେଇ ଉଦବେଗ ପ୍ରକାଶ କରିଛନ୍ତି ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ। ସୋସିଆଲ ମିଡିଆରେ 'ଏକ୍ସ'ରେ ଦିଲ୍ଲୀପ କହିଛନ୍ତି ଯେ ଭାରତ ଏବଂ ଓଡ଼ିଶା ପ୍ରତି ବିଜୁ ବାବୁଙ୍କର ଅବଦାନ ଅତୁଳନୀୟ। ତାଙ୍କୁ ନେଇ ଶସ୍ତା ଓ ଚାଞ୍ଚଲ୍ୟକର ରାଜନୈତିକ ମନ୍ତବ୍ୟରେ ହ୍ରାସ କରିବା ଅନ୍ୟାୟ ଏବଂ ଗଭୀର ଅସମ୍ମାନଜନକ ବୋଲି ଦିଲ୍ଲୀପ ରାୟ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଇତିହାସ, ସରକାର କିମ୍ବା ଜଟିଳ ଏବଂ କଷ୍ଟକର ସମୟରେ ନିଆଯାଇଥିବା ନିଷ୍ପତ୍ତି ଉପରେ କେହି ବିତର୍କ କରିପାରିବେ। କିନ୍ତୁ ବିଜୁବାବୁଙ୍କ ଜାତୀୟତାବାଦୀ ଆତ୍ମା, ତାଙ୍କ ସାଧୁତା କିମ୍ବା ଭାରତ ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇବାର ଅଧିକାର କାହାର ନାହିଁ ବୋଲି ସେ କହିଛନ୍ତି। ବିଜୁବାବୁଙ୍କ ଜୀବନ ସାହସ, ତ୍ୟାଗ, ଦୂରଦୃଷ୍ଟି ଏବଂ ସାଲିସବିହୀନ ଦେଶପ୍ରେମର ଏକ ପ୍ରମାଣ ଥିଲା। ସେ କେବଳ ଓଡ଼ିଶାର ଜଣେ ଉଚ୍ଚମାନର ନେତା ନ ଥିଲେ, ବରଂ ଜଣେ ବିରଳ ରାଷ୍ଟ୍ରନିର୍ମାତା ବି ଥିଲେ ଯାହାଙ୍କ ଜୀବନ ଏବଂ କାର୍ଯ୍ୟ ଭାରତର ରାଜନୈତିକ ଏବଂ ରଣନୈତିକ ଇତିହାସରେ ଏକ ଛାପ ଛାଡ଼ିଥିଲା ବୋଲି ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

## ଏସସିବି...

ଜଣଙ୍କ ପରେ ଜଣେ ସଦସ୍ୟ କଟୁ ମନ୍ତବ୍ୟ ଦେବା ସହ ତାହାକୁ ରେକର୍ଡ କରାଇବାରେ ସଫଳ ହେଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ଉଭୟ ବିଜେଡି ଓ କଂଗ୍ରେସ ମିଳିତ ଭାବେ ଉଠାଇଥିଲେ। ହେଲେ ଦୁଇ ଦଳର ବିଧାୟକଙ୍କ ସଂଖ୍ୟା ୫୪ ଥିବା ବେଳେ ଥରୁଟିଏ ହେଲେ ବି ଏମାନେ ମିଳିତ ଭାବେ ଗୃହକାର୍ଯ୍ୟକୁ ଅଚଳ କରିବାରେ ସଫଳ ହୋଇ ନ ଥିଲେ। ଗୃହ ମଧ୍ୟକୁ ବିରୋଧୀ ଦଳର ୨୦ରୁ ୨୨ ବିଧାୟକ ଆସୁଥିବା ବେଳେ ଅନ୍ୟ ବିଧାୟକଙ୍କ ଦେଖା ମିଳୁ ନ ଥିଲା। ପ୍ରଶ୍ନକାଳ ଓ ଶୂନ୍ୟକାଳ ଆରମ୍ଭରୁ କିଛି ସମୟ ହୋହଲ୍ଲା କରି ଥଣ୍ଡା ପଡ଼ିଯାଉଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଭାଗୀୟ ଖର୍ଚ୍ଚଦାବି ଆଲୋଚନାରେ ଦୁଇ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିବାରେ ଶାସକ ଦଳର ସଦସ୍ୟମାନେ ବିନା ପ୍ରତିରୋଧରେ ପୂର୍ବ ସରକାରକୁ ଓ ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କୁ ଯା' ଇଚ୍ଛା ତା' ଗାଳି ଦେଇ ତାହାକୁ ବିଧାନସଭା ବିବରଣୀରେ ରେକର୍ଡ ମଧ୍ୟ କରାଇନେଲେ। ବଜେଟ୍ ଅଧିବେଶନ ହେଉଛି ଅନ୍ୟ ଅଧିବେଶନଠାରୁ ଭିନ୍ନ। କାରଣ ଏଥିରେ ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କ ଭୁଲଭଟକା ଧରିବାକୁ ବିରୋଧୀଙ୍କୁ ସୁଯୋଗ ମିଳେ। ପ୍ରଶ୍ନକାଳରେ ପ୍ରଶ୍ନ ଛଳରେ ଶୂନ୍ୟକାଳରେ ମତ ରଖିବାର ସ୍ୱାଧୀନତା, ମୁଲତବୀ ପ୍ରସ୍ତାବ ଜରିଆରେ ନିର୍ଦ୍ଦିଷ୍ଟ ପ୍ରସଙ୍ଗର ଆଲୋଚନା କରିବା, ବିଭାଗୀୟ ଖର୍ଚ୍ଚଦାବି ସମେତ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନାରେ ଭାଗ ନେଇ ଗୋଟି ଅଧିବେଶନର ଏକାଧିକ ବାର ସରକାରଙ୍କୁ ଅକଳରେ ପକାଇବାର ସୁଯୋଗ ରହିଛି। ହେଲେ ବିରୋଧୀ ଦଳ ଗୋଟିଏ ପ୍ରସଙ୍ଗକୁ ଜାବୁଡ଼ି ଧରି ତାହାକୁ ହାତଛଡ଼ା କରିଦେଇଥିବା ଏବେ ଚର୍ଚ୍ଚା ଚାଲିଛି। ଗୃହ ଭିତରେ ଯଦିଓ ଦୁଇ ବିରୋଧୀ ଦଳ ଏକାଠି ହୋଇ ପ୍ରତିବାଦ କରୁଥିଲେ। କିନ୍ତୁ ଦୁଇ ଦଳର ସମସ୍ତ ୫୪ ସଦସ୍ୟଙ୍କୁ ଥରୁଟିଏ ବି ଏକାଠି ଦେଖିବାକୁ ମିଳି ନ ଥିଲା। ଫେରାଦି ପାଇଁ ରାଜଭବନକୁ ଯିବା ସମୟରେ ବି ସବୁ ବିଧାୟକ ଏକାଠି ହୋଇ ଯାଇ ନ ଥିଲେ। ୨୩ ଜଣ ବିଧାୟକ ଅନୁପସ୍ଥିତ ଥିବା ବେଳେ ଅଧା ବିଧାୟକ ପଦଯାତ୍ରାରେ ରାଜଭବନ ଗଲେ ଓ ଅନ୍ୟମାନେ ନିଜ ନିଜ ଗାଡ଼ିରେ ପଳାଇଲେ। ଏହାକୁ ନେଇ ଏବେ ବିରୋଧୀ ଦଳ ଭିତରେ ଜୋରଦାର୍ ଆଲୋଚନା। ତେବେ ବିରୋଧୀ ଦଳର ଏଭଳି ଆଚରଣ କିନ୍ତୁ ଶାସକ ଦଳକୁ ବେଶ୍ ସୁହାଇଛି। ସୁରୁଖୁରୁରେ ବଜେଟ୍ ପାରିତ ହେବାକୁ ଯାଉଥିବା ବେଳେ ଅଧିବେଶନ କାଳରେ ବିରୋଧୀଙ୍କୁ ମୁକାବିଲା ପାଇଁ ସେମାନଙ୍କୁ ସେମିତି କିଛି କସରତ କରିବାକୁ ପଡ଼ିନାହିଁ। ରାଜ୍ୟସଭା ନିର୍ବାଚନରେ ବିଜେଡି-କଂଗ୍ରେସ ମେଣ୍ଟ ଅପମାନଜନକ କ୍ରସ ଭୋଟିଂର ସାମ୍ନା କରିଥିବା ବେଳେ ସମସ୍ତେ ଭାବିଥିଲେ ଦୁଇ ଦଳ ଏହି ଅପମାନର ଭରଣା ବିଧାନସଭାରେ ସରକାରଙ୍କୁ ମୁକାବିଲା ଜରିଆରେ କରିବେ। କିନ୍ତୁ ସେମିତି କିଛି ନ ହେବାରୁ ଏବେ ଉଭୟ ବିଜେଡି ଓ କଂଗ୍ରେସକୁ ନିଜ ନିଜ ଦଳର କର୍ମୀମାନେ ପ୍ରଶ୍ନ କରିବା ଆରମ୍ଭ କଲେଣି।

## ଏନ୍‌ଫୋର୍ସମେଣ୍ଟ...

ପରିସ୍ଥିତିରେ ସମସ୍ତେ ଗୋଟିଏ ଟିମ୍ ମନୋଭାବ ନେଇ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କରିବା ଅତ୍ୟନ୍ତ ଜରୁରୀ। ଗୁଜବ ସୃଷ୍ଟି କରି ଭୟର ବାତାବରଣ ଉପୁଜାଉଥିବା ଲୋକଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଶେଷକରି ସୋସିଆଲ ମିଡିଆ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ସେ କହିଥିଲେ। ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ କ୍ରାଇସିସ୍ ମ୍ୟାନେଜ୍‌ମେଣ୍ଟ ଗ୍ରୁପ ଗଠନ କରାଯାଇଛି। ଉପଯୁକ୍ତ ସମନ୍ୱୟ ରଖି ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ନିୟମିତ ଭାବେ ଉପଲବ୍ଧ ହେବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାରେ ପେଟ୍ରୋଲ, ଡିଜେଲ, ଗ୍ୟାସ୍, ସାର ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ନିୟମିତ ମନିଟରିଂ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜନସାଧାରଣ ଭୟଭୀତ ନ ହେବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ରଖିଥିଲେ। ଜିଲ୍ଲାପାଳମାନେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ଅଛି। ସପ୍ଲାଇ ଚେନ୍‌କୁ ମଧ୍ୟ ଶୃଙ୍ଖଳିତ କରାଯାଉଛି। ତେଣୁ, ଜନସାଧାରଣ ବ୍ୟସ୍ତ ନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜନସାଧାରଣଙ୍କୁ ଆଶ୍ୱସ୍ତ କରିବା ପାଇଁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ଉପରେ ନିୟମିତ ସୂଚନା ଦିଆଯାଉ। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ଗୃହ ଓ ସୂଚନା ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶ୍ରମ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଓ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।

## ଟପ୍...

ସାମିଲ୍ ଅଛନ୍ତି। ପାଖାପାଖି ୩୬ ବର୍ଷ ଧରି ମାଓ ସଂଗଠନ ସହ ଜଡ଼ିତ ଥିବା ଚେଲୁରି ନାରାୟଣ ରାଓ ଓରଫ୍ ସୁରେଶ ଆଜି ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରେ ଡିଜିପି ହରିଶ କୁମାର ଗୁପ୍ତାଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ୨୦୧୮ରେ ସଂଘଟିତ ପୂର୍ବତନ ବିଧାୟକ କିଦାରି ସର୍ବେଶ୍ୱର ରାଓ ଓ ସିବେରି ସୋମେଶ୍ୱର ରାଓଙ୍କ ହତ୍ୟାକାଣ୍ଡ ସହ ଜଡ଼ିତ ଥିଲେ। ଏହାଛଡ଼ା ସେ ସୁରକ୍ଷାକର୍ମୀଙ୍କ ଗାଡ଼ିକୁ ଉଡ଼ାଇଦେବା ଭଳି ଏକାଧିକ ହିଂସା ସହ ମଧ୍ୟ ଜଡ଼ିତ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମହିଳା ମାଓବାଦୀ ଜଣଙ୍କ ରାଉରକେଲାରେ ଅସ୍ତ୍ର ତ୍ୟାଗ କରିଛନ୍ତି। ଉକ୍ତ ମାଓବାଦୀ ଜଣଙ୍କ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ଛୋଟନାଗରା ଥାନା ଅଧୀନସ୍ଥ ହୋଲୋମୁଲି ଗ୍ରାମର ମେଙ୍ଗଡି ହୋନହାଗା (୧୯) ବୋଲି ଜଣାପଡ଼ିଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ରାଉରକେଲା ଏସପିଙ୍କ ସମ୍ମୁଖରେ ସେ ଆତ୍ମସମର୍ପଣ କରିଥିବା ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପୁଲିସ ମୁଖ୍ୟାଳୟରେ ଡିଆଇଜି ଓ ଏସପି ଉକ୍ତ ମହିଳା ମାଓବାଦୀଙ୍କୁ ଫୁଲତୋଡ଼ା ଓ ଶାଲ ଦେଇ ସ୍ୱାଗତ କରିଥିଲେ। ମିଳିଥିବା ସୂଚନାନୁସାରେ, ସରଣ୍ଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳକୁ ଯାଇ ସିପିଆଇ (ମାଓବାଦୀର ସଦସ୍ୟମାନେ ଅଧିକାଂଶ ସମୟରେ ରାସନ ସଂଗ୍ରହ କରୁଥିଲେ। ଲଜିଷ୍ଟିକ୍ ସପ୍ଲାୟରମାନଙ୍କ ମାଧ୍ୟମରେ ମୋଙ୍ଗଡ଼ି ନକ୍ସଲମାନଙ୍କ ସଂସ୍ପର୍ଶରେ ଆସିଥିଲେ। ଅନମୋଲ ଓରଫ୍ ସୁଶାନ୍ତ ତାଙ୍କ ସହ ଅନ୍ୟ କେତେକଙ୍କୁ ମାଓ ଶିବିରରେ ଭର୍ତ୍ତି କରିଥିଲେ। ଏସିଏମ୍ ଜୟକାନ୍ତ ଓରଫ୍ ଗୁଙ୍ଗା ଓ ପାର୍ଟି ସଦସ୍ୟ ବିରସା ଓରଫ୍ ଜାଲୁଏ ଓ ମୁନିରାମ ମଧ୍ୟ ଅନମୋଲ ସହ ହୋଲୋମୁଲିକୁ ଆସି ଏହି ଭର୍ତ୍ତି ପ୍ରକ୍ରିୟାରେ ସହଯୋଗ କରୁଥିବା ଜଣାପଡ଼ିଛି। ଗତ ଜାନୁଆରୀ ୨୧ ତାରିଖରେ କୁମଡିହି ଜଙ୍ଗଲରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଘଟିଥିବା ଏନକାଉଣ୍ଟର ସମୟରେ ମୋଙ୍ଗଡି ଅନ୍ୟ ଦୁଇ ଜଣଙ୍କ ସହ ଖସି ପଳାଇ ଜଙ୍ଗଲରେ ଲୁଚିଥିଲେ। ତେବେ ରାଉରକେଲା ପୁଲିସ୍ ମୋଙ୍ଗଡ଼ିଙ୍କ ବିଷୟରେ ସୂଚନା ପାଇବା ପରେ ତାଙ୍କ ସହ ଯୋଗଯୋଗ କରିଥିଲଣ। ମାଓବାଦୀ ଚିନ୍ତାଧାରା ପ୍ରତି ସାଧାରଣରେ କମୁଥିବା ଆଗ୍ରହ, ଶାରୀରିକ ଓ ମାନସିକ ଉତ୍ପୀଡ଼ନର ସମ୍ମୁଖୀନ ହେବା ଏବଂ ସରକାରଙ୍କ ଆତ୍ମସମର୍ପଣ ନୀତି ଓ ଲଗାତାର ସୁରକ୍ଷାକର୍ମୀଙ୍କ ଅଭିଯାନ ଯୋଗୁଁ ସେ ଆତ୍ମସମର୍ପଣ ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ଜଣାପଡ଼ିଛି। ଆତ୍ମସମର୍ପଣ କରିଥିବା ମୋଙ୍ଗଡ଼ି କେ. ବଲାଙ୍ଗ ଥାନା ଅଧୀନସ୍ଥ ବାଙ୍କୋ ପଥର ଖଣି ବିସ୍ଫୋରକ ଲୁଟ୍ ଘଟଣା ସହ କେ. ବଲାଙ୍ଗ ଥାନା ଅଧୀନସ୍ଥ ଅଞ୍ଚଳରେ ଦୁଇଟି ପୋଷ୍ଟର୍ ମାରିବା, ରାଞ୍ଜେଡା ରେଳପଥ ଆଇଇଡି ବିସ୍ଫୋରଣ ଘଟଣା ଓ ବାଙ୍କୋ ସିଆରପିଏଫ୍ ଆଇଇଡି ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତ ଥିଲେ। ସେ ପାର୍ଟି ସଦସ୍ୟ ସହ ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଆତ୍ମସମର୍ପଣ କରିବା ପରେ ମୋଙ୍ଗଡ଼ିଙ୍କୁ ସର୍ବମୋଟ ୨ ଲକ୍ଷ ୬୫ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏଥିସହ ପୁନର୍ବାସ ଯୋଜନା ଅନୁସାରେ ବିବାହ, ଦକ୍ଷତା ଉନ୍ନତି, ସ୍ୱାସ୍ଥ୍ୟ କାର୍ଡ ଆଦି ସୁବିଧା ମଧ୍ୟ ଯୋଗାଇ ଦିଆଯିବ ବୋଲି ରାଉରକେଲା ପୁଲିସ୍ ପକ୍ଷରୁ କୁହାଯାଇଛି।

## ସାକାର...

ଉପରେ ଛାତ ଉପଲବ୍ଧ ହୋଇଛି। ଆର୍ଥିକ ଅନଗ୍ରସର, ଭିନ୍ନକ୍ଷମ, ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତି ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ସର୍ବସ୍ୱ ହରାଇଥିବା ପରିବାରଙ୍କୁ ପକ୍କାଘର ଯୋଗାଇଦେବାକୁ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ଆଜି ବହୁ ପରିବାର ମୁହଁରେ ହସ ଫୁଟାଇପାରିଛି। ଲୋକଙ୍କ ସରକାରରେ ଲୋକଙ୍କ ସ୍ୱପ୍ନ ସାକାର ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ମିଳୁଥିବା ପ୍ରତିଟି ପକ୍କାଘର କେବଳ ଏକ ଘର ନୁହେଁ, ବରଂ ଏହା ସହ ଯୋଡ଼ି ହୋଇଛି ଭରସା, ବିଶ୍ୱାସ ଓ ନୂଆ ଆଶା ବୋଲି କହିଛନ୍ତି। ରାଜ୍ୟର ଗୃହହୀନ ଓ ଅସହାୟ ପରିବାରଙ୍କୁ ସ୍ୱାଭିମାନର ସହ ବଞ୍ଚିବାର ରାହା ଦେଖାଇଥିବା 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ଗତ ବର୍ଷକ ମଧ୍ୟରେ ମୋଟ ୧ ଲକ୍ଷ ୫୭ ହଜାର ୯୩୬ଟି ପରିବାର ଉପକୃତ ହୋଇଥିବା ବେଳେ ଏହି ସମସ୍ତ ପରିବାରଙ୍କୁ ନିଜସ୍ୱ ପକ୍କାଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସରକାରଙ୍କ ନିରନ୍ତର ଉଦ୍ୟମ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୭୨,୨୬୩ ପରିବାରର ପକ୍କାଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ୮୫,୬୭୩ଟି ଘରର ନିର୍ମାଣ କାର୍ଯ୍ୟ ଜାରି ରହିଛି। ବିପର୍ଯ୍ୟୟ କ୍ଷତିଗ୍ରସ୍ତ, ଭିନ୍ନକ୍ଷମ, ସ୍ଥାନାନ୍ତରିତ ଓ ଦୁରାରୋଗ୍ୟ ରୋଗଗ୍ରସ୍ତ ପରିବାରଙ୍କୁ ପ୍ରାଥମିକତା ଭିତ୍ତିରେ ସାମିଲ କରି ଏହି ଯୋଜନା ସାମାଜିକ ଓ ଅର୍ଥନୈତିକ ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ଟିଏମ୍‌ସିର...

ପାଇଁ କୌଣସି ବିକାଶମୂଳକ ମୁଦ୍ଦା ନାହିଁ। ନନ୍ଦୀଗ୍ରାମ ପରିବର୍ତ୍ତନର ପ୍ରତୀକ ଏବଂ ଏଥର ମଧ୍ୟ ଏହି ମାଟି ଇତିହାସ ରଚିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ 'ସବକା ସାଥ୍, ସବକା ବିକାଶ'ର ସଂକଳ୍ପ ବଙ୍ଗଳା ମାଟିରେ ସାକାର ହେବ। ବିଜେପି ସରକାରରେ ପଶ୍ଚିମବଙ୍ଗ ଦୁର୍ନୀତିମୁକ୍ତ ହେବ। ପରିବର୍ତ୍ତନର ସଂକଳ୍ପ ଏବେ ଜନସାଧାରଣଙ୍କ ସ୍ୱର ହୋଇଥିବା ବେଳେ ବଙ୍ଗଳାର ବିକାଶ ପାଇଁ 'ଡବଲ୍ ଇଞ୍ଜିନ' ସରକାରର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହା ପୂର୍ବରୁ କାନ୍ଥି ଲୋକସଭା କ୍ଷେତ୍ରର ପ୍ରବାସୀ କାର୍ଯ୍ୟକର୍ତ୍ତାଙ୍କ ସହ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ। ଏହି ଅବସରରେ ସେ କହିଛନ୍ତି, ନିର୍ବାଚନ ଜିତିବା ପାଇଁ ବୁଥ୍ ସ୍ତରରେ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ପରାମର୍ଶ ଦିଆଯାଇଛି। ସରକାରଙ୍କ ବିଫଳତା ଓ କେନ୍ଦ୍ରର ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ବୈଠକରେ ଉତ୍ତରପ୍ରଦେଶ ସରକାରଙ୍କ ମନ୍ତ୍ରୀ ଶ୍ରୀ ଜେ.ପି.ଏସ୍ ରାଠୋର ଏବଂ କାନ୍ଥି ସାଂସଦ ଶ୍ରୀ ସୌମେନ୍ଦୁ ଅଧିକାରୀ ଉପସ୍ଥିତ ଥିଲେ।

## ସିଙ୍ଗାପୁର...

ଏଥିସହ ଭୁବନେଶ୍ୱରରୁ ଇନ୍ଦୋର, ଡେରାଡୁନ ଓ କୋଚି ଆଦି ତିନି ସହରକୁ ସିଧାସଳଖ ଉଡ଼ାଣ ବନ୍ଦ କରାଯାଇଛି। ଫଳତଃ ଏହି ତିନି ସହରକୁ ଏବେ ସିଧା ଉଡ଼ାଣ ଭରିବନି ଇଣ୍ଡିଗୋ ବିମାନ। ଭୁବନେଶ୍ୱରରୁ ସିଙ୍ଗାପୁର, ଦୁବାଇ ଓ ଆବୁ ଧାବୀକୁ ଅନ୍ତର୍ଜାତୀୟ ବିମାନ ଉଡ଼ିବା ପରେ ଅନ୍ତର୍ଜାତୀୟ ବିମାନ ସେବା କ୍ଷେତ୍ରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା। ରାଜ୍ୟରେ ବୃଦ୍ଧି ପାଉଥିବା ଶିଳ୍ପାୟନ ପାଇଁ ଏହି ସେବା ଆରମ୍ଭ କରାଯାଇଥିଲା। ଦୁବାଇ ଓ ଆବୁ ଧାବୀକୁ ଯୁଦ୍ଧ ପାଇଁ ସାମୟିକ ବିମାନ ସେବା ବନ୍ଦ ହୋଇଛି କି ପୂର୍ଣ୍ଣାଙ୍ଗ ଭାବେ ସେବା ବାତିଲ ହୋଇଛି, ତାହା ଏବେ ଯାଏଁ ସ୍ପଷ୍ଟ ନୁହେଁ। ପୂର୍ବରୁ ରାଜ୍ୟ ସରକାର ସିଙ୍ଗାପୁର ଓ ଦୁବାଇ ଉଡ଼ାଣ ପାଇଁ ସେବା ପ୍ରଦାନକାରୀ ସଂସ୍ଥାକୁ କ୍ଷତିପୂରଣ ଦେଉଥିଲେ। ଅର୍ଥାତ ଯଦି ବିମାନର ସବୁ ସିଟ୍ ପୂରଣ ହେବନାହିଁ, ତା'ହେଲେ ଖାଲି ପଡୁଥିବା ସିଟ ବାବଦ କ୍ଷତି ରାଜ୍ୟ ସରକାର ଭରଣା କରୁଥିଲେ। ସେହିଭଳି କୋଚି, ଡେରାଡୁନ୍ ଓ ଇନ୍ଦୋରକୁ ଉଡାଣ ବାତିଲର କାରଣ ମଧ୍ୟ ଅସ୍ପଷ୍ଟ। ଏହା ଇଣ୍ଡିଗୋ କମ୍ପାନୀର ମନମାନୀ କି ଯାତ୍ରୀ ଅଭାବ, ସେନେଇ ବିମାନବନ୍ଦର କର୍ତ୍ତୃପକ୍ଷ କିଛି ବି ସ୍ପଷ୍ଟ କରିନାହାଁନ୍ତି।

## ବନ୍ଧୁକଧାରୀଙ୍କ...

ଜଣାପଡ଼ିଛି। ଏନେଇ ପୁଲିସ୍ ମୁଖପାତ୍ର କ୍ୱାସିଜଓ୍ୱକ୍ ଡୋମିନିକ୍ ଆମୋଙ୍ଗୋକ୍ କହିଛନ୍ତି ଜେବେଲ୍ ଇରାକ ଅଞ୍ଚଳରେ ଏକ ସୁନା ଖଣି ଉପରେ ଅଜ୍ଞାତ ବନ୍ଧୁକଧାରୀ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ୭୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏଥିସହ ଅନେକ ଆହତ ହୋଇଥିବା ଖବର ରହିଛି। ସେହିପରି ସୁଦାନର ବିରୋଧୀ ଦଳ ସୁଦାନ୍ ପିପୁଲ୍ସ ଲିବରେସନ୍ ମୁଭମେଣ୍ଟ ଏପରି ଏକ ଅମାନବୀୟ ଆକ୍ରମଣକୁ ନିନ୍ଦା କରିବା ସରକାରଙ୍କୁ ସମାଲୋଚନା କରିଛି। ଏଥିସହ ଏହି ଘଟଣା ପଛରେ ଜେବେଲ୍ ଇରାକ୍ ଅଞ୍ଚଳରେ ସରକାରୀ ଦଳ ଏସ୍‌ଏସ୍‌ପିଡିଏଫ୍‌ର ନିୟନ୍ତ୍ରଣରେ ଥିବାରୁ ଏପରି ନରସିଂହାର କେବଳ ସେଇମାନେ ହିଁ ଘଟାଇଥିବେ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

# ଶିଳ୍ପ ଶୋଷୁଛି ବ୍ରାହ୍ମଣୀ ଜଳ
# ସଙ୍କଟରେ ଜିଲ୍ଲାବାସୀ



**ସରକାର, ପ୍ରଶାସନ ନା କାରଖାନା ପଦାଧିକାରୀ କିଏ ଦାୟୀ ?**

ଯାଜପୁର,୩୦।୩ (ସଂଚାର ବ୍ୟୁରୋ): ଦିନ ଥିଲା ବ୍ରାହ୍ମଣୀ ନଦୀର ଜଳ ସ୍ଥାନୀୟ ଲୋକେ ବ୍ୟବହାର କରୁଥିଲେ। ଏହି ନଦୀର ଜଳ ପାର୍ଶ୍ୱବର୍ତ୍ତୀ ଚାଷୀଙ୍କ ଆବଶ୍ୟକତାକୁ ମେଣ୍ଟାଉଥିଲା। କିନ୍ତୁ ଏବେ ତାହା ଦେଖିବାକୁ ମିଳୁନି। କାରଣ ଏବେ ବ୍ରାହ୍ମଣୀ ଶୁଖିଲା ପଡ଼ିଥିବା ଦେଖାଯାଉଛି। ମୁଖ୍ୟତଃ ବ୍ୟାପକ ଶିଳ୍ପାୟନ ଏହାର କାରଣ ହୋଇପାରେ। କାରଣ ଶିଳ୍ପ ଶୋଷୁଛି ବ୍ରାହ୍ମଣୀ ଜଳ ବୋଲି ବାରମ୍ବାର ଅଭିଯୋଗ ହେଉଛି। କିନ୍ତୁ ଏହାର ପ୍ରତିକାର ହେଉନି। ଜଳସେଚନ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ଜିଲ୍ଲାର ବିଧାୟକ ଓ ମନ୍ତ୍ରୀ ସବୁ ଜାଣି କେହି ବି ମୁହଁ ଖୋଲୁ ନ ଥିବା ଘଟଣା ଅଧିକ ରହସ୍ୟମୟ ହୋଇଛି। ଯାହାକି ସ୍ଥାନୀୟ ଲୋକଙ୍କ ଏହା ଚିନ୍ତାର କାରଣ ହୋଇଛି।

ଯାଜପୁର ଜିଲାରେ ବ୍ରାହ୍ମଣୀ ଓ ତାର ଶାଖା ନଦୀ ଖରସ୍ରୋତା ପ୍ରବାହିତ ହେଇଛି। ଏବେ ଏହା ଶୁଖିବାକୁ ବସିଲାଣି। ଏଥିନେଇ ଜଳ ସଙ୍କଟରେ ଉବୁଟୁବୁ ହେଉଛନ୍ତି ନଦୀ ତଟବର୍ତ୍ତୀ ଜିଲ୍ଲାବାସୀ। ଯାଜପୁର ଜିଲ୍ଲାର ଦାନଗଦୀ, ସୁକିନ୍ଦା, ଧର୍ମଶାଳା, ରସୁଲପୁର, ବରୀ, ଯାଜପୁର ବ୍ଲକର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକେ ବ୍ରାହ୍ମଣୀ ଜଳ ଉପରେ ନିର୍ଭର କରିଥା'ନ୍ତି। ହେଲେ ବ୍ରାହ୍ମଣୀ ନଦୀ ଆଜି ଶ୍ରୀହିନ ହେବାକୁ ବସିଲାଣି। କାରଣ ନଦୀରେ ଆବଶ୍ୟକ ପରିମାଣ ଜଳ ନାହିଁ। ଏହାର ପ୍ରତିକାର ପାଇଁ ଜିଲ୍ଲାବାସୀଙ୍କ ତରଫରୁ ଗତ ୧୫ବର୍ଷ ପୂର୍ବେ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିଲା। କିନ୍ତୁ ଏହି ଅଭିଯାନ କିଛି ଦିନ ପରେ ଶିଥିଳ ହୋଇ ପଡ଼ିଥିଲା। ଏହାର ଫାଇଦା ହାତେଇଛନ୍ତି ଶିଳ୍ପପତିମାନେ। ବ୍ରାହ୍ମଣୀ ନଦୀରୁ ପାଇପ ଯୋଗେ କଳକାରଖାନା ଗୁଡିକ ପର୍ଯ୍ୟାପ୍ତ ପରିମାଣର ଜଳ ବ୍ୟବହାର କରୁଛି। ଏଥିନେଇ ଯାଜପୁର ଜିଲ୍ଲାର ପ୍ରାୟ ୨୦ କିମି ବ୍ୟାସାର୍ଦ୍ଧ ଅଞ୍ଚଳରେ ଜଳସ୍ତର ହ୍ରାସ ପାଇଛି। ଏହାର ପ୍ରଭାବରେ କୁଅ, ପୋଖରୀ ଶୁଖିଯାଉଥିବାବେଳେ ଟ୍ୟୁବୱେଲରୁ ପାଣି ବାହାରୁ ନାହିଁ। ରାଜ୍ୟର ବିକାଶ ନାଁରେ ସରକାର ଏବେ ଶିଳ୍ପକୁ ଗୁରୁତ୍ୱ ଦେଉଥିବାରୁ ଦିନକୁ ଦିନ ମାତ୍ରାଧିକ ଜଳ ସଂକଟ ଦେଖାଯାଉଛି। କିନ୍ତୁ ସ୍ଥାନୀୟ ଲୋକଙ୍କ ଏହା ବିକାଶ ବଦଳରେ ବିନାଶ ଘଟୁଛି।

କଳିଙ୍ଗନଗରରେ ଗୋଟିଏ ପରେ ଗୋଟିଏ ଶିଳ୍ପ ଗଢ଼ି ଉଠି ଏବେ ୧୫ରୁ ଉର୍ଦ୍ଧ୍ୱରେ ପହଞ୍ଚିଲାଣି। ଶିଳ୍ପପତିମାନେ କାରଖାନା ପାଇଁ ବ୍ରାହ୍ମଣୀ ଏବଂ ତାହାର ଶାଖା ଖରସ୍ରୋତା ନଦୀ ଉପରେ ନିର୍ଭର କରୁଛନ୍ତି। ତେବେ ଦିନକୁ ଦିନ ଏହାର ଜଳସ୍ତର ହ୍ରାସ ପାଉଥିବାରୁ ବ୍ରାହ୍ମଣୀ ନଦୀ ଉପରେ ନିର୍ଭର କରୁଥିବା ଚାଷୀମାନେ ଏବେ ଜୀବିକା ହରାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଏହାର ସୁଧାର ଆଣିବାକୁ ସ୍ଥାନୀୟ ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଖବର ମିଳିଛି।

## ତଞ୍ଚକତା କରି ନେଇଗଲେ ଜମି ମାଲିକଙ୍କ ଘେରିଭଙ୍ଗା ଟଙ୍କା



ପାରାଦୀପ,୩୦।୩ (ସଂଚାର ବ୍ୟୁରୋ): ଜମି ମାଲିକ ବସିଛି, ଅନ୍ୟ ଜଣେ ନେଇଗଲା ଘେରି ଭଙ୍ଗା ଟଙ୍କା। ଏଭଳି ଅଭିଯୋଗ ଆସିଛି ପାରାଦୀପ ବିଜୟଚନ୍ଦ୍ରପୁରୁ ଅଞ୍ଚଳରୁ। ପ୍ରଭାସ ପ୍ରଧାନ, ଅଶୋକ ସ୍ୱାଇଁ, ରତ୍ନାକର ପ୍ରଧାନ ଆଦି ପ୍ରାୟ ୬୦ଜଣ ଲୋକ ଏଭଳି ଅଭିଯୋଗ ଆଣିଛନ୍ତି। ସ୍ଥିତିବାନ ଖାତା ୪୦ଓ ୫୫ରେ ୬୩.୭୬ ଏକରରେ ଘେରି ନିର୍ମାଣ କରାଯାଇ ଜମି ମାଲିକମାନେ ମାଛ ଚାଷ ଦ୍ୱାରା ନିଜର ଗୁଜୁରାଣ ମେଣ୍ଟାଉଥିଲେ। ବେଆଇନ ଏଗ୍ରୀମେଣ୍ଟ ଦେଖାଇ ସୁଧୀର ରଞ୍ଜନ ମହାପାତ୍ର ଓ ଅନ୍ୟ ୬ଜଣ ଘେରି ଟଙ୍କାକୁ ପ୍ରଶାସନ ଠାରୁ ହାତେଇ ନେଇଥିବା ଜମି ମାଲିକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଜମି ମାଲିକ ମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାକୁ ଜମି ମାଲିକମାନେ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ନଶୁଣେ ତେବେ ଆମେ କମ୍ପାନୀ ଫାଟକ ଆଗରେ ଆମରଣ ଅନଶନ କରିବୁ ବୋଲି ଚେତାବନୀ ଦେଇଛନ୍ତି ଜମି ମାଲିକ। ଅନ୍ୟପକ୍ଷରେ ଆମେ ଜମି ଅଧିଗ୍ରହଣ କରି ନିୟମ ମୁତାବକ ଟଙ୍କା ଇଡକୋ ନିକଟରେ ଦାଖଲ କରିଛୁ, କିଏ ଚଞ୍ଚକତା କରି ଟଙ୍କା ନେଇ ଗଲା ତାହା ତଦନ୍ତ ହେବା ଦରକାର, ସେଥିରେ ଆମର କିଛି ଭୂମିକା ନାହିଁ ବୋଲି ଇଫକୋର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଆମୋନିଆ ନାଇଟ୍ରେଟ ଗାଡି ଦୁର୍ଘଟଣାଗ୍ରସ୍ତ



ସୁନ୍ଦରଗଡ଼,୩୦।୩ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ବଡ଼ ପତ୍ରପାଲି ଛକ ଉପରେ ଆମୋନିଆ ନାଇଟ୍ରେଟ ବୋଝେଇ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାକୁ ନେଇ ସାଧାରଣ ଲୋକେ ଭୟଭୀତ ହୋଇପଡିଛନ୍ତି। ଆମୋନିଆ ନାଇଟ୍ରେଟ ବସ୍ତୁ ଥିବା ଖୋଲ ଯାଉଥିବାର ଜଣାପଡିଛି। ଚାଳକଙ୍କୁ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ବିଶେଷ କରି ଖଣି କାମ ପାଇଁ ବ୍ଲାଷ୍ଟିଂରେ ଏହାର ମୁଖ୍ୟ ବ୍ୟବହାର ହୋଇଥାଏ। ରାସ୍ତା/ପୋଲ ନିର୍ମାଣରେ ବଡ଼ ପାହାଡ଼ କିମ୍ବା ପଥର କାଟିବା ପାଇଁ ବ୍ୟବହାର କରାଯାଏ। ଏହା ଏକ ଜଟିଳ ଏବଂ ବିପଜ୍ଜନକ ପଦାର୍ଥ ହୋଇଥିବାରୁ ସାଧାରଣ ଲୋକେ ଏହାର ବ୍ୟବହାର ଉପରେ ପ୍ରତିବନ୍ଧକ ଲାଗିଛି। ଘଟଣାକୁ ନେଇ ଅଞ୍ଚଳରେ ଆତଙ୍କର ପରିସ୍ଥିତି ଦେଖାଯାଇଥିବା ବେଳେ ପୁଲିସ ଓ ଜିଲ୍ଲା ପ୍ରଶାସନ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି।

## ମହାନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ଗଡ଼ାଧୀଶ ଦଳବେହେରା



ଖୋରଧା, ୩୦।୩ (ସଂଚାର ବ୍ୟୁରୋ): ପରାଧୀନ ଭାରତରେ ଖୋରଧା ଥିଲା ଶେଷ ସ୍ୱାଧୀନ ଦୁର୍ଗ। ଖୋରଧା ଓଡ଼ିଶାର ପ୍ରାଚୀନ ରାଜଧାନୀ ଭାବେ ଇତିହାସ ବିଦିତ। ୧୮୧୭ ମସିହାରେ ବ୍ରିଟିଶର କ୍ରୁର ଶାସନରେ ଅତିଷ୍ଠ ହୋଇ ଖୋରଧାରେ ଆରମ୍ଭ ହୋଇଥିଲା ପାଇକ ମାନଙ୍କର ବିଦ୍ରୋହ। ଏହି ବିଦ୍ରୋହର ମଙ୍ଗ ଧରିଥିଲେ ଖୋରଧାର ପ୍ରଧାନ ସେନାପତି ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ। ୧୮୧୭ ମସିହା ମାର୍ଚ୍ଚ ୨୯ ତାରିଖରେ ରକ୍ତତୀର୍ଥ ବାଣପୁରର ପଲଟଣ ପଡ଼ିଆରୁ ପାଇକ ବିଦ୍ରୋହର ଶୁଭଶଙ୍ଖ ତୂର୍ଯ୍ୟନାଦ ହୋଇଥିଲା ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କ ନେତୃତ୍ୱରେ। ପାଇକ ବିଦ୍ରୋହ ଘଟିବାର ୨୦୯ ବର୍ଷ ବିତି ଗଲାଣି । ଏହି ଦିବସର ଗୁରୁତ୍ୱ ଓ ମହତ୍ତ୍ୱ ଦୃଷ୍ଟିରୁ ସ୍ମରଣଯୋଗ୍ୟ କରିବା ପାଇଁ ଗଡ଼ାଧିଶ ଦଳେଇ ଦଳବେହେରା ମହାସଂଘ ପକ୍ଷରୁ ଜାତୀୟ ରାଜପଥ ପଞ୍ଚ ପାଇକ ଏବଂ ପଲ୍ଲୀ ସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ପୂର୍ବକ ପୁଷ୍ପମାଲ୍ୟ ଅର୍ପଣରେ ଏକତ୍ର ହୋଇଥିଲେ ଦଳେଇ ଦଳବେହେରା ଦାୟାଦ। ଏହି ଶ୍ରଦ୍ଧା ସୁମନ ପୁଷ୍ପମାଲ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ବିଭିନ୍ନ ଗଡ଼ରୁ ଆସିଥିବା ୩୦ ରୁ ଉର୍ଦ୍ଧ୍ୱ ଦଳ ବେହେରା।

## ବାଲିଶଙ୍କରାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ସୁନ୍ଦରଗଡ଼, ୩୦।୩ (ସଂଚାର ବ୍ୟୁରୋ): ବାଲିଶଙ୍କରା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୬୭ ଗୋଟି ଅଭିଯୋଗ ମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୩୮ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୩ ଗୋଟି ଅଭିଯୋଗ ର ତତକ୍ଷଣାତ ସମାଧାନ କରାଯାଇ ଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ ଗୋଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ନଅ ଦଫା ଦାବି ନେଇ ବିଜେଡି ପକ୍ଷରୁ ଦାବିପତ୍ର



ନବରଙ୍ଗପୁର,୩୦।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ବିଜୁ ଜନତା ଦଳ ପକ୍ଷରୁ ନଅ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

ବ୍ଲକ ଅଫିସରେ ବ୍ୟାପକ ଦୁର୍ନୀତି ସହ ମାସ ମାସ ଧରି ପଂଚାୟତ ସମିତି ବୈଠକ ହେଉନଥିବା ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଉପେକ୍ଷା କରି ଗ୍ରାମସଭାରେ ଦିଆଯାଇଥିବା ପ୍ରକଳ୍ପ ମାନଙ୍କୁ ଅନୁମୋଦନ ନକରି ନିର୍ଦ୍ଦିଷ୍ଟ ଦଳର କର୍ମୀମାନଙ୍କୁ କାମ ଦେବା ପାଇଁ ପ୍ରକଳ୍ପ ଅନୁମୋଦନ କରୁଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତ ସମିତି ପାଣ୍ଠିକୁ ସଭ୍ୟାଙ୍କ ଅଜାଣତରେ ବିନିଯୋଗ କରି ଅର୍ଥ ଆତ୍ମସାତ କରିବା, ବିଗତ ସରକାର ଅମଳରେ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ଫାଇଭ ଟି ଯୋଜନା ଅଧିନ ଅନୁଦାନରେ କାମର ବିଲ ନ କରିବା, ବ୍ଲକର ସମସ୍ତ ନଳକୂପର ମରାମତି କରିବା, ଆବାସ ଯୋଜନାରେ ହିତାଧିକାରୀଙ୍କୁ ମନରେଗାରେ ମିଳୁଥିବା ୨୫ ହଜାର ଟଙ୍କାକୁ ମଧ୍ୟ ହଡପ କରାଯାଉଥିବା ଆଦି ୯ ଦଫା ଦାବି ନେଇ ବିଜେଡି ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଜୋରଦାର ପ୍ରତିବାଦ କରାଯିବ ବୋଲି କହିବା ସହ ଜିଲ୍ଲାପାଳ ଅଫିସକୁ ମଧ୍ୟ ଅଚଳ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲା ବିଜେଡି ସଭାପତି ମାନୋହର ରନ୍ଧାରୀଙ୍କ ନେତୃତ୍ୱରେ ଏହି ଘେରାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମହିଳା ସଭାପତି ମଞ୍ଜୁଳା ମାଝୀଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

## ପୂର୍ବ ଭାରତରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ସମ୍ମାନିତ

### କୁଳପତି ମଧ୍ୟ ସମ୍ବର୍ଦ୍ଧିତ




ଭୁବନେଶ୍ୱର, ୩୦।୩ (ସଂଚାର ବ୍ୟୁରୋ): ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ ପୂର୍ବ ଭାରତରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ଗ୍ରାଜିଆ ଟ୍ରେଣ୍ଡସେଟର୍ସ ୨୦୨୬ ସମ୍ମାନ ପ୍ରଦାନ କରାଯାଇଛି। ଏଥି ସହିତ ଶୈକ୍ଷିକ ଓ ନେତୃତ୍ୱ କ୍ଷେତ୍ରରେ ଉତ୍କୃଷ୍ଟତା ନିମନ୍ତେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ମଧ୍ୟ ଗ୍ରାଜିଆ ଟ୍ରେଣ୍ଡସେଟର୍ସ ୨୦୨୬ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଗତ ବୁଧବାର କୋଲକାତା ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟ ଏବଂ କୁଳପତି ପ୍ରଫେସର ନନ୍ଦଙ୍କୁ ଗ୍ରାଜିଆ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବଲିଉଡ୍ ତାରକା ରସିକା ଦୁଗଲ, ତାହା ଶାହା ବାଦୁଶାହ, ପରମବ୍ରତ ଚାଟ୍ଟାର୍ଜୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଗ୍ରାଜିଆ ସମ୍ମାନ ପ୍ରଦାନ କରିଥିଲେ। ଗ୍ରାଜିଆ ହେଉଛି ବିଶ୍ୱର ଏକ ଅଗ୍ରଣୀ ମହିଳା ସାପ୍ତାହିକ ପ୍ରତ୍ରିକା ଯାହାର କି ଭାରତ ସମେତ ଅନ୍ୟ ଦେଶମାନଙ୍କରେ ମଧ୍ୟ ପ୍ରକାଶନ ରହିଛି। କଳା, ସଂସ୍କୃତି, ଶିକ୍ଷା, ଉଦ୍ୟୋଗୀକରଣ, ଚଳଚ୍ଚିତ୍ର, ଫ୍ୟାସନ୍ ଓ ଡିଜାଇନ୍ ପ୍ରଭୃତିକୁ ପ୍ରୋତ୍ସାହନ ଦେବାରେ ଏହି ପ୍ରତ୍ରିକାର ପ୍ରମୁଖ ଭୂମିକା ରହିଛି। ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଗ୍ରାଜିଆ ପକ୍ଷରୁ ଏହି ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ୩ ଲୁଟେରାଙ୍କୁ କାବୁ କରି ପୁଲିସ ଜିମା ଦେଲେ ଗ୍ରାମବାସୀ

ନୀଳଗିରି, ୩୦।୩ (ସଂଚାର ବ୍ୟୁରୋ): ମିତ୍ରପୁର-ଅଯୋଧ୍ୟା ରାସ୍ତାରେ ୧୫ଦିନ ମଧ୍ୟରେ ୪ଥର ଚିନ୍ତାଇ ହୋଇଛି। ଉକ୍ତ ରାସ୍ତାରେ ଦିନକୁ ଦିନ ଚୋରି, ଡକାୟତି, ଛିନ୍‌ତାଇ ଭଳି ଅପରାଧ ବୃଦ୍ଧି ପାଉଥିଲା ବେଳେ ଆଜି ରାତି ପ୍ରାୟ ୮.୪୫ ମିନିଟ୍ ସମୟରେ ନୀଳଗିରି ବ୍ଲକ ମିତ୍ରପୁର- ଅଯୋଧ୍ୟାର ପାଟଣା ସ୍କୁଲ ଛକ ନିକଟରେ ରାସ୍ତାରେ ଲୁଟ୍‌ର ଶିକାର ହୋଇଛନ୍ତି ବଣିଆ ଗାଁ ଗ୍ରାମର କଣା ସିଂ(୨୨)।

ସେ ଚାଲିଚାଲି ଯାଉଥିବା ବେଳେ ମିତ୍ରପୁର ପଟରୁ ଦ୍ରୁତ ବେଗରେ ଏକ ବାଇକରେ ୩ଜଣ ଆସି କଣାଙ୍କ ପାଖରେ ଅଟକି ବେକରେ ତେଲେଙ୍ଗା କଟୁରୀ ଲଗାଇ ଭୟଭୀତ କରିବା ସହ ତାଙ୍କ ମୋବାଇଲ୍ ଧରି ମିତ୍ରପୁର ରାସ୍ତାରେ ଫେରାର ହୋଇଯାଇଥିଲା ବେଳେ ଗାଡି ଚଳାକ ପଡିଯାଇଥିଲେ। ଏହି ସମୟରେ କାଣା ପାଟି କରିବା ସହିତ ଗାଡିଚାଳକ କାବୁ କରି ନେଇଥିଲେ। ଗ୍ରାମର ଯୁବକମାନେ ପହଞ୍ଚି ଯିବାରୁ ତେଲେଙ୍ଗା କାଟୁରି ଧରିଥିବା ଯୁବକ ଜଣକ ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲା। ଅନ୍ୟ ଜଣେ ଯୁବ ବଣିଆଗାଁ ଗ୍ରାମକୁ ଦୌଡୁଥିବା ବେଳେ ଗ୍ରାମର ଯୁବକମାନେ କାବୁ କରିଥିଲେ। ଖବର ପାଇ ନୀଳଗିରି ଥାନାର ଏଏସଆଇ ଜିତେନ୍ଦ୍ର ଦାସ ସଦଳେବଳେ ପହଁଚିବା ପରେ ୨ ଦୁର୍ବୃତ୍ତକୁ ଗ୍ରାମବାସୀମାନେ ପୁଲିସ ଜିମା ଦେଇଥିଲେ। ଅପର ପକ୍ଷରେ ଫେରାର ହୋଇଥିବା ଦୁର୍ବୃତ୍ତ ଜଣଙ୍କୁ ସିଙ୍ଗିରି ଗ୍ରାମବାସୀ ଅଟକ ରଖିଥିଲେ।

**ରାସ୍ତାରେ ପିଚୁ ପଡ଼ିବାକୁ ନେଇ ଅସନ୍ତୋଷ**

## ଅବଶ୍ୟକ ନଥିବା ସ୍ଥାନରେ ପଡ଼ିଲା ପିଚୁ

ଆନନ୍ଦପୁର, ୩୦।୩ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ପିଚୁ ପକାଇବାକୁ ନେଇ ଆସିଛି ଆଉ ଏକ ସଙ୍ଗୀନ ଅଭିଯୋଗ। ଖବର ଅନୁଯାୟୀ ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ୨୦ନଂ ଜାତୀୟ ରାଜପଥ ଠାରୁ ତାଳଗାଁ ପର୍ଯ୍ୟନ୍ତ ଥିବା ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ପିଚୁ ରାସ୍ତା ମରାମତି ଦୁଇ ଦିନ ତଳେ ହୋଇଥିଲା। ତେବେ ରାସ୍ତାର ଲମ୍ବ ୨.୫୮୦କିମି ଥିବା ବେଳେ ମାତ୍ର କିଛି ସ୍ଥାନରେ ପିଚୁ ପଡ଼ିବା ଏବଂ ଖାଲ ଥିବା ସ୍ଥାନକୁ ଛାଡ଼ି ଦେବା ଘଟଣାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ କେତେ ଟଙ୍କା ଆସିଥିଲା ଏହି ପିଚୁ ପଡ଼ିବା ପାଇଁ ତାକୁ ନେଇ ପ୍ରଶ୍ନ ଉଠିଛି। ଅବଶ୍ୟକ ନଥିବା ସ୍ଥାନରେ ପିଚୁ ପଡ଼ିଥିବାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ତେବେ ରାଜ୍ୟ ସରକାର ଲୋକଙ୍କ ଗମନା ଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପକ୍କା ଓ ପିଚୁ ସଡ଼କ ତିଆରି କରୁଥିବା ବେଳେ କାହାର କି ପ୍ରକାର ସ୍ୱାର୍ଥ ଥିଲା ଯେ ଭଲ ରାସ୍ତା ଉପରେ ପିଚୁ ପକାଇ ସରକାରଙ୍କ ଉପରକୁ ଆଙ୍ଗୁଠି ଉଠାଇବା ଭଳି ପରିସ୍ଥିତି ସୃଷ୍ଟି କଲା , ଏହି ଘଟଣା କୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ହେଉଛି। ସବୁଠାରୁ ବଡ଼ କଥା ହେଉଛି, ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଘାସ ଓ ମାଟି ସଫା ନକରି ସିଧାସଳଖ ପିଚୁ ପକାଯାଇଥିବା ଅଭିଯୋଗ ଆସିଛି। ଏହା ଫଳରେ କାମର ଗୁଣମାନ ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହା ସହିତ, ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ପିଚୁ ପକାଇଥିବା ଘଟଣାକୁ ନେଇ ଆହୁରି ଚର୍ଚ୍ଚା ବଢ଼ିଛି। ସରକାରୀ ନିୟମ ଉଲଂଘନ କରି କାମ କରାଯାଇଥିବା ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଅନୁଦାନ ଅର୍ଥ ଅନୁସାରେ ପିଚୁ ପଡ଼ିନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ନେଇ ଲୋକମାନେ ତଦନ୍ତ ଦାବି କରିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ କେବେ ଏହି ଘଟଣାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି ।



## ଧାନବସ୍ତା ରଖି ରାସ୍ତା ଅବରୋଧ କଲେ ଚାଷୀ



ଢେଙ୍କାନାଳ, ୩୦।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ସମବାୟ ଓ ପରଜଙ୍ଗ ବ୍ଲକ ସାନ୍ଧା ସମବାୟ ସମିତିରେ ମଣ୍ଡିରେ ଧାନ ନ ଉଠିବା ପ୍ରତିବାଦ କରି ଚାଷୀ ତୁମୁସିଙ୍ଗା ସମବାୟ ସମିତିରେ ଶହ ଶହ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଆନ୍ଦୋଳନ କରିଥିଲେ। ଜିଲ୍ଲାପାଳ ଦେଇଥିବା ପ୍ରତିଶୃତିରେ ଚାଷୀ ହତାଶ ହୋଇଥିଲେ। ୨୪ଘଣ୍ଟରେ ଧାନ ନ ଉଠିଲେ ପୁଣି ଆନ୍ଦୋଳନ ତୀବ୍ର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସାନ୍ଧା ସମବାୟରେ ମଣ୍ଡି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଛି। ଚାଷୀଟିଏ ନିଜର କଷ୍ଟ ଉପାର୍ଜିତ ଧାନ ଏବେ ବିକ୍ରି କରିନପାରି ଧାନକୁ ଖୋଲା ଆକାଶରେ ରଖିଛି। ଏ ସମ୍ପର୍କରେ ସାଆନ୍ଧା ଅଞ୍ଚଳର ଚାଷୀମାନଙ୍କ ଦ୍ୱାରା ପ୍ରଶାସନକୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରୁନାହିଁ। ଏହାର ପ୍ରତିବାଦରେ ଆଜି ସକାଳେ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ସାଆନ୍ଧା ଛକରେ ଶହ ଶହ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଶହ ଶହ ଗାଡି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ଥିଲା। ପରେ ଉତ୍ତ୍ୟକ୍ତ ଚାଷୀ ଟାଣ ଖରାକୁ ଖାତିର ନକରି ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଆନ୍ଦୋଳନ କରିଥିଲେ। ହେଲେ ଜିଲ୍ଲାପାଳ ଦେଇଥିବା ପ୍ରତିଶୃତିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ୧୯ରେ ସୁଦର୍ଶନ ଦାରୁପୀଠ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ବାଲିଅନ୍ତା, ୩୦।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ଗଡ଼କଣ୍ଟୁଣିଆସ୍ଥିତ ସୁଦର୍ଶନ ଦାରୁପୀଠ ପରିସରରେ ନବ ନିର୍ମିତ ଜଗନ୍ନାଥ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଏପ୍ରିଲ ମାସ ୧୯ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁସାରେ ୧୯ ତାରିଖରେ ଅଙ୍କୁରାରୋପଣ, ଶ୍ରୀଜୀଉମାନଙ୍କର ଧାନ୍ୟାଧିବାସ, ୨୦ ତାରିଖରେ କଳସ ଶୋଭାଯାତ୍ରା, ୨୧ରୁ ୨୨ ତାରିଖ ଦୁଇ ଦିନ ଅନ୍ୟାନ୍ୟ ପୂଜାନୀତି ସମ୍ପର୍ଣ୍ଣ ହେବ। ୨୩ ତାରିଖରେ ଷୋଡଶ ଉପଚାର ପୂଜା, ମନ୍ଦିର ପ୍ରତିଷ୍ଠା, ରତ୍ନ ସିଂହାସନ ପ୍ରତିଷ୍ଠା ଏବଂ ଶ୍ରୀ ଜୀଉମାନଙ୍କର ଜୀବନ୍ୟାସ ବି ସମ୍ପାଦନ କରାଯିବ। ୨୪ ତାରିଖ ପୂର୍ଣ୍ଣାହୁତି ଦିବସରେ ୬୧ ଫୁଟ ବିଶିଷ୍ଟ ଜଗନ୍ନାଥ ମନ୍ଦିର ରତ୍ନ ସିଂହାସନକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବେ। ଏହା ସହିତ ମା' ଲକ୍ଷ୍ମୀ, ମା' ବିମଳା ଏବଂ ନୃସିଂହନାଥ ମନ୍ଦିର ସିଂହାସନରେ ଉପବିଷ୍ଟ ହେବେ।

ଏନେଇ ଆଜି ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦାରୁ ପୀଠ ପରିସରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର ଏବଂ ବିଗ୍ରହ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ ପୁରୀ ଜଗନ୍ନାଥ ମନ୍ଦିରର ୫ଟି ନିଯୋଗର କର୍ମକର୍ତ୍ତା ସାମିଲ ହେବେ । ଏନେଇ ଆଜିର ବୈଠକରେ ମନ୍ଦିର ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

## ରାସ୍ତା ମରାମତି ନାଁରେ ଲକ୍ଷାଧିକ ଟଙ୍କା ଚଳୁ ଉଦ୍ୟମ



**ଅର୍ଥ ଲୁଟ ପାଇଁ ମସୁଧା, ବଢୁଛି ଅସନ୍ତୋଷ**

**ମାର୍ଚ୍ଚ ମାସ ଶେଷରେ ତରବରିଆ ହେଉଛି ପିଚୁ କାମ**

କାକଟପୁର/ଅସ୍ତରଙ୍ଗ, ୩୦।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଜିଉଁନ୍ତି ଶିବ ମନ୍ଦିର ନିକଟରୁ ଜିଉଁନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକୁ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗରେ ର "୦ କାମ କରି ସରକାରୀ ଅର୍ଥ ଲୁଟିନେବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଛି।

ଖବର ମୁତାବକ, ରବିବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଜିଉଁନ୍ତି ଶିବ ମନ୍ଦିର ପାଖରୁ ଅସ୍ତରଙ୍ଗ ନୂତନ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମରାମତି କାମ ଚାଲିଛି। ବିଧାନସଭା ସଭ୍ୟଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ପାଖାପାଖି ୨୬୦ମିଟର ରାସ୍ତା ମରାମତି ସ୍ଥିତି ଦେଖିଲେ, ଅର୍ଥ ଚଳୁ କରିବାର ଅପପ୍ରୟାସ ସ୍ପଷ୍ଟ ପରିଲିଖିତ ହୁଏ। ଭଲ ପିଚୁ ରାସ୍ତା ଉପରେ ପିଚୁ ଦେଇ ତଥାକଥିତ ମରାମତି କରାଯାଉଛି। ରାସ୍ତାର ଦୁଇ ପାର୍ଶ୍ୱରୁ ଘାସ ସଫା, ଫାଟି ଯାଇଥିବା ପିଚୁ ତାଡିବା, ମେଟାଲ ପକାଇ ପୂରଣ କରିବା, ଖାଲ ସ୍ଥାନରେ ପ୍ରାଇମର କୋଟ, ଟ୍ୟାକ କୋଟ ପିଚୁ ଏବଂ ରାସ୍ତା ସାଇଡରେ ମାଟି ଫିଲିଂ ପାଇଁ ଏଷ୍ଟିମେଟରେ ବ୍ୟୟ ବରାଦ କରାଯାଇଛି। ରାସ୍ତାକୁ ସୁଦୃଢ଼ କରିବା ଓ ଉନ୍ନତମାନର କାମ ନିମନ୍ତେ ଏଷ୍ଟିମେଟରେ ପିଏମସି ପକାଇ ପିଚୁ ପାଇଁ ଅର୍ଥ ପ୍ରଦାନ କରାଯାଇଛି। ଏହାସହ କେମିକାଲ ଜାଗାରେ ପୋଡା ମୋବିଲି ବ୍ୟବହାର କରାଯାଉଛି। କିନ୍ତୁ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେଉନଥିବା ବେଳେ ରାସ୍ତା ପାର୍ଶ୍ୱରେ ଟାୟାର ଜାଳି ପିଚୁ ଡ୍ରମ ଗୁଡିକୁ ତରଳାଇ ଥିବାର ଦେଖିବାକୁ ମିଳୁଛି। ପିଚୁ ତରଳା ଯୋଗୁଁ ଜଳୁଥିବା ଟାୟାର ଦୁର୍ଗନ୍ଧ ଏବଂ ଧୂଆଁ ଉଭୟ ପରିବେଶକୁ ପ୍ରଦୂଷଣ କରୁଛି।

ଏଷ୍ଟିମେଟ ଅନୁଯାୟୀ କାମ ହୋଇନଥିବା ବେଳେ ଭଲ ପିଚୁ ରାସ୍ତା ଉପରେ ପିଚୁ ଯେଉଁ ଭଳି କାମ ହୋଇଛି ଉଚ୍ଚ ସ୍ତରୀୟ ଅଧିକାରୀ ତଦନ୍ତ କଲେ ଦୁର୍ନୀତି ଜଳ ଜଳ ହୋଇ ସାମ୍ନାକୁ ଆସିବ। ରାସ୍ତା କାମ ନାଁରେ ଆସୁଥିବା ଅର୍ଥକୁ ଠିକାଦାର ପୋଷା ନୀତି ଅବଲମ୍ବନ ହେଉଛି। ବିଧାନସଭା ସଭ୍ୟଙ୍କ ସ୍ଥାନୀୟ ଅଞ୍ଚଳର ବିକାଶ ପାଣ୍ଠିକୁ କୁଜି ନେତା ତଥା ଠିକାଦାର ନେଇ କିଭଳି ଢଙ୍ଗରେ ବିନିଯୋଗ କରାଯାଇ ହରିଲୁଟର ବାଟ ଖୋଲା ଯାଉଛି, ତାହା ଏଥିରୁ ସ୍ପଷ୍ଟ ଜଣାପଡେ।

ଏହି ରାସ୍ତା ମରାମତି କାର୍ଯ୍ୟ ଉଚ୍ଚସ୍ତରୀୟ ଅଧିକାରୀ/ଅଧିକାରିଣୀ କିମ୍ବା ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ଏକ୍ସ ମାଧ୍ୟମରେ ସମାଜସେବୀ ଅଭିଯୋଗ କରିଛନ୍ତି।

## ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ଫୁଲବାଣୀ, ୩୦।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୂତିମେଣ୍ଡି ପଞ୍ଚାୟତର ଲମ୍ବାଗୁଡ଼ି ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ସ୍କୁଲର ଜଣେ ଦକ୍ଷ ତଥା ଛାତ୍ରବତ୍ସଳ ଶିକ୍ଷକଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସହକାରୀ ଶିକ୍ଷକ ବୈଦ୍ୟନାଥ ପାଟଯୋଶୀଙ୍କ ବଦଳି ଆଦେଶ ବାତିଲ କରିବା ପାଇଁ ଲମ୍ବାଗୁଡି ଗ୍ରାମବାସୀ କନ୍ଧମାଳ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି ଆଶ୍ରମ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଶିକ୍ଷକ ଅଭାବ ରହିଛି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ବ୍ୟତୀତ କେବଳ ପାଟଯୋଶୀ ହିଁ ବିଦ୍ୟାଳୟ ପରିସରରେ ରହି ପିଲାମାନଙ୍କର ସେବା ଓ ଶିକ୍ଷାଦାନ କରନ୍ତି। ବର୍ତ୍ତମାନ ତାଙ୍କର ଅନ୍ୟତ୍ର ବଦଳି ହୋଇଯିବା ଫଳରେ ବିଦ୍ୟାଳୟର ଶିକ୍ଷାଦାନ ଓ ପିଲାଙ୍କ ଯତ୍ନ ନେବାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା କରିଛନ୍ତି ଗ୍ରାମବାସୀ ଓ ଅଭିଭାବକ। ତେଣୁ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ସେହି ବିଦ୍ୟାଳୟରେ ପୁନଃ ଅବସ୍ଥାପିତ କରିବାକୁ ଗ୍ରାମବାସୀ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଦାବି କରିଛନ୍ତି।

ସଂଚାର THE SANCHAR

# ଏପ୍ରିଲ ୧ରୁ ପାଳନ ହେବ ଓଡ଼ିଆ ପକ୍ଷ




● ଓଡ଼ିଶା ଦିବସରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଉତ୍ସବ

● ଓଡ଼ିଆ ସଂସ୍କୃତି ସହ ପୁନଃସଂଯୋଜିତ ହେବେ ଓଡ଼ିଆ

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନିଜର ଦୈନନ୍ଦିନ ଜୀବନର ଅଂଶବିଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଗତ ବର୍ଷ ସାରା ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଆ ଅସ୍ମିତାର ମହାପର୍ବ 'ଓଡ଼ିଆ ପକ୍ଷ' ପାଳିତ ହୋଇଥିଲା। ଓଡ଼ିଆ ଘରର ଗାଥା-ଗୌରବ, କଥାସରିତା, ଚାଲି-ଚଳଣି, ଖାଦ୍ୟ-ପେୟ, ପୋଷାକ-ପରିଧାନ, ସଂସ୍କୃତି ଓ ପରମ୍ପରାକୁ ପୁନଃ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଚଳିତ ବର୍ଷ ମଧ୍ୟ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତି ଜିଲ୍ଲାଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି।

ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମ ନେଇ ଏକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି ଯେ ଚଳିତ ବର୍ଷ ଓଡ଼ିଆ ପକ୍ଷକୁ ଭବ୍ୟତାର ସହ ଆୟୋଜନ କରାଯିବ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏପ୍ରିଲ ୧ରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟର ପ୍ରତିଷ୍ଠା ଦିବସ 'ଓଡ଼ିଶା ଦିବସ' ପାଳିତ ହେବ। ଏପ୍ରିଲ ୨ରେ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଶିଶୁ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ଖଡ଼ିଛୁଆଁ ଦିବସ' ପାଳନ କରାଯିବ। ସେହିପରି ଏପ୍ରିଲ ୩ରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପାରମ୍ପରିକ ପୋଷାକ ପରିଧାନ- 'ଆମ ପୋଷାକ ଆମ ପରିଚୟ ଦିବସ' ପାଳନ କରାଯିବ। ଏପ୍ରିଲ ୪ରେ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ' ପଦଯାତ୍ରା ଆୟୋଜିତ ହେବ। ଏପ୍ରିଲ ୫ରେ ରାଜ୍ୟର ଐତିହ୍ୟସ୍ଥଳୀଗୁଡ଼ିକର ସୁରକ୍ଷା, ଏହାର ପ୍ରଚାର ଓ ପ୍ରସାର ଏବଂ ଫିଟ୍ ଇଣ୍ଡିଆ ଓ ଫିଟ୍ ଓଡ଼ିଶାର ଲକ୍ଷ୍ୟକୁ ନେଇ କ୍ରୀଡ଼ା ଓ ଯୁବସେବା ଓ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟର ଐତିହ୍ୟ ସ୍ଥଳୀ ନିକଟରେ 'ଐତିହ୍ୟ ଗଣଦୌଡ଼' ଆୟୋଜିତ ହେବ।

ସେହିଭଳି ଏପ୍ରିଲ ୬ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଦେବାଳୟଠାରୁ ଆରମ୍ଭ କରି ସାର୍ବଜନୀନ ସ୍ଥାନମାନଙ୍କରେ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏପ୍ରିଲ ୭ରେ ଶିଶୁକଥା, ଗଳ୍ପ ଓ ଲୋକକଥାକୁ ଛୋଟ ପିଲାଙ୍କ ମଧ୍ୟରେ ପ୍ରଚାର ପ୍ରସାର ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ "ଶିଶୁକଥା ଦିବସ" ପାଳନ କରାଯିବ। ଏପ୍ରିଲ ୮ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ 'ରକ୍ତଦାନ ଅଭିଯାନ' ଆୟୋଜନ ହେବ। ଏପ୍ରିଲ ୯ ତାରିଖରେ ପୁସ୍ତକ ପଠନକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କରିବା ସହ ଯୁବପିଢ଼ିଙ୍କୁ ପୁସ୍ତକ ପଠନ ପ୍ରତି ଆକୃଷ୍ଟ କରିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଆସ ବହିଟିଏ କିଣିବା ଅଭିଯାନ' ଆୟୋଜିତ ହେବ। ଏପ୍ରିଲ ୧୦ରେ ଓଡ଼ିଶାର ଲୋକକଳାକୁ ପ୍ରୋତ୍ସାହନ ଦେବା ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ "ଲୋକକଳା ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଆୟୋଜିତ ହେବ। ଏପ୍ରିଲ ୧୧ରେ ଶିଶୁ, କିଶୋର ଓ ତରୁଣମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ପାଇଁ 'ଅମୃତପିଢ଼ି ସମାରୋହ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏପ୍ରିଲ ୧୨ରେ ଓଡ଼ିଶାର ବରପୁତ୍ରମାନଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମ୍ବନ୍ଧରେ ଯୁବପିଢ଼ିଙ୍କୁ ଅବଗତ କରାଇବା ସହ ବରପୁତ୍ରମାନଙ୍କ ସ୍ମୃତିଚାରଣ ନିମନ୍ତେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏପ୍ରିଲ ୧୩ରେ ପାରମ୍ପରିକ ଖାଦ୍ୟ ଓ ସ୍ଥାନୀୟ ଖାଦ୍ୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ 'ଆମ ରୁଚି ଆମ ଖାଦ୍ୟ ଦିବସ' ପାଳନ କରାଯିବ। ଶେଷରେ ଏପ୍ରିଲ ୧୪ରେ ସାରା ରାଜ୍ୟରେ ଭବ୍ୟତାର ସହ ଓଡ଼ିଆ ନବବର୍ଷ ପାଳନ କରାଯିବ ବୋଲି ଶ୍ରୀ ସୂରଜ କହିଛନ୍ତି।

## କ୍ୟାନ୍ସର-ଫ୍ରି ଓଡ଼ିଶା ସଚେତନତା ସମ୍ମିଳନୀରେ ରାଜ୍ୟପାଳ

# ପ୍ରତିରୋଧ ପାଇଁ ପ୍ରାରମ୍ଭିକ ଚିହ୍ନଟ ଓ ଚିକିତ୍ସାକୁ ଗୁରୁତ୍ୱ




ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): କର୍କଟ ରୋଗର ପ୍ରତିରୋଧ ପାଇଁ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଓ ସୁଲଭ ଚିକିତ୍ସା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ଅସୀମ୍ ଓଡ଼ିଶା ଫାଉଣ୍ଡେସନ୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ 'କ୍ୟାନ୍ସର-ଫ୍ରି ଓଡ଼ିଶା' ସଚେତନତା ସମ୍ମିଳନୀ ଓ 'ମହାନାୟକ- ୨୦୨୬' ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ କହିଥିଲେ ଯେ କ୍ୟାନ୍ସର ଏବେ କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ବରଂ ଏହା ପରିବାର ଓ ସମାଜକୁ ପ୍ରଭାବିତ କରୁଥିବା ଏକ ବଡ଼ ସାମାଜିକ ଆହ୍ୱାନ। ଓଡ଼ିଶା ସମେତ ଦେଶର ଅନେକ ଅଞ୍ଚଳରେ ଜୀବନଶୈଳୀ ପରିବର୍ତ୍ତନ, ତମାଖୁ ସେବନ, ପରିବେଶଗତ କାରଣ, ସଚେତନତାର ଅଭାବ ଓ ବିଳମ୍ବିତ ନିଦାନ ହେତୁ କ୍ୟାନ୍ସର ମାମଲା କ୍ରମାଗତ ଭାବେ ବଢ଼ୁଛି ବୋଲି ସେ କହିଥିଲେ।

କର୍କଟ ରୋଗ ପ୍ରତିରୋଧର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ଆଳସ୍ୟପୂର୍ଣ୍ଣ ଜୀବନଶୈଳୀ ଭଳି ବିପଦ କାରକଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଦ୍ୱାରା କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବହୁଳ ମାତ୍ରାରେ କମ୍ କରିହେବ। ଏକ ସଚେତନ ସମାଜ ହିଁ ଏକ ଶକ୍ତିଶାଳୀ ସମାଜ ଏବଂ ପ୍ରତିରୋଧ ଚିକିତ୍ସାଠାରୁ ଅଧିକ ପ୍ରଭାବଶାଳୀ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭିକ ଚିହ୍ନଟର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରାଥମିକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଜବୁତ କରିବା, ବିଶେଷକରି ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ସ୍କ୍ରିନିଂ କାର୍ଯ୍ୟକ୍ରମକୁ ବିସ୍ତାରିତ କରିବା ଆବଶ୍ୟକ ବୋଲି ଡ. କମ୍ଭମପାଟି କହିଥିଲେ।

'ମହାନାୟକ- ୨୦୨୬' ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ସେମାନଙ୍କର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିବା ସହ ଏକ କ୍ୟାନ୍ସର-ସଚେତନ ଓ କ୍ୟାନ୍ସର-ମୁକ୍ତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ପ୍ରୟାସ ସକାଶେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ପୂର୍ବତନ ବାଲେଶ୍ୱର ସାଂସଦ ରବୀନ୍ଦ୍ର କୁମାର ଜେନା ମଧ୍ୟ ଉଦ୍‌ବୋଧନ ଦେଇଥିଲେ।

# ବରିଷ୍ଠ ବିଜେଡି ନେତାଙ୍କ ପତ୍ନୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ



ନୂଆପଡ଼ା, ୩୦।୩ (ସଂଚାର ବ୍ୟୁରୋ): ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ନୂଆପଡ଼ାର ବିଜେଡି ନେତା ହରିଶ୍ଚନ୍ଦ୍ର ପଣ୍ଡାଙ୍କ ପତ୍ନୀ ପୂଜା ପଣ୍ଡାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ନିଜ ଘର ପଛପଟେ ଥିବା ବେଲଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଘଟଣାସ୍ଥଳରେ ନୂଆପଡ଼ା ସଦର ଥାନା ପୋଲିସର ତଦନ୍ତ ଆରମ୍ଭ । ମୃତ୍ୟୁର କାରଣ ଅସ୍ପଷ୍ଟ । ରାତି ପ୍ରାୟ ୯ଟାରେ ଅତିରିକ୍ତ ଏସପି ରଞ୍ଜିତ ନାଏକ ଓ ନୂଆପଡ଼ା ଆଇଆଇସି ଗଙ୍ଗାଧର ମେହେର ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ମୃତହେଦକୁ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ରାତି ପ୍ରାୟ ୧୦ଟାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତେବେ ଜୀବନ ହାରିବାର କାରଣ ଅସ୍ପଷ୍ଟ ରହିଛି। ଏବେ ଘଟଣାରେ ବହୁ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚିବାରୁ ଲୋକାରଣ୍ୟ ହୋଇଛି ଓ ମୃତକ ପରିବାରକୁ ସମବେଦନା ଜଣାଇଛନ୍ତି । ସୂଚନା ଅନୁସାରେ ବିଜେପି ନେତା ବସନ୍ତ ପଣ୍ଡାଙ୍କ ପୁତୁରା ହେଉଛନ୍ତି ହରିଶ୍ଚନ୍ଦ୍ର ପଣ୍ଡା।

# ପୁଣି ଜଷ୍ଟିସ୍ ପୂଜାହାରୀଙ୍କୁ ଓଏଚଆରସି ଅଧ୍ୟକ୍ଷ ଦାୟିତ୍ୱ



ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଆଜି ଓଡ଼ିଶା ମାନବାଧିକାର ଆୟୋଗ (ଓଏଚଆରସି)ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦ୍ୱିତୀୟ ଥର ପାଇଁ ଆୟୋଗର ଅଧ୍ୟକ୍ଷ ହୋଇଥିବାରୁ ତାଙ୍କର ନେତୃତ୍ୱ ଓ ମାନବ ଅଧିକାର ସୁରକ୍ଷା ପ୍ରତି ଅତୁଟ ସମର୍ପଣ ଉପରେ ପୁନର୍ବାର ଆସ୍ଥା ପ୍ରକାଶ ପାଇଛି। ଜଷ୍ଟିସ ପୂଜାହାରୀ ଜଣେ ପ୍ରତିଷ୍ଠିତ ନ୍ୟାୟିକ ବ୍ୟକ୍ତିତ୍ୱ ଯିଏ ଉଚ୍ଚ ନ୍ୟାୟାଳୟ ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଅର୍ଜନ କରିଛନ୍ତି। ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିବା ସହ ରାଜ୍ୟ ସରକାର ଓ ନ୍ୟାୟିକ ପ୍ରଣାଳୀର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି। ଗତ ୨୦୨୩ ଫେବୃଆରୀ ୧୦ ତାରିଖରୁ ଆରମ୍ଭ ହୋଇଥିବା ତାଙ୍କର ପୂର୍ବ କାର୍ଯ୍ୟକାଳ ମାନବ ଅଧିକାର ସମସ୍ୟା ସମାଧାନରେ ସକ୍ରିୟ ଭୂମିକା ଓ ପ୍ରତିଷ୍ଠାନଗତ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଉଲ୍ଲେଖନୀୟ ଥିଲା। ଦାୟିତ୍ୱ ନେବା ପରେ ଜଷ୍ଟିସ ପୂଜାହାରୀ କହିଥିଲେ ଯେ ଓଡ଼ିଶା ମାନବ ଅଧିକାର ଆୟୋଗ ଏକ ସକ୍ରିୟ ଓ ସୁଲଭ ପ୍ରତିଷ୍ଠାନ ଭାବେ ମାନବିକ ଅଧିକାର ସୁରକ୍ଷା ପ୍ରତି ସଦା ପ୍ରତିବଦ୍ଧ ରହିବ। ଅଭିଯୋଗଗୁଡ଼ିକର ସମୟୋପଯୁକ୍ତ ସମାଧାନ, ସଚେତନତା ବୃଦ୍ଧି ଓ ସମ୍ବେଦନଶୀଳ ବର୍ଗମାନଙ୍କ ସ୍ୱାର୍ଥ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ।

# ସହଜ ହେବ ଆହାରକେନ୍ଦ୍ରକୁ ରନ୍ଧନ ଗ୍ୟାସ ଯୋଗାଣ



## ଲଜିଷ୍ଟିକ୍ସ ବ୍ୟବସ୍ଥା ସୁଦୃଢ଼ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ):ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ 'ଆହାର' ଯୋଜନାକୁ ନିରନ୍ତର ଓ ବାଧାହୀନ ଭାବେ ଚାଲୁ ରଖିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସାରା ଓଡ଼ିଶାରେ ଥିବା ଆହାର ରୋଷେଇ ଶାଳଗୁଡ଼ିକ ପାଇଁ ରନ୍ଧନ ଗ୍ୟାସ ଯୋଗାଣକୁ ସରଳୀକୃତ ଓ ସୁରକ୍ଷିତ କରିବାକୁ ବିଭାଗ ପକ୍ଷରୁ ବ୍ୟାପକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲିଟି କମିଶନର ଏବଂ ଜିଲ୍ଲା ଓ ସିଟି ଆହାର ସୋସାଇଟିର ସଭାପତିମାନଙ୍କୁ ପତ୍ର ଲେଖି ଏହି ଯୋଜନାର ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦ଟି କେନ୍ଦ୍ରୀୟ ରୋଷେଇ ଶାଳ ସହାୟତାରେ ୧୭୦ଟି ଆହାର କେନ୍ଦ୍ର ଜରିଆରେ ପ୍ରତିଦିନ ହଜାର ହଜାର ହିତାଧିକାରୀଙ୍କୁ ସ୍ୱଳ୍ପ ମୂଲ୍ୟରେ ପୁଷ୍ଟିକର ଆହାର ଯୋଗାଇ ଦିଆଯାଉଛି। ସେବା ପ୍ରଦାନରେ ଯେପରି କୌଣସି ଅନ୍ତରାୟ ସୃଷ୍ଟି ନ ହୁଏ, ସେଥିପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିଜ ନିଜ ଅଞ୍ଚଳରେ ରନ୍ଧନ ଗ୍ୟାସର ଉପଲବ୍ଧତା ସମ୍ପର୍କରେ ତୁରନ୍ତ ସମୀକ୍ଷା କରିବାକୁ ଏବଂ ଗ୍ୟାସ ଯୋଗାଣକାରୀ ଓ ବିତରକଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ପ୍ରସ୍ତୁତି ଏବଂ ବଣ୍ଟନ ପ୍ରକ୍ରିୟାରେ ଯେପରି କୌଣସି ସମସ୍ୟା ନ ଉପୁଜେ, ସେଥିପାଇଁ ସମୟୋଚିତ ପଦକ୍ଷେପ ନେବାକୁ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ଶେଷ ମାଇଲ ପର୍ଯ୍ୟନ୍ତ ପରିବହନ ବ୍ୟବସ୍ଥା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଏହି ରଣନୈତିକ ଦୃଷ୍ଟିଭଙ୍ଗୀ, ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ସହରାଞ୍ଚଳ କଲ୍ୟାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରି ଓଡ଼ିଶାର ସମସ୍ତ ହିତାଧିକାରୀଙ୍କୁ ଆହାର ଯୋଜନା ମାଧ୍ୟମରେ ନିର୍ଭରଯୋଗ୍ୟ ଏବଂ ସମ୍ମାନଜନକ ସେବା ପ୍ରଦାନ ଜାରି ରଖିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ।

## ରାଜଧାନୀରେ ଗଣଦୁଷ୍କର୍ମ

# ୨୪ ଘଣ୍ଟା ମଧ୍ୟରେ ୨ ଗିରଫ

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଭୁବନେଶ୍ୱର ରେଳ ଷ୍ଟେସନରୁ ନେଇ ଅନ୍ୟତ୍ର ଛାଡ଼ିବା ଆଳ ଦେଖାଇ ମହିଳାଙ୍କ ସହ ଗଣଦୁଷ୍କର୍ମ। ତମାଣ୍ଡୋ ଥାନା ଅଞ୍ଚଳରେ ବୀଭତ୍ସ କାଣ୍ଡ। ସାହାରା ଦେବାକୁ ଯାଇ ପଶ୍ଚିମବଙ୍ଗର ଜଣେ ମହିଳାଙ୍କ ସହ ଜଘନ୍ୟ କାଣ୍ଡ। ଏନେଇ ସ୍ପଷ୍ଟ କରିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ୨ ଅଭିଯୁକ୍ତଙ୍କୁ କାବୁ କରି କୋର୍ଟଚାଲାଣ କରିଛି ତମାଣ୍ଡୋ ଥାନା ପୁଲିସ। ଦୁଇ ଅଭିଯୁକ୍ତ ହେଲେ ଡ୍ରାଇଭର ନାରାୟଣ ସ୍ୱାଇଁ ଓ ତାଙ୍କର ଅନ୍ୟତମ ସହଯୋଗୀ ବିଚିତ୍ର ସାହୁ। ସୂଚନା ମୁତାବକ, ଚନ୍ଦକା ଥାନାଞ୍ଚଳରେ ପଶ୍ଚିମବଙ୍ଗରୁ ଆସିଥିବା ମହିଳା ତାଙ୍କ ସ୍ୱାମୀଙ୍କ ସହ ରହୁଥିଲେ। କିଛି ଦିନ ରହିବା ପରେ ସ୍ୱାମୀଙ୍କ ସହ ପାରିବାରିକ ବିବାଦ ସୃଷ୍ଟି ହୋଇଥିଲା। ଘରୋଇ କଳିରେ ରାଗିଯାଇ ପୀଡ଼ିତା ଜଣଙ୍କ ଷ୍ଟେସନ ଚାଲିଯାଇଥିଲେ। ଆଉ ଷ୍ଟେସନରେ ସାହାଯ୍ୟର ଆଳ ଦେଖାଇ ଅଭିଯୁକ୍ତ ଦୁଇ ଜଣ ତାଙ୍କୁ ତମାଣ୍ଡୋ ଥାନା ଅନ୍ତର୍ଗତ ରଣସିଂହପୁର ନେଇଆସିଥିଲେ। ସେଠାରେ ଏକ ଭଡ଼ା ଘରେ ତାଙ୍କ ସହ ଉଭୟ ଦୁଷ୍କର୍ମ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଆମ୍ବୁଲାନ୍ସ ଡ୍ରାଇଭର ବୋଲି ପୁଲିସ୍ ଜାଣିବାକୁ ପାଇଛି।

## ବଙ୍ଗୀୟ ମହିଳାଙ୍କୁ ସହାୟତା ଥୋପ



## ବିଜୁବାବୁଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

# ନିସର୍ତ୍ତ କ୍ଷମା ମାଗନ୍ତୁ ନିଶିକାନ୍ତ: ବିଜେଡି



ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ପ୍ରବାଦ ପୁରୁଷ ବିଜୁବାବୁଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବେଳେ ଏହାକୁ ନେଇ ଆଜି ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏକ ଧାରଣା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶ୍ରୀ ଦୁବେଙ୍କ ମନ୍ତବ୍ୟକୁ କଡ଼ା ବିରୋଧ କରାଯାଇଛି। ଏଥିସହ ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ମିଶ୍ର ଓ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଶିକାନ୍ତଙ୍କ ବକ୍ତବ୍ୟକୁ ନିନ୍ଦା କରିଛନ୍ତି। ବିଜେପି ସାଂସଦ ଓଡ଼ିଶା ତଥା ଦେଶବାସୀଙ୍କ ନିକଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ବିଜୁବାବୁଙ୍କର ଦେଶ ଓ ବିଶ୍ୱ ପ୍ରତି ଯେଉଁ ଅବଦାନ ରହିଛି, ସେ ବିଷୟରେ ଶ୍ରୀ ଦୁବେଙ୍କର ସାମାନ୍ୟତମ ଧାରଣା ନାହିଁ। ସେଥିପାଇଁ ସେ ବିଜୁବାବୁଙ୍କ ଭଳି ଜଣେ ମହାନ ଦେଶପ୍ରେମୀଙ୍କ ବିରୋଧରେ ଏପରି ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଏହି ମନ୍ତବ୍ୟ ଲୋକଲୋଚନକୁ ଆସିବା ପରେ ରାଜ୍ୟ ତଥା ଦେଶର ଅଗଣିତ ବିଜୁପ୍ରେମୀ ଏହାକୁ ତୀବ୍ର ନିନ୍ଦା କରୁଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟ ଶାସନ ଭାରରେ ଥିବା ବିଜେପି ନେତାଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଛି। ଗତ ନିର୍ବାଚନରେ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ମଧ୍ୟ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ବିଜେପି ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଛି। ତେବେ ଶ୍ରୀ ଦୁବେ ଦେଇଥିବା ମନ୍ତବ୍ୟ କ'ଣ ରାଜ୍ୟ ବିଜେପିର ଓଡ଼ିଆ ଅସ୍ମିତା? ତେଣୁ ରାଜ୍ୟବାସୀ ତଥା ଦେଶବାସୀଙ୍କ ନିକଟରେ ଶ୍ରୀ ଦୁବେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।

ସେହିପରି ଶ୍ରୀ ମିଶ୍ର କହିଥିଲେ ଯେ ବିଜୁବାବୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ। ସେ ଜଣେ ବିରଳ ରାଜନେତା ଥିଲେ। ବିଜୁବାବୁଙ୍କର ପ୍ରତିରକ୍ଷା, ଏଭିଏସନ ଓ ଅନ୍ତର୍ଜାତୀୟ ସମ୍ପର୍କ ଉପରେ ଗଭୀର ଜ୍ଞାନ ଥିଲା, ଯେଉଁଥିପାଇଁ ତାଙ୍କର ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଖ୍ୟାତି ରହିଥିଲା। ତାଙ୍କର ଏହି ଦକ୍ଷତା ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ବିଦେଶକୁ ପଠାଯାଉଥିଲା। ଏଭଳି ଅନେକ ମିଶନରେ ଭାଗନେଇ ବିଜୁବାବୁ ଅନେକ ଥର ଜୀବନକୁ ବାଜି ଲଗାଇ ସଂଗ୍ରାମ କରିଛନ୍ତି। ଏଭଳି ବ୍ୟକ୍ତିଙ୍କୁ ସିଆଇଏ ଏଜେଣ୍ଟ କୁହାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର କହିଥିଲେ।

# ବାଦ୍ ପଡିଛନ୍ତି ୭ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର୍

● ୧.୫୫ ଲକ୍ଷ ଜାଲ୍ ଭୋଟର ଚିହ୍ନଟ

● ୫.୬୭ ଲକ୍ଷ ନୂଆ ଆବେଦନକାରୀ




ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): ଭୋଟର ତାଲିକାକୁ ନେଇ ଆସିଛି ସାଙ୍ଘାତିକ ତଥ୍ୟ। ରାଜ୍ୟରେ ଭୋଟର ତାଲିକା ସଂଶୋଧନରେ ଏବେ ସୁଦ୍ଧା ବାଦ୍ ପଡିଛନ୍ତି ୭ ଲକ୍ଷ ୬୮ ହଜାର ୫୨୧ ଜଣ ଭୋଟର। ଏଥିସହ ଭୋଟର ଜାଲିଆତିର ବଡ଼ ଖୁଲାସା କରିଛନ୍ତି ନିର୍ବାଚନ ଅଧିକାରୀ। ଏକାଧିକ ସ୍ଥାନରେ ଭୋଟ ପରିଚୟପତ୍ର ରଖିଥିଲେ ଏକ ଲକ୍ଷ ୫୫ ହଜାର ୩୧୮ ଜଣ। ସଂଶୋଧନ ପ୍ରକ୍ରିୟାରେ ବାଦ ଦିଆଯାଇ ଭୋଟର ଲିଷ୍ଟକୁ ସ୍ୱଚ୍ଛ କରାଯାଇଥିବା ସରକାର ଦାବି କରିଛନ୍ତି। ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଛନ୍ତି। ଏବେ ସୁଦ୍ଧା ରାଜ୍ୟରୁ ବାଦ ପଡ଼ିଲେଣି ୭ ଲକ୍ଷ ୬୮ ହଜାର ୫୨୧ ଭୋଟର। ଗୋଟିଏ ବର୍ଷ ଅର୍ଥାତ ୨୦୨୫ ଜାନୁଆରୀ ୬ରୁ ଗତ ୨୨ ତାରିଖ ଭିତରେ ବିଭିନ୍ନ କାରଣରୁ ବାଦ ପଡ଼ିଛନ୍ତି ଏହି ଭୋଟର। ସେଥିରୁ ୪ ଲକ୍ଷ ୨୦ ହଜାର ୪୯୫ ମହିଳା ଭୋଟର ଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୩ ଲକ୍ଷ ୪୭ ହଜାର ୩୭୪। ମୃତ୍ୟୁଜନିତ କାରଣ ପାଇଁ ୨ ଲକ୍ଷ ୩ ହଜାର ୩୧୬ ଭୋଟର ଓ ସ୍ଥାନାନ୍ତର ଯୋଗୁଁ ୪ ଲକ୍ଷ ୮ ହଜାର ୧୩୨ ଜଣ ଭୋଟର ବାଦ ପଡ଼ିଛନ୍ତି। ସେହିପରି ଏକାଧିକ ସ୍ଥାନରେ ଥିବା ଯୋଗୁଁ ୧ ଲକ୍ଷ ୫୫ ହଜାର ୩୧୮ ଭୋଟର ବାଦ୍ ପଡ଼ିଥିବା ବେଳେ ଅନ୍ୟାନ୍ୟ କାରଣ ପାଇଁ ୨ ହଜାର ୬୪୬ ଭୋଟର ବାଦ ପଡ଼ିଛନ୍ତି। ସର୍ବାଧିକ ଭୋଟର ବାଦ ପଡ଼ିଥିବା ଜିଲ୍ଲା ହେଉଛି ସୁନ୍ଦରଗଡ଼। ଜିଲ୍ଲାରେ ୧ ଲକ୍ଷ ୪୪ ହଜାର ୭୨୬ ଜଣ, କଟକରେ ୭୪ ହଜାର ୮୮୧ ଜଣ, ଗଞ୍ଜାମରେ ୪୭ ହଜାର ୯୮୯, ଅନୁଗୁଳରେ ୩୭ ହଜାର ୯୨୭ ଓ ପୁରୀ ଜିଲ୍ଲାରେ ୩୬ ହଜାର ୬୭୯ ଜଣ ଭୋଟର ଭୋଟର ତାଲିକାରୁ ବାଦ ପଡ଼ିଛନ୍ତି। ସେହିଭଳି ଏହି ସମୟ ମଧ୍ୟରେ ନୂତନ ଭାବେ ଭୋଟର ତାଲିକାରେ ଯୋଡ଼ି ହେବା ପାଇଁ ମୋଟ ୫ ଲକ୍ଷ ୬୭ ହଜାର ୩୪ ଜଣ ଆବେଦନ କରିଥିବା ଜଣାପଡ଼ିଛି।

● ପେନସନ୍ କରାଇ ଦେବାକୁ ନେଉଥିଲେ ଲାଞ୍ଚ

# ଭିଜିଲାନ୍ସ ହାତରେ ବରିଷ୍ଠ କିରାଣୀ



ନୟାଗଡ଼,୩୦।୩(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ସବ-ଟ୍ରେଜେରୀର ବରିଷ୍ଠ କିରାଣୀ ସରୋଜ କୁମାର ସାହୁ। ଜନୈକ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ କରାଇ ଦେବାକୁ ସେ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଛନ୍ତି। ଉକ୍ତ ପେନ୍‌ସନ୍‌ଭୋଗୀଙ୍କୁ ଶ୍ରୀ ସାହୁ ଲାଞ୍ଚ ନ ଦେଲେ କାମ ହେବନି ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ। ତେଣୁ ସେ ବାଧ୍ୟ ହୋଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ଆଜି ସମ୍ପୃକ୍ତ ପେନ୍‌ସନ୍‌ଭୋଗୀ ଜଣଙ୍କ ୩ ହଜାର ଟଙ୍କା ଲାଞ୍ଚ ଦେଉଥିବା ସମୟରେ ପ୍ରମାଣ ସହ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଏଥିସହ ତାଙ୍କ ନିକଟରୁ ରାସାୟନିକ ବୋଳା ୩ ହଜାର ଟଙ୍କା ଜବତ ହୋଇଛି।

# ନବୀନ ନିବାସରେ କଟକ ବିଜେଡି କନ୍ଦଳ



## କର୍ପୋରେଟରଙ୍କ ସହ ଆଲୋଚନା କଲେ ନବୀନ

ଭୁବନେଶ୍ୱର,୩୦।୩(ସଂଚାର ବ୍ୟୁରୋ): କଟକ ବିଜେଡି କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। କର୍ପୋରେଟରଙ୍କ ମେଳି ଆସି ପହଞ୍ଚିଲାଣି ନବୀନ ନିବାସରେ। କଟକରୁ ବିଜେଡି କର୍ପୋରେଟରମାନେ ଆସି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ପ୍ରଭାତ ବିଶ୍ୱାଳଙ୍କ ବହିଷ୍କାର ଓ ପରେ ବିଧାୟକ ସୌଭିକ ବିଶ୍ୱାଳଙ୍କ ନିଲମ୍ବନ ପରେ ପ୍ରଥମେ ବିଜେଡିର କିଛି କର୍ପୋରେଟରଙ୍କୁ ନେଇ ପ୍ରଭାତ ବିଶ୍ୱାଳ ମେଳି କରିଥିଲେ। ପରେ ସ୍ଥିତି ସଜାଡ଼ିବାକୁ ବରିଷ୍ଠ ନେତା ପ୍ରତାପ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିସବୁ କର୍ପୋରେଟରଙ୍କୁ ନେଇ ପ୍ରତାପଙ୍କ ବୈଠକ ପରେ ଆଜି ସମସ୍ତେ ପହଞ୍ଚିଛନ୍ତି ନବୀନ ନିବାସରେ। କଟକରୁ ବିଜେଡି କର୍ପୋରେଟରଙ୍କ ସହ ନେତା ଓ କର୍ମୀମାନେ ଆସି ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କୁ ଭେଟିଛନ୍ତି। କଟକରେ ସଂଗଠନ ସଜାଡ଼ିବାକୁ କର୍ପୋରେଟରମାନଙ୍କ ସହ ନବୀନ ଆଲୋଚନା କରିଛନ୍ତି । ସବୁ କର୍ପୋରେଟର ନବୀନଙ୍କ ସହ ଅଛନ୍ତି ଓ ରହିବେ ବୋଲି ବୈଠକ ପରେ ଗଣମାଧ୍ୟମକୁ ପ୍ରତାପ ଜେନା କହିଛନ୍ତି। ରାଜ୍ୟସଭା କ୍ରସ୍ ଭୋଟିଂକୁ ନେଇ ବିଜେଡି ବିଧାୟକଙ୍କୁ ନିଲମ୍ବନ ପରେ ସରଗରମ ହୋଇଛି କଟକ ରାଜନୀତି। ପ୍ରତାପଙ୍କ ଚେକ୍‌ର ପ୍ରଭାବ ପଡ଼ିବନି ବୋଲି ଖୋଲାଖୋଲି କହିଛନ୍ତି ସୌଭିକ ବିଶ୍ୱାଳ। ଏସବୁ ଭିତରେ ଗତକାଲି ୧୨ ବିଜେଡି କର୍ପୋରେଟରଙ୍କୁ ଧରି କଟକ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ପୁସ୍ତକ ମେଳା ବୁଲିଥିଲେ ବିଧାୟକ ସୌଭିକ। ଆଗକୁ ଏ ମେଳି ପଲିଟିକ୍ସ କି ମୋଡ଼ ନେଉଛି, ତା' ଦେଖିବାର କଥା। କଟକ ମହାନଗର ନିଗମର କର୍ପୋରେଟର ପ୍ରାର୍ଥୀ ବିଭୂତି ସ୍ୱାଇଁ, ବିଷ୍ଣୁ ଚରଣ ସାହୁ, ନଗର ଉପସଭାପତି ରାଜେନ୍ଦ୍ର ରଣା, ରାଜ୍ୟ ସମ୍ପାଦିକା ରେଣୁକା ମହାନ୍ତି, ଜିଲ୍ଲା ସମ୍ପାଦକ ନିମେଇ ବିଶ୍ୱାଳଙ୍କ ସହ ବରିଷ୍ଠ ନେତୃତ୍ୱ ମଣ୍ଡଳୀ ତଥା କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି ନବୀନଙ୍କୁ ଭେଟିଥିଲେ।

## ବିଏମ୍‌ସିର ସ୍ୱଚ୍ଛ ସର୍ବେକ୍ଷଣରେ ଯୋଡ଼ିହେଲା ଆଉ ଏକ ଫର୍ଦ୍ଦ

# ଜଳାତଙ୍କମୁକ୍ତ ସହର ହେବ ଭୁବନେଶ୍ୱର

ଭୁବନେଶ୍ୱର, ୩୦।୩ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ସ୍ୱଚ୍ଛ ସର୍ବେକ୍ଷଣରେ ଯୋଡିହେଲା ଆଉ ଏକ ଫର୍ଦ୍ଦ। ବିଏମସି ହେବ ଜଳାତଙ୍କ ରୋଗ ମୁକ୍ତ ସହର। ଏହି ଉଦ୍ଦେଶ୍ୟରେ ଆଜିଠାରୁ ସମଗ୍ର ବିଏମସି ଅଞ୍ଚଳରେ ଆରମ୍ଭ ହୋଇଛି ସାମୂହିକ ବୁଲା କୁକୁର ଟିକାକରଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମର ଆଜି ଶୁଭାରମ୍ଭ କରିଛନ୍ତି ମେୟର ସୁଲୋଚନା ଦାସ ଓ ବିଏମସି କମିଶନର ଚଞ୍ଚଳ ରାଣା। ବିଏମସି ମୁଖ୍ୟାଳୟଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ବିଏମସି ପ୍ରାଣୀ ଚିକିତ୍ସକ ଡାକ୍ତର ଦେବୀ ପ୍ରସାଦ କୁଣ୍ଡ, ଡାକ୍ତର ଦୀପକ ବିଦ୍ଧାଣୀ ଉପସ୍ଥିତ ଥିଲେ। ଏହି ଅଭିଯାନରେ ସାମିଲ ହୋଇଥିବା ଗାଡ଼ିଗୁଡ଼ିକୁ ପତାକା ଦେଖାଇ ମେୟର ଓ କମିଶନର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ମୋଟ ୧୫ଟି ଟିମ ଗଠନ କରାଯାଇଛି। ଏହି ଟିମ୍‌ଗୁଡ଼ିକ ଗୋଟିଏ ଗୋଟିଏ ୱାର୍ଡରେ ସମ୍ପୂର୍ଣ୍ଣ ଭାବେ ଟିକାକରଣ କାର୍ଯ୍ୟ ସାରିବା ପରେ ଅନ୍ୟ ୱାର୍ଡକୁ ଯିବେ।

ରାବିଜ୍ ବା ଜଳାତଙ୍କ ହେଉଛି ଏକ ମାରାତ୍ମକ ରୋଗ। ଜଳାତଙ୍କ ରୋଗ ହୋଇଥିବା ପାଗଳ କୁକୁର କାମୁଡ଼ିବା, ରାମ୍ପୁଡ଼ିବା କିମ୍ବା ଚାଟିବା ଦ୍ୱାରା ମଧ୍ୟ ଏହା ବ୍ୟାପିଥାଏ। ଜାତୀୟ ଟିକାକରଣ ସହ ତାଳ ଦେଇ ଭୁବନେଶ୍ୱର ସହରକୁ ଜଳାତଙ୍କମୁକ୍ତ ସହର କରିବାକୁ ଯୋଜନା କରିଛି ବିଏମସି। ଆସନ୍ତା ୨୦୩୦ ସୁଦ୍ଧା ୩ଟି ପର୍ଯ୍ୟାୟରେ ସହରଗୁଡ଼ିକୁ ଜଳାତଙ୍କ ରୋଗମୁକ୍ତ କରିବା ପାଇଁ ଜାତୀୟ ଜଳାତଙ୍କ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନଆରସିପି)ର ଲକ୍ଷ୍ୟ ରହିଛି।

ଏଥିପାଇଁ ବିଏମସି ପକ୍ଷରୁ ଗତ ଜାନୁଆରୀ ୧୬ରେ ବିଏମ୍‌ସି ବୈଷୟିକ ସହାୟତା ପାଇଁ ମିଶନ ରାବିଜ୍ ଆଣ୍ଡ ଡବ୍ଲୁଭିଏସ୍ ଇଣ୍ଡିଆ ଓ ବୈଜ୍ଞାନିକ ପରାମର୍ଶ ପାଇଁ ଓୟୁଏଟି ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଜଳାତଙ୍କ ରୋଗ ମୁକ୍ତ ସହର ଗଠନ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି ଏବଂ ସାମୂହିକ କୁକୁର ଟିକାକରଣ ଅଭିଯାନ ପାଇଁ ପ୍ରସ୍ତୁତ ଏସ୍‌ଓପି ଅନୁମୋଦନ ଲାଭ କରିଛି। ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଥିବା ଏଜେନ୍ସି ଏହା କାର୍ଯ୍ୟକାରୀ କରିବ।

## ସାମୂହିକ ବୁଲା କୁକୁର ଟିକାକରଣ କାର୍ଯ୍ୟ ଆରମ୍ଭ



ସାମୂହିକ କୁକୁର ଟିକାକରଣ କାର୍ଯ୍ୟ ସମଗ୍ର ବିଏମ୍‌ସି ଅଞ୍ଚଳର ଗଳିକନ୍ଦିରେ କରିବା ପାଇଁ ୭୫ରୁ ୯୦ ଦିନ ସମୟ ଲାଗିବ। ବୁଲା କୁକୁରଙ୍କୁ ଡଗ୍ କ୍ୟାଚରମାନେ ଜାଲ କିମ୍ବା ହାତରେ ଧରି ଜଳାତଙ୍କ ପ୍ରତିଷେଧକ ଟିକା ଦେବେ। ଟିକା ଦିଆଯାଇଥିବା କୁକୁରମାନଙ୍କୁ ଚିହ୍ନଟ କରିବା ପାଇଁ ଅଣ-ବିଷାକ୍ତ ଜୈବିକ ମାର୍କ ବ୍ୟବହାର କରାଯିବ। ଚଳିତ ବର୍ଷ ୪୦ ହଜାର କୁକୁରଙ୍କର ଟିକାକରଣ ପାଇଁ ଯୋଜନା କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ଦୂର ହେଉଛି ଏଲ୍‌ପିଜି ସଂକଟ

## କାରଖାନାରେ ଫେରୁଛି ସ୍ୱାଭାବିକତା

ନୂଆଦିଲ୍ଲୀ, ୩୦।୩: ଦେଶବ୍ୟାପୀ ଦେଖାଦେଇଥିବା ଏଲ୍‌ପିଜି ସଂକଟ ଏବେ କିଛି ମାତ୍ରାରେ କମିଛି। ସରକାର ନିକଟରେ ବାଣିଜ୍ୟିକ ଗ୍ୟାସ୍ ଯୋଗାଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଏଲ୍‌ପିଜି ଯୋଗାଣରେ ଉନ୍ନତି ଆସିବା ପରେ ପ୍ରବାସୀ ଶ୍ରମିକମାନେ ଏବେ କାର୍ଯ୍ୟ କରିବା ପାଇଁ କଳ କାରଖାନାକୁ ଫେରୁଛନ୍ତି। କମ୍ପାନିଗୁଡ଼ିକ କର୍ମଚାରୀଙ୍କ ପାଇଁ ଖାଦ୍ୟ କିମ୍ବା ବିକଳ୍ପ ରନ୍ଧନ ବ୍ୟବସ୍ଥା ଯୋଗାଇ ଦେଉଛନ୍ତି। ସରକାର ଗତ ଶୁକ୍ରବାର ୭୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଇବା ଲାଗି ନିର୍ଦ୍ଦେଶ ଦେବା ସହିତ ଇସ୍ପାତ, ଅଟୋମୋବାଇଲ, ବୟନଶିଳ୍ପ, ରଙ୍ଗ, ରସାୟନ ଏବଂ ପ୍ଲାଷ୍ଟିକ୍ ଶିଳ୍ପକୁ ଅଗ୍ରାଧିକାର ଭିତ୍ତିରେ ଏହା ପ୍ରଦାନ କରିବାକୁ କହିଥିଲେ। କାରଣ ଏସବୁ ଶିଳ୍ପରେ ଅଧିକ ସଂଖ୍ୟକ ଲୋକ କାର୍ଯ୍ୟ କରନ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ଓ ବ୍ୟବସାୟ ଏଗୁଡ଼ିକ ଉପରେ ଅଧିକ ମାତ୍ରାରେ ନିର୍ଭରଶୀଳ ରହିଛି। ତେଣୁ ଏସବୁ କ୍ଷେତ୍ରର କମ୍ପାନିଗୁଡ଼ିକରେ କାର୍ଯ୍ୟ ଧୀରେ ଧୀରେ ସ୍ୱାଭାବିକତା ଆଡ଼କୁ ଫେରୁଛି। ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍‌ର ଆପ୍ଲାଏନ୍ସେସ୍ ବ୍ୟବସାୟ ମୁଖ୍ୟ କମଲ ନନ୍ଦୀଙ୍କ କହିବାନୁଯାୟୀ, ଏଲ୍‌ପିଜି ଯୋଗାଣରେ ଅନେକ




ସ୍ଥିରତା ଫେରିଛି। ଶ୍ରମିକ କିମ୍ବା କଞ୍ଚାମାଲକୁ ନେଇ ବର୍ତ୍ତମାନ କୌଣସି ସମସ୍ୟା ନାହିଁ।

ଉତ୍ପାଦନ ପୂର୍ଣ୍ଣମାତ୍ରାରେ ଚାଲିଛି ବୋଲି ସେ କହିଛନ୍ତି। ସେହିଭଳି ଅଟୋମୋବାଇଲ କ୍ଷେତ୍ରର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଛୋଟ ଛୋଟ ଭେଣ୍ଡରଙ୍କ ଗ୍ୟାସ୍ ଯୋଗାଣଜନିତ ସମସ୍ୟା ଦୂର ହେବାରେ ଲାଗିଛି। ବଡ଼ ଉତ୍ପାଦନକାରୀମାନେ ଅସୁବିଧାକୁ ଦୂର କରିବା ଲାଗି ବିକଳ୍ପ ଇନ୍ଧନ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ବଢ଼ାଇବା ଏବଂ ଅଟୋମୋବାଇଲ କ୍ଷେତ୍ରକୁ ଏଥିରେ ସାମିଲ ଆମ ପାଇଁ ସହାୟକ ହୋଇଛି ବୋଲି ଅଧିକାରୀ ଜଣକ କହିଛନ୍ତି।

ପାର୍ଲେ କମ୍ପାନିର ଉପସଭାପତି ମୟଙ୍କ ଶାହ କହିଛନ୍ତି ଯେ ଏଲ୍‌ପିଜି ଯୋଗାଣରେ ଉନ୍ନତି ଆସିବା ଫଳରେ କାରଖାନାରେ ଉତ୍ପାଦନ ପୂର୍ବସ୍ଥିତିକୁ ଫେରୁଛି। ପ୍ୟାକେଜ୍‌ଡ ଫୁଡ୍‌କୁ ଅଗ୍ରାଧିକାର ବର୍ଗରେ ସାମିଲ କରିବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଇଫ୍ୟାକ୍ ଡ୍ୟୁରେବେଲ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜୟ ଡିଡି ସିଂଘାନିଆ ମଧ୍ୟ କହିଛନ୍ତି ଯେ କାରଖାନାରେ କାର୍ଯ୍ୟ କରିବା ପାଇଁ ଶ୍ରମଶକ୍ତିଙ୍କୁ ରଖିବା ବର୍ତ୍ତମାନ ସେତେଟା ଅସୁବିଧା ନାହିଁ। ଆମେ ସେମାନଙ୍କୁ ମିଲ୍ ଦେଉଛୁ କିମ୍ବା ରୋଷେଇ ପାଇଁ ବିକଳ୍ପ ସମାଧାନ ଯୋଗାଇ ଦେଉଛୁ। ତେବେ ଗତ ମାସକ ମଧ୍ୟରେ ଉତ୍ପାଦନରେ ଯେଉଁ କ୍ଷତି ହୋଇଛି ତାହା ଫେରିବନି। କ୍ୟାଣ୍ଟିନରେ ମିଲ୍ ଯୋଗାଇ ଦେବା ଫଳରେ ଅନେକ କାରଖାନାରେ କର୍ମଚାରୀଙ୍କ ଉପସ୍ଥାନ ବଢ଼ିଛି। ପୂର୍ବରୁ ଏଲ୍‌ପିଜି ଯୋଗାଣ ବନ୍ଦ ହେବା, କଳାବଜାରରେ ଏହାର ଦର ବଢ଼ିବା ଏବଂ ହୋଟେଲ, ରେସ୍ତୋରାଁ ଆଦି ବନ୍ଦ ହୋଇଯିବା ଦ୍ୱାରା ପ୍ରବାସୀ ଶ୍ରମିକମାନେ ଘରକୁ ପଳାଇଥିଲେ।




# ୯ ଲକ୍ଷ କୋଟିର ବଜାରପୁଞ୍ଜି ଧୋଇଗଲା

**ସେନସେକ୍ସ ୧୬୩୫ ପଏଣ୍ଟ ଖସିଲା**

ମୁମ୍ବାଇ, ୩୦।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଜି ପଞ୍ଚମ ସପ୍ତାହରେ ପହଞ୍ଚିଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଉଚ୍ଚା ରହିଛି। ସେହିଭଳି ବିଶ୍ୱ ବାଣିଜ୍ୟ ମଧ୍ୟ ବାଧାପ୍ରାପ୍ତ ହେବାରୁ ଦରଦାମ ମଧ୍ୟ ବଢ଼ିବା ଆରମ୍ଭ ହୋଇଯାଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥର ପାଇଁ ୯୫ ଡଲାର ତଳକୁ ଖସିଛି। ଏସବୁର ପ୍ରଭାବ ଭାରତୀୟ ପୁଞ୍ଜି ବଜାର ଉପରେ ପଡ଼ିଛି। ସେନସେକ୍ସ ୧୬୩୫ ପଏଣ୍ଟ ବା ୨.୨୨ ପ୍ରତିଶତ କମି ୭୧,୯୪୭.୫୫ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍‌ଟି ୪୮୮ ପଏଣ୍ଟ ତଳକୁ ଖସି ୨୨୩୩୧.୪୦ ପଏଣ୍ଟରେ ବନ୍ଦ ହୋଇଛି। ଆଜି କାରବାର ମଝିରେ ସେନସେକ୍ସ ୧୮୦୯ ପଏଣ୍ଟ ବା ୨.୪୫ ପ୍ରତିଶତ ଖସି ଯାଇଥିଲା। ସେହିଭଳି ନିଫ୍‌ଟି ୫୩୬ ପଏଣ୍ଟ ବା ୨.୩୪ ପ୍ରତିଶତ ଖସିଥିଲା। କିନ୍ତୁ ପରେ ଏଥିରେ କିଛିଟା ସୁଧାର ଆସିଥିଲା। ପୁଞ୍ଜି ବଜାର ସୂଚକାଙ୍କ ତଳକୁ ଖସିବା ଫଳରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାରପୁଞ୍ଜି ୯ ଲକ୍ଷ କୋଟି ଟଙ୍କା କମିଯାଇଛି। ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାରପୁଞ୍ଜି କାରବାର ଶେଷବେଳକୁ ୪୧୨.୪ ଲକ୍ଷ କୋଟି ଟଙ୍କାରେ ରହିଛି।

# ଏମ୍‌ଏସ୍‌ଏମ୍‌ଇ ପାଇଁ ରିଲିଫ୍ ପ୍ୟାକେଜ୍ ଶୀଘ୍ର




## ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ

ନୂଆଦିଲ୍ଲୀ, ୩୦।୩: ପଶ୍ଚିମ ଏସିଆ ସଙ୍କଟ ବଢ଼ିଲେ ମୁଦ୍ରାସ୍ଫୀତି ବେଲଗାମ ହେବା ଆଶଙ୍କା ରହିଛି। ତାହାକୁ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ଅଣୁଏ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସମେତ ଅର୍ଥନୀତିର ଦୁର୍ବଳ ବର୍ଗ ପାଇଁ ଅଧିକ ରିଲିଫ୍ ପ୍ୟାକେଜ୍ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ଯୁଦ୍ଧ ପ୍ରଭାବର ମୁକାବିଲା କରିବାକୁ ସରାକର ମାସକ ଭିତରେ ପେଟ୍ରୋଲ ଓ ଡିଜେଲ୍ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରିବା, ଡିଜେଲ ଓ ବିମାନ ଇନ୍ଧନ ରପ୍ତାନି ଉପରେ ଶୁଳ୍କ ଲଗାଇବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅର୍ଥନୀତିର ଦୁର୍ବଳ କ୍ଷେତ୍ରଗୁଡ଼ିକୁ ସହଯୋଗ କରିବା ପାଇଁ ଆହୁରି ପଦକ୍ଷେପ ଘୋଷଣା ହେବା ଆଶା କରାଯାଉଛି। ରପ୍ତାନିକାରୀମାନେ ଭୋଗୁଥିବା ସମସ୍ୟାର ସମାଧାନ କରିବା ପାଇଁ ସରକାର ସେମାନଙ୍କୁ କିଛି ରିହାତି ପ୍ରଦାନ କରିଛନ୍ତି। ମାଲ ପରିବହନ ବୃଦ୍ଧି, ବୀମା ପ୍ରିମିୟମ ବୃଦ୍ଧି ଓ ଯୁଦ୍ଧ ସମ୍ବନ୍ଧୀୟ ରପ୍ତାନି ବିପଦକୁ ରପ୍ତାନିକାରୀମାନେ ସାମ୍ନା କରୁଛନ୍ତି। ସେମାନଙ୍କ ପାଇଁ ସରକାର ୪୭୯ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଦେଶର ଯୋଗାଣ ଶୃଙ୍ଖଳକୁ ସ୍ଥିର ରଖିବା ସହ ଏମ୍‌ଏସ୍‌ଏମ୍‌ଇ ରପ୍ତାନିକାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବ। ସେମାନେ ଦେଇଥିବା ବରାଦ ବାତିଲକୁ ରୋକିବ ଏବଂ କର୍ମଚାରୀଙ୍କ ନିଯୁକ୍ତି ସୁରକ୍ଷିତ କରିବ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ବିଶ୍ୱବ୍ୟାପୀ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧିର ପ୍ରଭାବରୁ ଗ୍ରାହକମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କକୁ ଲିଟର ପିଛା ୩ ଟଙ୍କାକୁ ହ୍ରାସ କରିଛନ୍ତି ଓ ଡିଜେଲକୁ ଶୁଳ୍କରୁ ମୁକ୍ତ କରିଛନ୍ତି। ଗତ ଫେବ୍ରୁଆରି ୨୮ ତାରିଖରେ ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ସାମରିକ ଆକ୍ରମଣ ଆରମ୍ଭ କରିବା ପରଠାରୁ ବିଶ୍ୱବ୍ୟାପୀ ଅଶୋଧିତ ତେଲର ମୂଲ୍ୟ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ଘଟିଛି। ତେଲର ବ୍ୟାରେଲ୍ ପିଛା ଦର ୧୧୯ ଡଲାରରେ ପହଞ୍ଚିଛି। କିଛି ଦିନ ତଳେ ତାହା ୧୦୦ ଡଲାରକୁ ହ୍ରାସ ପାଇଥିଲା। ଭାରତ ଏହାର ୮୮ ପ୍ରତିଶତ ତୈଳ ଆବଶ୍ୟକତା ଆମଦାନି ଜରିଆରେ ପୂରଣ କରୁଛି। ଇରାନ ସହିତ ଯୁକ୍ତରାଷ୍ଟ୍ର-ଇସ୍ରାଏଲ ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ପାଖରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ଯୋଗୁଁ ଜାହାଜଗୁଡ଼ିକର ଦିଗ ପରିବର୍ତ୍ତନ, ଲମ୍ବା ପରିବହନ ମାର୍ଗ, ସମୁଦ୍ର ପଥରେ ଭିଡ଼ ଏବଂ ଜରୁରୀକାଳୀନ ସଂଘର୍ଷ-ସଂଯୁକ୍ତ ସରଚାର୍ଜ ଭଳି ବିପଦ ସୃଷ୍ଟି ହାଇଛି। ଏହା କେବଳ ଅଧିକ ଲଜିଷ୍ଟିକ୍ସ ଖର୍ଚ୍ଚ ସୃଷ୍ଟି କରିନାହିଁ ବରଂ ଏହି ଅଞ୍ଚଳକୁ କିମ୍ବା ଏହି ଅଞ୍ଚଳ ଦେଇ ଯାଉଥିବା ମାଲ ପ୍ରତି ଅନିଶ୍ଚିତତା ମଧ୍ୟ ସୃଷ୍ଟି କରିଛି। ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ କହିଛନ୍ତି ଯେ ଭାରତକୁ ସବୁଠାରୁ ପ୍ରଭାବିତ ଓ ଦୁର୍ବଳ ବ୍ୟବସାୟ କ୍ଷେତ୍ରକୁ ତୁରନ୍ତ ରିଲିଫ୍ ଯୋଗାଇବାକୁ ପଡିବ।

## ଏପ୍ରିଲ ପହିଲାରୁ ନିୟମରେ ହେବ ବଡ଼ ପରିବର୍ତ୍ତନ

# ଏଣିକି ସହଜରେ ହେବନି ଡିଜିଟାଲ ପେମେଣ୍ଟ

ନୂଆଦିଲ୍ଲୀ, ୩୦।୩: ଅନେକ ଲୋକ ମଲ୍ କିମ୍ବା ସ୍ଥାନୀୟ ଦୋକାନରେ ପେମେଣ୍ଟ କରିବା ପାଇଁ ଡିଜିଟାଲ୍ ଟ୍ରାଞ୍ଜାକ୍ସନ୍ କିମ୍ବା ୟୁପିଆଇ ବ୍ୟବହାର କରନ୍ତି। ଏବେ ଡିଜିଟାଲ୍ ଟ୍ରାଞ୍ଜାକ୍ସନ୍ ସମ୍ବନ୍ଧୀୟ ଏକ ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନିର୍ଦ୍ଦେଶ ପରେ ବ୍ୟାଙ୍କଗୁଡ଼ିକୁ ଦୁଇ-କାରକ ପ୍ରମାଣୀକରଣ (୨ଏଫଏ) କାର୍ଯ୍ୟକାରୀ କରିବାକୁ ପଡ଼ିବ। ସେପ୍ଟେମ୍ବର ୨୦୨୫ରେ ଜାରି ହୋଇଥିବା ଏହି ନିର୍ଦ୍ଦେଶରେ ୧ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଏକ ସମୟସୀମା ସ୍ଥିର କରାଯାଇଛି।

ଏପ୍ରିଲ ୧, ୨୦୨୬ ପରେ ଅନଲାଇନ୍ କାରବାର ପାଇଁ କେବଳ ଓ୍ୱାନ ଟାଇମ୍ ପାସୱାର୍ଡ (ଓଟିପି) ଉପରେ ନିର୍ଭର କରିବା ଆଉ ଯଥେଷ୍ଟ ହେବ ନାହିଁ। ସମସ୍ତ ଅନଲାଇନ୍ କାରବାରକୁ ଅତି କମରେ ଦୁଇଟି ପୃଥକ ବ୍ୟବହାର କରି ଯାଞ୍ଚ କରିବାକୁ ପଡିବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, କ୍ରେଡିଟ୍ କାର୍ଡରେ ଦୁଇ-କାରକ ପ୍ରମାଣୀକରଣ ପୂର୍ବରୁ କାର୍ଯ୍ୟକାରୀ ହୋଇଛି। ଯଦି ଆପଣ ଏକ ଷ୍ଟୋରରୁ ସାମଗ୍ରୀ କିଣି ପେମେଣ୍ଟ ପାଇଁ ଆପଣଙ୍କର ଡେବିଟ୍ କାର୍ଡ ପ୍ରଦାନ




କରନ୍ତି, ତେବେ ବିକ୍ରେତା ଏହାକୁ ବିକ୍ରୟ ପଏଣ୍ଟ (ପିଓଏସ)ରେ ସ୍ୱାଇପ୍ କରିବେ, ଏବଂ ବ୍ୟବହାରକାରୀମାନଙ୍କୁ ପିନ୍ ସହିତ ଓଟିପି ମଧ୍ୟ ଏଣ୍ଟ୍ରି କରିବାକୁ ପଡିବ। ଅନଲାଇନ୍ କାରବାର ପାଇଁ ଏବେ ଦୁଇ-କାରକ ପ୍ରମାଣୀକରଣ ଆବଶ୍ୟକ ହେବ। ଏପ୍ରିଲ ୧ ତାରିଖରୁ, ପ୍ରତ୍ୟେକ କାରବାର ପାଇଁ ଅତି କମରେ ଦୁଇ-କାରକ ପ୍ରମାଣୀକରଣ ଆବଶ୍ୟକ ହେବ। ଏହା ସାଇବର ଠକେଇକୁ ରୋକିବା ଏବଂ ଅନଧିକୃତ କାରବାରକୁ ରୋକିବ। ସାଇବର ଠକେଇର ଅନେକ ମାମଲା ରହିଛି। ଯେଉଁଠାରେ ସାଇବର ଅପରାଧୀମାନେ ଚତୁରତାର ସହିତ ପୀଡିତଙ୍କ ବ୍ୟକ୍ତିଗତ ମୋବାଇଲ୍ ଫୋନ୍‌ରେ ପ୍ରାପ୍ତ ବ୍ୟାଙ୍କ ଓଟିପି ହାସଲ କରିଛନ୍ତି। ତା'ପରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଖାଲି କରିଛନ୍ତି। ଫିସିଂ ଠକେଇ, ସିମ୍ ଠକେଇ ଏବଂ ଅନ୍ୟାନ୍ୟ ଅନେକ ଠକେଇ ସମ୍ପ୍ରତି ବୃଦ୍ଧି ପାଇଛି। ଆରବିଆଇ ନିର୍ଦ୍ଦେଶାବଳୀ ସ୍ପଷ୍ଟ କରିଛି ଯେ ୧ ଅକ୍ଟୋବର, ୨୦୨୬ ସୁଦ୍ଧା ଆନ୍ତର୍ଜାତୀୟ କାର୍ଡ-ନଟ୍-ପ୍ରେଜେଣ୍ଟ କାରବାର ପାଇଁ ସମାନ ପ୍ରମାଣୀକରଣ ନିୟମ ଲାଗୁ ହେବ।

# ଓଡିଶାରେ ଲଞ୍ଚ ହେଲା ପିଓର ଆୟୋନିଆ




ଭୁବନେଶ୍ୱର, ୩୦।୩: ରବିବାର ଭୁବନେଶ୍ୱର ଭିବାନ୍ତ ହୋଟେଲଠାରେ ନୂୟଙ୍ଗ କମ୍ପାନୀର ପିଓର ଆୟୋନିୟା ବ୍ରାଣ୍ଡ ଲଞ୍ଚ କରିଛି। ଏହି କାର୍ଯ୍ୟକ୍ରମରେ ବଲିଉଡ଼ ଅଭିନେତା ରନ୍ଦୀପ ହୁଡ଼ା, ହିନ୍ଦୀ ସିରିଏଲ ଅଭିନେତା କରଣ ଛାବରା, କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉମେଶ ସିଂଙ୍ଗଲା, ଓଡିଶା ଏଜେନସି ପାର୍ଟନର ଡକ୍ଟର ଅରୁଣ ନାୟକ, ରିଜିଓନାଲ ଡିସଟ୍ରିବ୍ୟୁଟର ରାଜକିଶୋର ପଣ୍ଡା, ଖୋର୍ଦ୍ଧା ଡିସଟ୍ରିବ୍ୟୁଟର ପ୍ରବୋଧ ପ୍ରଧାନ, ନବରଙ୍ଗପୁର ଡିସଟ୍ରିବ୍ୟୁଟର ଲକ୍ଷ୍ମୀ ନାରାୟଣ ନାୟକ ଏବଂ ଗୁଜୁରାଟ, ବିହାର, ଝାଡ଼ଖଣ୍ଡ, ଛତିଶଗଡ, ଆନ୍ଧ୍ରପ୍ରଦେଶ ଓ ମୁମ୍ବାଇର ୨୦୦ରୁ ଉର୍ଦ୍ଧ ଡିସଟ୍ରିବ୍ୟୁଟର ଯୋଗଦେଇଥିଲେ। ବଲିଉଡ ଅଭିନେତା ରନ୍ଦୀପ ହୁଡ଼ା ପିଓର ଆଇଓନୀୟ। ପ୍ରଡକ୍ଟ ଲଞ୍ଚ କରିବା ସହ ସୁସ୍ଥ ରହିବା ପାଇଁ ସୁଦ୍ଧ ଓ ଆଲକାଲାଇନ ପାଣିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସିରିଏଲ ଅଭିନେତା କରନ ଛାବରା ଓଡିଶାବାସୀଙ୍କୁ ଆଲକାଲାଇନ ପାଣି ପିଇବା ଦ୍ୱାର ସୁସ୍ଥ ଓ ନିରାମୟ ରହିପାରିବେ ବୋଲି କହିଥିଲେ। କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଉମେଶ ସିଂଙ୍ଗଲା ଲୋକଙ୍କୁ ଆଲକାଲାଇନ ପାଣି ପିଅନ୍ତୁ ଏବଂ ସୁସ୍ଥ ରୁହନ୍ତୁ ବୋଲି ବାର୍ତ୍ତା ଦେଇଥିଲେ। କମ୍ପାନୀର ମୂଳଲକ୍ଷ୍ୟ ରାଜ୍ୟର ସବୁ ପରିବାକୁ କିପରି ଆଲକାଲାଇନ ପାଣିର ମେସିନ (ପିଓର ଆୟୋନିୟା) ସୁଲଭ ମୂଲ୍ୟରେ ପହଂଚିପାରିବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ଆଞ୍ଚଳିକ କୃଷକ ମଞ୍ଚ ପକ୍ଷରୁ ବାଉଁଶ ବଣିଆରେ ରାସ୍ତାରୋକ



ନୀଳଗିରି,୩୦।୩ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ବାଉଁଶବଣିଆ ଛକ ରେ ଆଜି ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ସକାଳ ୯ ଘଟିକା ଠାରୁ ମୁଖ୍ୟ ୩ ଦାବି ଗୁଡ଼ିକ ଯଥା ନୀଳଗିରି ବଉଳଗଡିଆ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ପୁନଃ ନିର୍ମାଣ, ଜନବସତିରୁ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ଓ କୁଳଡିହା ଅଭ୍ୟାରଣ୍ୟ ତଥା ପାହାଡ଼ର ପାଦଦେଶରେ ତୁରନ୍ତ ସୋଲାର ଫିଟ୍ସିଙ୍ଗ କରି ବନ୍ୟଜନ୍ତୁ କବଳରୁ ଧନଜୀବନକୁ ରକ୍ଷା ଦେବା ସହିତ ହାତୀ କବଳରୁ ଲୋକଙ୍କ ଚାଷବାସର ସୁରକ୍ଷା ପ୍ରଦାନ ଦାବି ନେଇ ରାସ୍ତାରୋକ କରାଯାଇଥିଲା।

ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା ନେତୃତ୍ୱରେ ଉପ ସଭାପତି ଉମାକାନ୍ତ ମଳିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବିଜୟ କୁମାର ସ, ଅବସର ପ୍ରାପ୍ତ ଶିକ୍ଷକ ରବିନାରାୟଣ ଜେନା, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଗଙ୍ଗାଧର ସାମଲସମେତ ବହୁ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ରାସ୍ତାରୋକ ସାମିଲ ହୋଇଥିବା ବେଳେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବିକ୍ଷୋଭ ସ୍ଥଳ ରେ ପହଁଞ୍ଚି ଉଦବୋଧନ ଦେବା ସହିତ ଏ ଭଳି ନ୍ୟାର୍ଯ୍ୟ ଦାବି ପାଇଁ ତାଙ୍କର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ମତ ବ୍ୟକ୍ତ କରିଥିଲେ।

ପୂର୍ବାହ୍ନ ୧୧. ୩୦ ମିନିଟ ସମୟରେ ରାସ୍ତାରୋକ ସ୍ଥଳ ରେ ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥପହଁଞ୍ଚି ମଞ୍ଚ ର ନେତୃତ୍ୱ ଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହିତ ଆସନ୍ତା ଏପ୍ରିଲ ମାସ ୧୫ ତାରିଖ ମଧ୍ୟରେ ରାସ୍ତାର ପୁନଃଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶୃତି ଦେବା ସହିତ ଅନ୍ୟ ଦାବି ଗୁଡ଼ିକ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ପରେ ରାସ୍ତାରୋକ ଧାରଣା ପ୍ରତ୍ୟାହାର ହୋଇଥିଲା।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୩୦।୩ (ସଂଚାର ବ୍ୟୁରୋ): ଆଜି ଚାନ୍ଦାହାଣ୍ଡି ବ୍ଲକ ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବି ଡି ଓ ଚୈତନ୍ୟ ଗଞ୍ଜଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୫୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୨୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ବଳିତ ଥିଲା।ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୦ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା ସହାୟତା କାର୍ଡ ପ୍ରଦାନ କରାଯାଇଥିଲା।

## ପାନୀୟ ଜଳ ସମସ୍ୟାର ଅନ୍ତ କେବେ ?



ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି, ୩୦।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ରେ ପନ୍ଦର ଗୋଟି ପଞ୍ଚାୟତରୁ ପ୍ରାୟ ପଂଚାୟତ ରେ ପାନୀୟ ଜଳ ସମସ୍ୟା ଲାଗି ରହିଛି କିନ୍ତୁ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ଏହା ଏକ ଦୁଃଖ ର ବିଷୟ। ଆଜି ବ୍ଲକ କାର୍ଯ୍ୟାଳୟ ଠାରେ ଅମଳାଭଟ୍ଟା ପଂଚାୟତ ର ଡେଙ୍ଗାଗୁଡ଼ା ଗ୍ରାମର ହରିଜନ ସାହିର କୁଡ଼ିଏରୁ ଅଧିକ ମହିଳା ଆସି ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ମହିଳା ମାନେ କହିବା ଅନୁସାରେ ହରିଜନସାହିରେ କୁଡ଼ିଏ ପରିବାର ବସବାସ କରୁଛନ୍ତି ହେଲେ ପାଣିର ସୁବିଧା ନଥିବାରୁ ଧାନ ବିଲ ରେ କୂଅ କରି ସେହି କୂଅ ପାଣିରେ ତୃଷା ମେଣ୍ଟାଉଛନ୍ତି। ଗତ ବର୍ଷ ୯-୭-୨୫ରେ ଗୋଷ୍ଠୀଉନ୍ନୟନାଧିକାରୀଙ୍କୁ ଅଭିଯୋଗ କଲା ସତ୍ତ୍ୱେ କିଛି ସୁଫଳ ମିଳି ନଥିବାରୁ, ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ମଧ୍ୟ ପ୍ରତିଶ୍ରୁତି ଦେଇ ବିଭାଗୀୟ ଅଧିକାରୀ ଙ୍କୁ ଶୀଘ୍ର ସମସ୍ୟାର ସମାଧାନ କରିବାକୁ କହିଥିଲେ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଓ ହେଜ୍ଞାନ ଯୋଗୁ ଆଜି କୁଡ଼ିଏ ପରିବାର ପାଣିବୁନ୍ଦା ପାଇଁ ପଚିଶ କିଲୋମିଟର ଅଟୋ ସାହାଯ୍ୟରେ ଆସି ଭଡାବାବଦକୁ ଏକ ହଜାର ଟଙ୍କା ଦେବାକୁ ପଡୁଛି। ଏ ଭଳି କ୍ଷେତ୍ରରେ ସମ୍ପୂର୍ଣ୍ଣ ଫେଲ ମାରିଛି ମେଗାଜଳ ପ୍ରକଳ୍ପ। ଦେଖିବାକୁ ବାକି ରହିଲା ଆଗକୁ ଗ୍ରୀଷ୍ମ ପ୍ରଭାବରେ ପ୍ରଶାସନ କେତେ ତତ୍ପରତା ଦେଖାଉଛି। ତେନ୍ତୁଳୀଖୁଣ୍ଟି ବ୍ଲକ ପାଇଁ ଏହା ଏକ ବଡ଼ ଆହ୍ୱାନ।

## ସାର ଗୋଦାମ ଉପରେ ପ୍ରଶାସନର କଡ଼ା ନଜର

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୩୦।୩ (ସଂଚାର ବ୍ୟୁରୋ): ଯାଞ୍ଚ ପରେ ବିକ୍ରି ଉପରେ ରୋକ। ତେନ୍ତୁଳିଖୁଣ୍ଟି କୃଷକମାନଙ୍କ ସୁବିଧା ଏବଂ ସାରର ସଠିକ୍ ବଣ୍ଟନ ନିଶ୍ଚିତ କରିବା ପାଇଁ ଆଜି ତେନ୍ତୁଳିଖୁଣ୍ଟି ପ୍ରଶାସନ ପକ୍ଷରୁ ଏକ ମିଳିତ ଯାଞ୍ଚ କରାଯାଇଛି। ତେନ୍ତୁଳିଖୁଣ୍ଟି ତହସିଲଦାରଙ୍କ ସମେତ ଭାରପ୍ରାପ୍ତ ଏଡିଓ ତଥା ବିଏଓ ବରୁଣ ଧାନଫୁଲ, ଏଏଓ ତଥା ସାର ପରିଦର୍ଶକ ପ୍ରତିଭା ତିରିଆ, କୃଷି ଅଧିକାରୀ, ଜିନେନ୍ଦ୍ର ଟାକ୍ରି ଏବଂ ଏଟିଏମ ବାଳଗୋବିନ୍ଦ ସାହୁ ପ୍ରମୁଖ ଏହି ପରିଦର୍ଶନରେ ସାମିଲ ଥିଲେ। ଏହି ଅଧିକାରୀମାନେ ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ, ଅଞ୍ଚଳଗୁମ୍ମା ଲ୍ୟାମ୍ପ ଏବଂ ଅଞ୍ଚଳର ୫ ରୁ ୬ ଜଣ ସାର ବ୍ୟବସାୟୀଙ୍କ ଗୋଦାମ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଗୋଦାମରେ ଥିବା ସାରର ଷ୍ଟକ୍ ରିପୋର୍ଟ ଏବଂ ପ୍ରକୃତ ସାମଗ୍ରୀର ତନ୍ନ ତନ୍ନ କରି ଯାଞ୍ଚ କରାଯାଇଥିଲା। ସାରର ସୁପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ସାର ବିକ୍ରି ନକରିବାକୁ ସମସ୍ତ ଡିଲର ଓ ଲ୍ୟାମ୍ପ ପରିଚାଳକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କୁଇ ସମାଜର ବର୍ଷିକ ଅଧିବେଶନ




ଫୁଲବାଣୀ,୩୦।୩(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଲୁଇସିଂ ଗ୍ରା.ପ. ର କତ୍ରକେତା ଗ୍ରାମରେ କୁଇ ସମାଜ ସେବା ସମିତି ଫୁଲବାଣୀର ନୂତନ ଗଠିତ ଶାଖା ବାଲନ୍ଦାପଡ଼ା ଏବଂ ଉପ ଶାଖା ଲୁଇସିଂ ମିଳିତ ଭାବେ ଦୁଇ ଦିବସୀୟ ଶନିବାର ଏବଂ ରବିବାର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହେଇଛି ଶାଖା କାର୍ଯକାରୀ ସଭାପତି ରାମଚନ୍ଦ୍ର ମଲ୍ଲିକ. ସମ୍ପାଦକ ରୂପରଞ୍ଜନ ମଲ୍ଲିକ. କଷାଦକ୍ଷ ମଙ୍ଗୁଲୁଧର କହଁର । ଉପ ଶାଖା ସଭାପତି ରାମଚନ୍ଦ୍ର ମଲ୍ଲିକ ସମ୍ପାଦକ ଜୟରାମ ମଲ୍ଲିକ । କଷାଦକ୍ଷ ପାଦାମ୍ବାର କହଁର ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଅଙ୍ଗଦ କହଁର ମୁଖ୍ୟ ସମ୍ମାନିତ ଅତିଥି ଭାବରେ ଆଦିବାସୀ ମହାସଂଘ କନ୍ଧମାଳ ଜିଲ୍ଲା ସଭାପତି ମନୋଜ କୁମାର ପ୍ରଧାନ ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଫିରିଙ୍ଗିଆ ଅଧ୍ୟକ୍ଷା ନମିତା କହଁର କନ୍ଧ ସଂସ୍କୃତ ପ୍ରଚାରକ ଉତ୍ତମ କହଁର ଗୋବିନ୍ଦ ଚନ୍ଦ୍ର କହଁର ରାଧେଶ୍ୟାମ କହଁର ଚାରିଗୋଟି ଗ୍ରା .ପ.ର ସରପଞ୍ଚ କୁଇ ସେମିତି ସଭ୍ୟ ୱାର୍ଡ଼ ମେମ୍ବର ମାନେ । ଚାରିଗୋଟି ଶାଖାର କର୍ମକର୍ତ୍ତା ଏବଂ ବାପା ମାଆ ପ୍ରାୟ ତିନି ହଜାର ରୁ ଉର୍ଦ୍ଧ ଲୋକ ଯୋଗ ଦେଇଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ



ରାଜନଗର,୩୦।୩ (ସଂଚାର ବ୍ୟୁରୋ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ କରାଯାଇଛି | ମହାବିଦ୍ୟାଳୟର ସ୍ନାତକ ବିଭାଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡିଆ ଗଳ୍ପ ଲିଖନ, କବିତା ଲିଖନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଓଡିଆ ପକ୍ଷ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଅମୀୟ ଦାସ ପୋରହିତ୍ୟ କରିବା ସହିତ ଓଡିଶାର ଭାଷା, ସାହିତ୍ୟ ଓ ସଂସୃତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଆ ବିଭାଗର ଅଧ୍ୟାପକ ରତ୍ନାକର ନାୟକ , ଇଂରାଜୀ ବିଭାଗର ଅଧ୍ୟାପକ ପର୍ଶୁରାମ ନାଥ , ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଅନୁସୂୟା ବେହେରା , ଉଭିଦ ବିଜ୍ଞାନର ଅଧ୍ୟାପିକା ରାଜଶ୍ରୀ ସାମନ୍ତ , ରାଜନୀତି ବିଜ୍ଞାନର ଅଧ୍ୟାପକ ଆଲୋକ ବେହେରା ପ୍ରମୁଖ ଅଂଶଗ୍ରହଣ କରି ଓଡିଆ ଭାଷା ସାହିତ୍ୟ ଓ ସଂସୃତିକୁ କିପରି ଅଧିକ ଲୋକପ୍ରିୟ କରାଯାଇପାରିବ ସେ ଉପରେ ମତ ରଖିଥିଲେ। ବର୍ଷାରାଣୀ ଚଣ୍ଡ , ପ୍ରିୟଙ୍କା ବରାଳ ଓ ବର୍ଷାରାଣୀ ସ୍ୱାଇଁ ତିନୋଟି ପ୍ରତିଯୋଗୀତାରେ ଶ୍ରେଷ୍ଟତ୍ୱ ପ୍ରତିପାଦନ କରି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି ।

## ବିଷୁବ ମିଳନ ପାଇଁ ପ୍ରସ୍ତୁତି ବୈଠକ



ଯାଜପୁର,୩୦।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସୁକିନ୍ଦା ସାହିତ୍ୟ ସମାଜ ଆନୁକୁଲ୍ୟରେ ଆୟୋଜିତ ହେଉଥିବା ବିଷୁବ ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ କୁଳମଣି ଦତ୍ତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକ ରେ ଆସନ୍ତା ପଣା ସଂକ୍ରାନ୍ତି ତଥା ବିଷୁବ ସଂକ୍ରାନ୍ତି ଦିନ ହେବାକୁ ଥିବା ବିଷୁବ ମିଳନ ସମ୍ପର୍କ ରେ ଆଲୋଚନା ହୋଇଥିଲା। ବିଷୁବ ମିଳନ ରେ ବିଷୁବ ସମ୍ମାନ ପ୍ରଦାନ, ପ୍ରଫୁଲ୍ଲ ଦାଶ ସ୍ମୃତି ସମ୍ମାନ ପ୍ରଦାନ, କବିତା ପାଠୋତ୍ସବ, ଆଲୋଚନା ଚକ୍ର,ପୁସ୍ତକ ଉନ୍ମୋଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ରାଜ୍ୟର ଅନେକ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେବେ। ଏଣୁ ଏହି ସାରସ୍ୱତ କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟା ରେ କବି, ଲେଖକ ଓ ସାରସ୍ୱତ ସାଧକମାନେ ଯୋଗଦେବାକୁ ଅନୁରୋଧ କରାଯାଇଛି। ଏହି ବୈଠକ ରେ ଉପଦେଷ୍ଟା ସୁରେନ୍ଦ୍ର କୁମାର ଦାଶ, ସମ୍ପାଦକ ହିମାଂଶୁ ଶେଖର ଦ୍ୱିବେଦୀ,ଅଜୟ କୁମାର ଖୁଣ୍ଟିଆ, କିଶୋର ଚନ୍ଦ୍ର ଦାଶ, ମନୋରଞ୍ଜନ ଦାସ,ଦୟାନିଧି ଦାଶ, ବିଜୟ କୁମାର ସାହୁ,ପବିତ୍ର ମୋହନ ସାହୁ,ଅଲେଖ ପ୍ରସାଦ ପାଗଡ, ରାମଚନ୍ଦ୍ର ବିଶ୍ୱଳ, ଅଶେଷ ପାତ୍ର, ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ନିଜର ମତ ବ୍ୟକ୍ତ କରିଥିଲେ।

## ସୁକିନ୍ଦା ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

● ୬୪ ଅଭିଯୋଗ ପଞ୍ଜିକୃତ, ୧୨ଟିର ତତ୍କାଳ ସମାଧାନ




ଯାଜପୁର,୩୦।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୬୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୫ ଗୋଟି ରେଡ୍ କ୍ରସ୍ ପାଣ୍ଠିରୁ ୦୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶ ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଯୁଧିଷ୍ଠିର ନାଏକ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁକିନ୍ଦା ପ୍ରଜ୍ଞା ପାରମିତା ପୃଷ୍ଟି, ତହସିଲଦାର ,ସୁକିନ୍ଦା ଶ୍ରୀ ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ମା' ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ସମ୍ପନ୍ନ



ଲାଞ୍ଜିଗଡ,୩୦।୩ (ସଂଚାର ବ୍ୟୁରୋ): ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡର ମାଁ ଠାକରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ରବିବାର ମହାସମାରୋହରେ ସମ୍ପନ୍ନ ହେଇଯାଇଛି। ଲାଞ୍ଜିଗଡ ଇଷ୍ଟଦେବୀ ମାଁ ଠାକୁରାଣୀ ଗତ ୯ ଦିନ ଧରି ଦ୍ୱାର ଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେଲା ପରେ ରବିବାର ସକାଳେ ନିଜ ଆସ୍ଥାନ ବିରାଜମାନ କରିଛନ୍ତି। ପୂଜକ ଭକ୍ତଙ୍କ ପିଠିରେ ମାଁଙ୍କୁ ଆସ୍ଥାନକୁ ନେଇଥିଲେ। ମାଁ ଠାକୁରାଣୀଙ୍କ ଘଣ୍ଟଯାତ୍ରା ଦ୍ୱିତୀୟା ତିଥିରୁ ଆରମ୍ଭ ହୋଇଥିବା ବେଳେ ଲାଞ୍ଜିଗଡ ରାଜ ଉଆସରୁ ମାଁଙ୍କ ଘଣ୍ଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରି ପୂଜକମାନେ ଆହ୍ୱାନ କରିଥିଲେ।

ଜମ୍ବେଶ୍ୱର ପୂଜାରୀ ମାଁଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରିଥିବା ବେଳେ ମାଁଙ୍କ ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ମାଁଙ୍କ ପୂଜାର୍ଚ୍ଚନା ସହିତ ଘଣ୍ଟ ସାଙ୍ଗରେ ଅଞ୍ଚଳର ବିଭିନ୍ନ ଗାଁ ପରିକ୍ରମା କରିଥିଲେ ଏବଂ ଭକ୍ତମାନେ ମାଁଙ୍କୁ ଦର୍ଶନ କରିଥିଲେ। ଦୀର୍ଘ ୮ ଦିନ କାଳ ବିଭିନ୍ନ ଗାଁକୁ ଯାଇ ଭକ୍ତ ମାନଙ୍କ ଘରେ ପୂଜା ପାଇବା ପରେ ନବମ ଦିନ ନିଜ ମନ୍ଦିରରେ ଗୋଟିଏ ଦିନ ପାଇଁ ବିଶ୍ରାମ ନେଇଥିଲେ। ପୁଣି ସେହିଦିନ ସନ୍ଧ୍ୟାରେ ଲାଞ୍ଜିଗଡ ରାଜାଙ୍କ ଘରକୁ ଯାଇ ପୂଜା ପାଇବା ପରେ ନବମ ଦିବସ ରାତିସାରା ଲାଞ୍ଜିଗଡ ସହରର ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ। ରବିବାର ଉଦଯାପନି ଦିବସରେ ମାଁଙ୍କ ସେବକ ପୂଜାରୀ ପଡ଼ାରୁ ଏକ ବିରାଟ ଆଡ଼ୁଆଳରେ ମାଁଙ୍କୁ ମନ୍ଦିରକୁ ଆଣିଥିଲେ। ଗ୍ରାମର ପ୍ରତ୍ୟେକ ପଡାବାସୀ ନିଜ ଦ୍ୱାର ସାମ୍ନାରେ ଚିତା ଆଙ୍କି ଘଣ୍ଟ, ଘଣ୍ଟା, ଶଙ୍ଖ, ଖୋଳତାଳ ବାଦ୍ୟରେ ମାଁଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ । ମାନସିକଧାରୀ ମାନେ ବୋଦା, କୁକୁଡ଼ା, ପାରା ବଳି ମଧ୍ୟ ଦେଇଥିବାର ଦେଖିବାକୁ ମିଳିଥିଲା। ମାଁ ଠାକୁରାଣୀ ପରେ ନିଜ ଆସ୍ଥାନକୁ ଆସିବା ସମୟରେ ଭକ୍ତ ମାନଙ୍କ ପିଠିରେ ଚଢ଼ି ନିଜ ଆସ୍ଥାନରେ ବିରାଜମାନ କରିଥିଲେ। ମାଁ ଠାକୁରାଣୀଙ୍କ ୯ ଦିନ ଧରି ଏହି ଘଣ୍ଟଯାତ୍ର ମହା ଆଡମ୍ବର ସହିତ ପାଳନ ହୋଇଥିବା ବେଳେ ମନ୍ଦିରକୁ ଆଲୋକମାଳାରେ ସୁସଜିତ କରାଯାଇଥିଲା।

## ବଡ଼ମାଣିତିଆ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



କେନ୍ଦ୍ରାପଡ଼ା,୩୦।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅଧିନ ସାନମାଣିତିଆ ପାୟତର ଜଗନ୍ନାଥ ସେବା ସଂସ୍ଥା, ସାନମାଣିତିଆ ଆନୁକୂଲ୍ୟରେ ବଡମାଣିତିଆ ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ସୋମବାର ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଜଗନ୍ନାଥ ସେବା ସଂସ୍ଥାର ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଉପରେ ବହୁ ମୂଲ୍ୟବାନ ତତ୍ତ୍ୱଭିକ ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିକ୍ଷାବୀତ ତ୍ରିଲୋଚନ ଜେନା, ବ୍ରହ୍ମାନନ୍ଦ ସାମଲ, ଦେବେନ୍ଦ୍ର ରାଉତ, ପ୍ରହଲ୍ଲାଦ ଦାସ, ଜଗଦାନନ୍ଦ ସ୍ୱାଇଁ, କେଶବ ଚନ୍ଦ୍ର ବିଶ୍ୱାଳ ଓ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜଗନ୍ନାଥ ସେବା ସଂସ୍ଥାର ସମ୍ପାଦକ ରବୀନ୍ଦ୍ର କୁମାର ପରିଡା ବଡମାଣିତିଆରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଶ୍ରୀକ୍ଷେତ୍ର ପୁରୀର ସୁନାମଧନ୍ୟ ପଣ୍ଡିତ ପଦ୍ମନାଭ ତ୍ରିପାଠୀ(ଶର୍ମା) ଓ ତାଙ୍କର ସହଯୋଗିମାନଙ୍କ ଦ୍ୱାରା ଆଜି ଅଙ୍କୁରାରୋପଣ ଓ ମଣ୍ଡଳକାରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି କଳସଯାତ୍ରା, ଶାଳା ପ୍ରବେଶ, ଦେବତା ଆବାହନ, ଅଗ୍ନିସ୍ଥାପନ,ମା'ବିମଳାଦେବୀଙ୍କ ନୂତନ ମନ୍ଦିର ଅଧିବାସ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯିବ ।

## ଜୟ ହନୁମାନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ନିଶ୍ଚିନ୍ତକୋଇଲି,୩୦।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ଅଞ୍ଚଳ ବଡକ୍ଷୀର ଗ୍ରାମ ପଞ୍ଚାୟତ ଗୋପପୁର ଗ୍ରାମର ଜୟହନୁମାନ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଫ୍ଲଡ୍ ଲାଇଟ୍ ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଜେନା ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ ଜେନାଙ୍କ ସହିତ ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ, ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ସରପଞ୍ଚ ହିଂମାଶୁ ନାରାୟଣ ମଲ୍ଲ, ଜୟଦେବ ରାଉତ, ସମିତି ସଭ୍ୟ ପ୍ରଦୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେବା ଦ୍ୱାରା କ୍ରିକେଟ ଖେଳ ପ୍ରତି ରୁଚି ରଖୁଥିବା କ୍ରୀଡାବିତ୍ ମାନେ ସେମାନଙ୍କର ଖେଳ ପ୍ରଦର୍ଶନ କରିବା ଓ ଖେଳରେ ଆଗକୁ ଯିବାରେ ସହାୟକ ହେବ ବୋଲି କହିଥିଲେ।

### ଉମାପଦା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମହାଦେବ ସେନା ଫାଇଟର ଟିମ୍ ଚମ୍ପିୟାନ




ଯାଜପୁର ରୋଡ଼, ୩୦।୩(ସଂଚାର ବ୍ୟୁରୋ): ବ୍ୟାସନଗର ପୌରସହରର ୱାର୍ଡ ନମ୍ବର -୧୬ର ଉମାପଦା ଆନୁକୁଲ୍ୟରେ ଅନୁଷ୍ଠିତ ୟୁପିଏଲ-୨୦୨୬ କ୍ରିକେଟ ଟୁର୍ଣ୍ଣାମେଂଟ ଖେଳ ଆଜି ଉଦଯାପିତ ହୋଇଯାଇଛି। ମହାଦେବ ସେନା ଫାଇଟର ଟିମ୍ ସହିତ ହରି ଓମ ଫାଇଟର ଟିମ୍'ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମହାଦେବ ସେନା ଫାଇଟର ନିର୍ଦ୍ଧାରିତ ୬ଓଭର ବ୍ୟାଟିଂ କରି ୨ଉଇକେଟ ହରାଇ ୬୯ ରନ ସଂଗ୍ରହ କରିଥିଲା, ହରି ଓମ ଫାଇଟର ନିର୍ଦ୍ଧାରିତ ଓଭର ମଧ୍ୟରେ ୭ଉଇକେଟ ହରାଇ୨୭ ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ଖେଳର ଅମ୍ପାୟର ଦୁର୍ଗା ପ୍ରସାଦ ପଟ୍ଟନାୟକ, ପିଂଟୁ ନାଥ, କମେଂଟେଟର ପ୍ରଶାନ୍ତ ପଟ୍ଟନାୟକ, ସ୍କୋରର ଅସୀମ ଦାସ ଏହି ଖେଳକୁ ପରିଚାଳନା କରିଥିଲେ। ଏହି ଫାଇନାଲ ଖେଳ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ରୋଡ଼ ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମହାଦେବ ସେନା ଫାଇଟର ଟିମ୍ ବିଜୟ ମୁକୁଟ ପିନ୍ଧିଥିଲା। ୟୁପିଏଲ ବୋର୍ଡ ମୁଖ୍ୟ ରାହୁଲ ନାୟକ, ସିକୁନ ରାଉତ ଓ ଉମାପଦା ଗ୍ରାମବାସୀଙ୍କ ସମେତ ସମସ୍ତ ଯୁବ ପରିଷଦ ସଦସ୍ୟବୃନ୍ଦ ମାନେ ସହଯୋଗ କରିଥିଲେ।

# ଶିଶୁ ବିକାଶ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ



ନୀଳଗିରି,୩୦।୩ (ସଂଚାର ବ୍ୟୁରୋ):ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ଉତ୍ସବ ରେ ଶିଶୁ ବିକାଶ ବିଦ୍ୟା ମନ୍ଦିର, ସନ୍ତରାଗଡିଆ ର କାର୍ଯ୍ୟକାରୀ ଅଧ୍ୟକ୍ଷ ରବିନ୍ଦ୍ର କୁମାର ରଣା ଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଜିତେନ୍ଦ୍ର ନାଥ ପଟନାୟକ ମୂଲ୍ୟବୋଧ ଭିତ୍ତିକ ଓ ସଂସ୍କାର ଯୁକ୍ତ ଶିକ୍ଷା ର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟ ବକ୍ତା ଭାବରେ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ଇଂରାଜୀ ବିଭାଗ ର ଅବସର ପ୍ରାପ୍ତ ଅଧ୍ୟାପିକା ଜ୍ୟୋତିର୍ମୟୀ ନାୟକ ପରିବାର କୈନ୍ଦ୍ରିକ ସମାଜ ର ଭଲ ମଣିଷ ଗଠନ ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ବିକାଶ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବୀବରଣୀ ପାଠ କରିଥିଲା ବେଳେ ଶିଶୁ ବିକାଶର ସମ୍ପାଦକ ଅଜିତ୍ କୁମାର ପାଣିଗ୍ରାହୀ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ଚଳିତ ଶିକ୍ଷା ୨୦୨୫-୨୬ ବର୍ଷ ଠାରୁ ମୁଖ୍ୟ ଅତିଥି ଜିତେନ୍ଦ୍ରନାଥ ପଟ୍ଟନାୟକଙ୍କ ଦ୍ୱାରା ସନ୍ତରାଗଡିଆ ଅଞ୍ଚଳର ଆଦର୍ଶ ଶିକ୍ଷକ "ଉପେନ୍ଦ୍ରନାଥ ପଟନାୟକ ସ୍ମୃତି ସମ୍ମାନ" ପୁରସ୍କାର ପ୍ରଦାନ କରିଥିଲେ । ଏହି ପୁରସ୍କାର ପ୍ରତି ବର୍ଷ ଦିଆଯିବ ବୋଲି ମୁଖ୍ୟ ଅତିଥି ଘୋଷଣା କରିଥିଲେ ।

ଶିଶୁ ବିକାଶ ବିଦ୍ୟା ମନ୍ଦିର, ସନ୍ତରାଗଡିଆ ର ସମ୍ପାଦକ ଅଜିତ୍ କୁମାର ପାଣିଗ୍ରାହୀ ପ୍ରଥମ ଥର କରି ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଟେରାକୋଟା ଶିଳ୍ପୀ ରମେଶ ଚନ୍ଦ୍ର ମୁଦୁଲି ,ପୂର୍ବତନ ପଞ୍ଚମ ଶ୍ରେଣୀ ର ସର୍ବୋଚ୍ଚ ନମ୍ବର ପାଇଁ ଛାତ୍ରୀ ଆଦ୍ୟାଶା ଆଗୁଆଡ, ସନ୍ତରାଗଡିଆ ହାଇସ୍କୁଲ ର ମେଟ୍ରିକ୍ ପରୀକ୍ଷା ରେ ସର୍ବୋଚ୍ଚ ନମ୍ବର ରଖିଥିବା ତନ୍ମୟ କୁମାର ସ୍ୱାଇଁ ଙ୍କୁ ପ୍ରତିଭା ସମ୍ମାନ ପୁରସ୍କୃତ କରାଯାଇଥିଲା। ଶିଶୁ ବିକାଶ ବିଦ୍ୟା ମନ୍ଦିର, ସନ୍ତରାଗଡିଆ ର ଉପଦେଷ୍ଟା ସଦସ୍ୟ ସୁରେନ୍ଦ୍ର କୁମାର ରାଉଳ ଶେଷରେ ଧନବାଦ ଜ୍ଞାପନ କରିଥିଲେ ।

ଶେଷ ପର୍ଯ୍ୟାୟ ରେ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ମହାଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁମା ସସ୍ମିତା ସ ,ଗୁରୁମା ନିର୍ମଳା ଜେନା ଓ ଗୁରୁମା ମଧୁସ୍ମିତା ମଞ୍ଚ ପରିଚାଳନା କରିବା ସହିତ ଗୁରୁଜୀ କାର୍ତ୍ତିକେଶ୍ୱର ବାରିକ୍, ଗୁରୁଜୀ ପ୍ରିୟରଞ୍ଜନ ବେହେରା,ଗୁରୁମା ଓ୍ୱନୀତାରାଣୀ ଖେଟୁଆ,ଗୁରୁମା ସାଇପ୍ରଭା ପାଣିଗ୍ରାହୀ,ଗୁରୁମା ପଦ୍ମିନୀ ରାଉଳ,ଗୁରୁମା ସଞ୍ଜନା ମହାରଣା, ଶିଶୁ ସେବିକା ସୁଲୋଚନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ନୃତ୍ୟଶିଳ୍ପୀ ପ୍ରଶାନ୍ତ କୁମାର ରାଉତ, ପରିଚାଳନା ସମିତି ର ସଭ୍ୟା ଶର୍ମିଷ୍ଠା ପାଣିଗ୍ରାହୀ ଓ ସଭ୍ୟା ମମତାରାଣୀ ପାଣିଗ୍ରାହୀ ଓ ଉପଦେଷ୍ଟା ସଦସ୍ୟ ଟୁନୁ ପଟନାୟକ ପ୍ରମୁଖ ମୁଖ୍ୟ ଭୂମିକାରେ ରହି ବାର୍ଷିକ ଉତ୍ସବର ସମସ୍ତ ବ୍ୟବସ୍ଥା ଆୟୋଜନ କରିଥିଲେ ।

# ଆଧୁନିକ ସୌନ୍ଦର୍ଯ୍ୟର ନୂତନ ଦିଗ



ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି। ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ ହୋଇପାରିଛି। ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ। ଏହି ଉତ୍ତାପ କୋଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ। ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ। ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ। ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ। ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ। ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହଲୁକ ମାସାଜ୍ କରାଯାଏ। ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ। ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ। ଯାହା କିଛି ସମୟରେ ଠିକ୍ ହୋଇଯାଏ। ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ। ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ। ଏହାସହ ସର୍ବଦା ମୁହଁରେ ସନ୍‌ସ୍କ୍ରିନ୍ ଓ ମଇଷ୍ଟରାଇଜର ଲଗାନ୍ତୁ। ଆର୍‌ଏଫ୍ ଚିକିତ୍ସାର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ। ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର। ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

# ଖରାଦିନେ ଶରୀର ପାଇଁ ଉପକାରୀ ଆଖୁରସ



ଶରୀର ପାଇଁ ବେଶ୍ ଉପକାରୀ ହେଉଛି ଆଖୁରସ। ମୁଖ୍ୟତଃ ଖରାଦିନେ ଏହାର ଚାହିଦା ଅଧିକ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରି ରହିଛି। ଆଖୁରସ ପିଇବା ଦ୍ୱାରା ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଏହାବ୍ୟତୀତ ଶରୀରରେ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ ଥିବାରୁ ଏହା ଦାନ୍ତ ଓ ଦାନ୍ତମାଢ଼ିକୁ ନଷ୍ଟ ହେବାରୁ ରକ୍ଷା କରିଥାଏ। ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ ମଧ୍ୟ କେତେକାଂଶରେ ଦୂର କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିଥାଏ। ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ଏହା ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ।

# ନିୟମିତ ପିଅନ୍ତୁ ଏକ କପ୍ ହଳଦୀ ପାଣି

ହଳଦୀରେ ରହିଛି ବହୁ ଔଷଧୀୟ ଗୁଣ, ଯାହା ଅନେକ ରୋଗରୁ ରକ୍ଷା କରିଥାଏ। ଯଦି ନିୟମିତ ସକାଳେ ଏକ କପ୍ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ। ମଧୁମେହଠାରୁ ଆରମ୍ଭ କରି ତ୍ୱଚା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ରହିଛି ଏହାର ସକାରାତ୍ମକ ପ୍ରଭାବ।ହଳଦୀରେ ଆଇରନ୍, କପର, ପ୍ରୋଟିନ୍, ଫାଇବର୍ ଓ ଭିଟାମିନ-ସି' ପରି ପୋଷକ ତତ୍ତ୍ୱ ରହିଛି। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତରକୁ ମଧ୍ୟ ନିୟନ୍ତ୍ରିତ ହୋଇଥାଏ। ପୋଷାକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଲାଭଦାୟକ। ଔଷଧୀୟ ଗୁଣରେ ଭରା ହଳଦୀ ଖାଦ୍ୟର ରଙ୍ଗ ଓ ସ୍ୱାଦକୁ ବଢ଼ାଇଥାଏ। ଏହି ମସଲାର ଉପଯୋଗ କେବଳ ଖାଦ୍ୟରେ ନୁହେଁ, ବରଂ ଅନେକ ଶାରୀରିକ ସମସ୍ୟାକୁ ସମାଧାନ କରିଥାଏ। ଆୟୁର୍ବେଦରେ ହଳଦୀ ଅନେକ ଔଷଧ ତିଆରି ପାଇଁ ବ୍ୟବହାର ହୋଇଥାଏ। ଏହି ମସଲାରେ ଆଇରନ୍, ପ୍ରୋଟିନ୍, ଫାଇବର, ଭିଟାମିନ୍-ସି' ଓ ଭିଟାମିନ୍-ଇ' ପରି ଅନେକ ପୋଷକ ତତ୍ତ୍ୱ ରହିଛି। ଯଦି ନିୟମିତ ଖାଲି ପେଟରେ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଯେପରିକି

**ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି:** ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିଥାଏ। ଫଳରେ ଅନେକ ପ୍ରକାରର ସଂକ୍ରମଣ ଓ ରୋଗରୁ ରକ୍ଷା କରିଥାଏ। ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ନିୟମିତ ହଳଦୀ ପାଣି ପିଇବା ଉଚିତ୍।

**ପାଚନ ତନ୍ତ୍ର ସୁସ୍ଥ ରହେ:** ପୋଷକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି- ଅକ୍ସିଡାଣ୍ଟ ଗୁଣ ପାଚନ ତନ୍ତ୍ରକୁ ସୁଧାରିଥାଏ। ହଳଦୀ ପାଣି ପିଇବା ଦ୍ୱାରା ପେଟରେ ଥିବା ପ୍ରାୟ ସମସ୍ୟାର ସମାଧାନ ହୋଇଥାଏ।

**ହୃଦୟ ପାଇଁ ଲାଭଦାୟକ:** ହଳଦୀରେ ଥିବା କରକ୍ୟୁମିନ୍ ହୃଦୟ ସ୍ୱାସ୍ଥ୍ୟକୁ ସୁଧାରିଥାଏ। ସେହିପରି ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ହୃଦୟ ରୋଗକୁ କମ୍ କରିବାରେ ସାହାଯ୍ୟ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ହୃଦୟ ଫିଟ୍ ରହିଥାଏ।

**ରକ୍ତରେ ଶର୍କରା ନିୟନ୍ତ୍ରିତ କରେ:** ଯେଉଁ ଲୋକଙ୍କୁ ମଧୁମେହ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ହଳଦୀ ପାଣି ରାମବାଣ ପରି କାମ କରିଥାଏ। ଏହା ରକ୍ତରେ ଶର୍କରା ସ୍ତରକୁ ସାମାନ୍ୟ ରଖିଥାଏ। ଏଥିରେ ଥିବା କର୍‌କ୍ୟୁମିନ୍ ମଧୁମେହ ଆଶଙ୍କାକୁ କମ୍ କରିଥାଏ।

**ତ୍ୱଚା ପାଇଁ ଗୁଣକାର:** ହଳଦୀ ତ୍ୱଚାରେ ଚମ୍‌କ ଆଣିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ବୟସକୁ ବାନ୍ଧି ରଖିବାରେ ସହଯୋଗ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ତ୍ୱଚାରେ ଚମ୍‌କ ଆସିବା ସହ ସୁସ୍ଥ ରହିଥାଏ।



# ବାର୍ଦ୍ଧକ୍ୟରେ ସୁସ୍ଥ ରହିବାର ସୂତ୍ର

ଦଶ ବର୍ଷ ପୂର୍ବେ ମନୁଷ୍ୟର ହାରାହାରି ଜୀବନକାଳ ପ୍ରାୟ ୬୩ ବର୍ଷ ଥିଲା। ଡାକ୍ତରୀ ବ୍ୟବସ୍ଥାର ସୁବ୍ୟବସ୍ଥା ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗୁଁ ଆମର ହାରାହାରି ବୟସ ବଢ଼ି ୭୦ ବର୍ଷରେ ପହଞ୍ଚିଲାଣି। ଏହି ବୟସରେ କ'ଣ ସବୁ ଘଟିବ, କେହି କିଛି କହିପାରିବେ ନାହିଁ। ତେଣୁ ବାର୍ଦ୍ଧକ୍ୟ ବୟସରେ ନିମ୍ନଲିଖିତ ୧୦ ଗୋଟି ସୂତ୍ର ପ୍ରତି ଧ୍ୟାନ ଦେଲେ ଆମେ ସୁସ୍ଥ ରହିବା ସହ ଖୁସିରେ ଜୀବନଯାପନ କରିପାରିବା।



**ପୁଷ୍ଟିକର ଖାଦ୍ୟ:** ଆମେ ବଞ୍ଚିବା ପାଇଁ ଖାଦ୍ୟ ଖାଉ, ସ୍ୱାଦ ପାଇଁ ନୁହେଁ। ଖାଦ୍ୟ ଆମକୁ ଶକ୍ତି ଯୋଗାଏ। ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାର ଅଛି। ଆମର ଦୈନନ୍ଦିନ ଖାଦ୍ୟରେ ପୁଷ୍ଟିସାର, ଶ୍ୱେତସାର, ଜୀବସାର ଏବଂ ସ୍ନେହସାର ରହିବା ଉଚିତ। ଉକ୍ତ ଚାରିଗୋଟି ଉପାଦାନ ମୁଖ୍ୟତଃ ସବୁଜ ପନିପରିବା, ବିଭିନ୍ନ ଶସ୍ୟ, ମାଛ, ମାଂସ ଏବଂ ଅଣ୍ଡା ଆଦିରେ ଭରପୂର ଥାଏ। ନିରାମିଷ ଖାଦ୍ୟକୁ ଅଧିକ ବ୍ୟବହାର କରି ଆମିଷ ଖାଦ୍ୟକୁ ସୀମିତ ରଖିଲେ ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ଖାଦ୍ୟ ଖାଇବା ସମୟରେ ପେଟପୂରା ନ ଖାଇ କିଛି ଅଂଶ ଖାଲି ରଖିଲେ ସ୍ୱାସ୍ଥ୍ୟ ଭଲ ରହେ।

**ବିଶୁଦ୍ଧ ପାନୀୟ:** ସୁଷମ ଖାଦ୍ୟ ସହିତ ନିର୍ମଳ ପାନୀୟର ଆବଶ୍ୟକତା ରହିଛି। ଦୂଷିତ ଜଳ ବହୁ ସଂକ୍ରାମକ ରୋଗର କାରଣ। ତେଣୁ ଫୁଟା ଏବଂ ଉଷୁମ ପାଣି ପିଇବା ଉଚିତ। ଖାଦ୍ୟ ଖାଇବା ସମୟରେ ପାଣି ପିଇବା ଅନୁଚିତ। କାରଣ ପାକସ୍ଥଳୀରୁ ନିର୍ଗତ ହାଇଡ୍ରୋକ୍ଲୋରିକ ଅମ୍ଳ ଲଘୁ ହୋଇ ଖାଦ୍ୟକୁ ହଜମ କରିପାରେ ନାହିଁ। ତେଣୁ ଖାଦ୍ୟ ଖାଇବାର ୩୦ରୁ ୩୫ ମିନିଟ୍ ପରେ ପାଣି ପିଇବା ଉଚିତ। ଦିନକୁ ଅତିକମ୍‌ରେ ଅଢ଼େଇ ଲିଟରରୁ ତିନି ଲିଟର ପାଣି ପିଇଲେ ଖାଦ୍ୟ ଭଲ ହଜମ ହୁଏ ଏବଂ ଆମର ବୃକ୍କ ବା କିଡ୍‌ନୀ ଠିକ୍ ଭାବରେ କାମ କରିଥାଏ। ବଜାରରେ ବିକ୍ରି ହେଉଥିବା ଥଣ୍ଡା ପାନୀୟଠାରୁ ଯେତେ ଦୂରରେ ରହିବେ, ତାହା ସ୍ୱାସ୍ଥ୍ୟ ପ୍ରତି ସେତେ ଭଲ।

**ଶାରୀରିକ ଶ୍ରମ:** ସୁସ୍ଥ ରହିବାକୁ ହେଲେ ଶାରୀରିକ ପରିଶ୍ରମ ଜରୁରୀ। ଶ୍ରମ ବିମୁଖ ହେବା ବହୁ ରୋଗର କାରଣ। ବୟୋଜ୍ୟେଷ୍ଠ ବ୍ୟକ୍ତି କଠିନ ପରିଶ୍ରମ ନ କରି ଅଙ୍ଗପ୍ରତ୍ୟଙ୍ଗ ଚଳନ ପାଇଁ ହାଲୁକା ବ୍ୟାୟାମ କରିବା ଉଚିତ। ସେଥିମଧ୍ୟରୁ ଦିନକୁ ସକାଳୁ ୩୦ରୁ ୩୫ ମିନିଟ୍ ଚାଲିବା ଉଚିତ। ଚାଲିବା ସହ ଏକ ଘଣ୍ଟା ପର୍ଯ୍ୟନ୍ତ ଖାଲିପେଟରେ ଯୋଗ କରାଯାଇପାରେ। ଯୋଗ ଦୁଇ ପ୍ରକାର; ଯଥା ପ୍ରାଣାୟମ ଏବଂ ଆସନ। ପ୍ରାଣାୟମ ହେଉଛି ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟା ବ୍ୟାୟାମ। ଏହା ଦ୍ୱାରା ଯଥେଷ୍ଟ ଅମ୍ଳଜାନ ଶରୀରରେ ପ୍ରବେଶ କରେ। ଆସନ ହେଉଛି ଅଙ୍ଗପ୍ରତ୍ୟଙ୍ଗ ଚଳନ। ପ୍ରାଣାୟମ ୩୦ରୁ ୪୦ ମିନିଟ୍ ଏବଂ ଆସନ ୨୫ରୁ ୩୦ ମିନିଟ୍ ମଧ୍ୟରେ ସୀମିତ ରଖିଲେ ଶରୀର ନୀରୋଗ ରହିଥାଏ। ତା'ସହ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହେ।

**କ୍ରୋଧ ନିୟନ୍ତ୍ରଣ:** କ୍ରୋଧ ମନକୁ ଅସ୍ଥିର କରେ ଏବଂ ରକ୍ତଚାପ ବଢ଼ାଏ। କ୍ରୋଧ ମନରେ ଅଶାନ୍ତି ସୃଷ୍ଟି କରି ଜୀବନକୁ ଧ୍ୱଂସମୁଖକୁ ଟାଣିନିଏ। ଛୋଟଛୋଟ କଥାରେ ନ ରାଗି ଶାନ୍ତ ରହିବା ଉଚିତ। କ୍ରୋଧଠାରୁ ସର୍ବଦା ଦୂରେଇ ରହିଲେ ଶରୀର ଅନେକାଂଶରେ ସୁସ୍ଥ ରହେ।

**ମନ ଖୋଲି ହସିବା:** ହସିବାକୁ ଏକ ବ୍ୟାୟାମ ସହ ତୁଳନା କରାଯାଇପାରେ। ମନଖୋଲା ହସ ମନରୁ ଦୁଃଖ ଦୂର କରେ। ହସ ଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସୁଚାରୁ ରୂପେ ଚଳନ ହୁଏ। ହୃତ୍‌ପିଣ୍ଡକୁ ରକ୍ତ ସଞ୍ଚାଳନ ଠିକ୍ ରହେ ଏବଂ ରକ୍ତଚାପ ସ୍ଥିର ରହେ। ହସ ଦ୍ୱାରା ଶରୀରର ସ୍ନାୟୁ ଚଳଚଞ୍ଚଳ ରହିବା ସହ ମନ ଉତ୍‌ଫୁଲିତ ରହିଥାଏ। କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ। ହସ ଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ ଏବଂ ବୁଦ୍ଧି ପ୍ରଖର ହୁଏ।

**ସୁନିଦ୍ରା:** ନିଦ୍ରା ଶରୀରରୁ ଅବଶ ଦୂର କରେ। ଶୋଇଲେ ମନରୁ ସବୁ ଦୁଶ୍ଚିନ୍ତା ଦୂର ହୁଏ। ନିଦ ଶରୀରକୁ ସତେଜ ରଖେ। କୌଣସି କାର୍ଯ୍ୟ କରିବାକୁ ଆଗ୍ରହ ସୃଷ୍ଟି ହୁଏ। ରକ୍ତଚାପ ସ୍ଥିର ରହେ। ତେଣୁ ପ୍ରତ୍ୟେକ ବୟୋଜ୍ୟେଷ୍ଠ ବ୍ୟକ୍ତି ଦିନକୁ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଉଚିତ। ଶୟନକକ୍ଷର ବାତାବରଣ ଶାନ୍ତ ରହିଲେ ଭଲ ନିଦ ହୁଏ।

**ନୀରୋଗ ଜୀବନଯାପନ:** ରୋଗ ମଣିଷର ବଡ଼ ଶତ୍ରୁ। ରୋଗ ହେଲେ ମଣିଷ ମନରୁ ସବୁ ସୁଖ ଦୂରେଇଯାଏ। କୌଣସି କାର୍ଯ୍ୟ କରିବାରେ ସ୍ପୃହା କମିଯାଏ। ଶୋଇ ରହିବାକୁ ଇଚ୍ଛା ହୁଏ, କିନ୍ତୁ ନିଦ ହୁଏ ନାହିଁ। ଶୋଇ ନ ପାରିଲେ ଶରୀର ପୀଡ଼ା ହୁଏ, ଶରୀର ଦୁର୍ବଳ ହୁଏ। ଏଥିପାଇଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଠିକ୍ ଔଷଧ, ଠିକ୍ ଅନୁପାତରେ ଏବଂ ସଠିକ୍ ସମୟରେ ନେବା ଉଚିତ। ରୋଗଠାରୁ ଦୂରେଇ ରହିବା ପାଇଁ ସର୍ବଦା ସ୍ୱାସ୍ଥ୍ୟକର ପରିବେଶକୁ ଆପଣେଇବା ଭଲ।

**ଧନ ଲୋଭ ତ୍ୟାଗ:** ଦୈନନ୍ଦିନ ଜୀବନରେ ଧନର ଆବଶ୍ୟକତା ଯଥେଷ୍ଟ ଅଛି। ପାଖରେ ଧନ ଥିଲେ ସମସ୍ତ ଅଭାବ ଦୂର ହୁଏ ଏବଂ ମନ ପ୍ରଫୁଲ୍ଲ ରହେ। କିନ୍ତୁ ଆବଶ୍ୟକତାଠାରୁ ଅଧିକ ଧନ ମନରେ ଭୟ ସୃଷ୍ଟି କରେ। ଧନ ରୋଜଗାର ପାଇଁ ଅସତ୍ ପଥ ଅବଲମ୍ବନ ନ କରି ସାଧୁତା ରକ୍ଷା କରିବା ଉଚିତ୍। ମାତ୍ରାଧିକ ଧନଲୋଭ ବିଭିନ୍ନ ରୋଗର କାରଣ। ଅଧିକ ଧନ ରୋଜଗାର ପାଇଁ ବ୍ୟସ୍ତ ରହିଲେ ଶରୀର କ୍ଷୀଣ ଏବଂ ଦୁର୍ବଳ ହୁଏ। ଆବଶ୍ୟକତାଠାରୁ ଅଧିକ ଧନ ଥିଲେ ଏହାକୁ ଦୁଃଖୀ ଦରିଦ୍ରଙ୍କୁ ଦାନ ଏବଂ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ଲଗାଇଲେ ଈଶ୍ୱର ଆଶୀର୍ବାଦ କରିବେ ବୋଲି ଭାବିବା ଉଚିତ।

**ପ୍ରକୃତି ସହ ରହିବା:** ପ୍ରକୃତିକୁ ଭରପୂର ଉପଭୋଗ କରିବା ପାଇଁ ଭଗବାନ ସୃଷ୍ଟି କରିଛନ୍ତି। ପାହାଡ଼ ପର୍ବତଘେରା ସବୁଜିମା ସ୍ଥାନ ପରିଭ୍ରମଣରେ ଗଲେ ମନରୁ ସବୁ ପ୍ରକାର ଦୁଃଖ କ୍ଷଣିକ ପାଇଁ ଦୂର ହୋଇଯାଏ। ତେଣୁ ନିଜ ପରିବାର କିମ୍ବା ସମବୟସ୍କ ବନ୍ଧୁଙ୍କ ସହ ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣରେ ଯାଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ। ପ୍ରାକୃତିକ ସୌନ୍ଦର୍ଯ୍ୟ ବ୍ୟତୀତ ନିଜ ରାଜ୍ୟ ତଥା ଦେଶର ଧର୍ମସ୍ଥଳୀଗୁଡ଼ିକ ଭ୍ରମଣରେ ଗଲେ ମନରେ ଧାର୍ମିକ ଭାବନା ସୃଷ୍ଟି ହେବା ସହ ସ୍ୱାସ୍ଥ୍ୟ ଭଲ ରହେ।

**ବର୍ତ୍ତମାନ ସହ ରହିବା:** ମଣିଷ ତା'ର ଜୀବନକାଳରେ ବାଲ୍ୟ ଅବସ୍ଥାଠାରୁ ପ୍ରୌଢ଼ ପର୍ଯ୍ୟନ୍ତ ଅନେକ କିଛି ସୁକର୍ମ ଏବଂ କୁକର୍ମ କରିଥାଏ। ବାର୍ଦ୍ଧକ୍ୟ ସମୟରେ ସେହି ସମସ୍ତ ଘଟଣାବଳୀ ମନେପଡ଼େ। ଏହିସବୁ ଘଟଣା ମନକୁ ବ୍ୟସ୍ତ ଏବଂ ଆନ୍ଦୋଳିତ କରିଥାଏ। ବିଶେଷକରି କୁକର୍ମ ମନରେ ଦୁଃଖ ଦିଏ। ଏହିସବୁ ଘଟଣା ଭାବି ଶରୀର ରୋଗଗ୍ରସ୍ତ ହୁଏ। ଏହାଛଡ଼ା ଅଧିକ ବାର୍ଦ୍ଧକ୍ୟ ବୟସରେ ଭବିଷ୍ୟତରେ କ'ଣ ଘଟିବ କହିହେବ ନାହିଁ। ହୁଏତ ପୁଅ ଝିଅ ଆମ କଥା ବୁଝିବେ କି ନାହିଁ ଭାବନା ଆସେ। ଏହା ଦ୍ୱାରା ଆମେ ରୋଗଗ୍ରସ୍ତ ହେଉ। ତେଣୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଅତୀତ ଏବଂ ଭବିଷ୍ୟତକୁ ସମ୍ପୂର୍ଣ୍ଣ ଭୁଲି ସର୍ବଦା ବର୍ତ୍ତମାନ ସହ ରହିବା ଉଚିତ। ଏହା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଆମେ ନୀରୋଗ ହୋଇ ଦୀର୍ଘଜୀବୀ ହେବା।



## କାଳବୈଶାଖୀର କରାଳ ରୂପ: ରାସ୍ତାରେ ପଡ଼ିଲା ଗଛ, ଭାଙ୍ଗିଲା ଘର



ନନ୍ଦପୁର,୩୦।୩(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ନନ୍ଦପୁର ଓ ଲମତାପୁଟ ବ୍ଲକ ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ଘୂର୍ଣ୍ଣିଝଡ଼ ଓ ପ୍ରବଳ ବର୍ଷା ଯୋଗୁ ୨ ବ୍ଲକ ଅଞ୍ଚଳରେ ଏକାଧିକ ବୃକ୍ଷ ଉପୁଡ଼ି ରାସ୍ତା ଅବରୋଧ ଓ ଘର ଭାଙ୍ଗିବା ଘଟଣା ନଜରକୁ ଆସିଛି। ଘଣ୍ଟାକୁ ପ୍ରାୟ ୫୦ ରୁ ୬୦ କିମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହୋଇଛି। ଯାହାଫଳରେ ନନ୍ଦପୁର ବ୍ଲକର ଜୟପୁର-ବିଶାଖାପାଟଣା ସଂଯୋଗୀ ରାଜ୍ୟ ରାଜପଥର ମସୁରୀ ଗ୍ରାମ ନିକଟ ରାସ୍ତା ଉପରେ ଏକ ବିରାଟ ଚାଖୁଣ୍ଡା ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ନନ୍ଦପୁର ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ତାଙ୍କ ଟିମ୍ ପହଞ୍ଚି ପଡିଥିବା ଗଛକାଟି ରାସ୍ତା ଅବରୋଧ ହଟିଥିଲା। ବ୍ଲକର ବାଡେଲ, ଅତଣ୍ଡା, ବିଲାପୁଟ, ଭେଜା, ବାଲଡ଼ା ଆଦି ପଞ୍ଚାୟତ ଅନ୍ଧାରରେ ଥିବା ସୂଚନା ମିଳିଛି। ଟିପିଏସ୍ଓଡିଏଲ ଯନ୍ତ୍ରୀ ପ୍ରଭୁ ମଲ୍ଲିକ କାଳବୈଶାଖୀକୁ ନଜରରେ ରଖି ଏକାଧିକ ଫିଡରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ପରବର୍ତ୍ତୀ ସମୟରେ କ୍ଷୟକ୍ଷତିର ସୂଚନା ଦିଆଯିବ ବୋଲି କହିଛନ୍ତି। ସେହିଭଳି ଲମତାପୁଟ ବ୍ଲକର ବଡ଼ସଗର ଗାଁରେ ପୁରାତନ ଗଛ ଉପୁଡି ପଡି ଘର ଉପରେ ପଡିଛି। ବର୍ଷା ଓ ପବନ ଯୋଗୁ ଲାମତାପୁଟ ଅଞ୍ଚଳରେ କିଛି ସମୟ ପାଇଁ ରାସ୍ତାରେ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ବର୍ଷା ଛାଡିବା ପରେ ଲମତାପୁଟ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ବଡସଗର ଗାଁରେ ପହଞ୍ଚି ଘର ଉପରେ ପଡ଼ିଥିବା ଗଛଗୁଡିକ କାଟି ସଫା ସଫା କରିଥିବା ଦେଖିବାକୁ ମିଳିଛି । ପରିସ୍ଥିତି ପ୍ରତି ନଜର ରଖାଯାଇଥିବା ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଓ ଲମତାପୁଟ ତହସିଲଦାର ଦିବାକର ବାଗ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ପ୍ରଥମ ବାର୍ଷିକୋତ୍ସବ



ବୈଶିଙ୍ଗା,୩୦।୩ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଜୋନ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ପ୍ରଥମ ବାର୍ଷିକୋତ୍ସବ ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘର ସଭାପତି ମହେଶ୍ୱର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ବେତନଟୀ ଜୋନର ସଭାପତି ଦୈତାରୀ ପରିଡ଼ା-ସମ୍ପାଦକ ନରହରି ମହାନ୍ତ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ସ୍ଥାନୀୟ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଯ୍ୟୁନ ଚନ୍ଦ୍ର ସିଂ, ବେତନଟୀ ଥାନାର ପୋଲିସ ସବ ଇନ୍ସପେକ୍ଟର - ସିଦ୍ଧି ନାଥ ସାହୁ ତଥା ଆଇନ ପରାମର୍ଶ ଦାତା ଆଡଭୋକେଟ ପ୍ରବୀର କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅବସର ଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାସ୍ତରରେ ଏବଂ ବ୍ଲକ ସ୍ତରରେ ସେନା ବାହିନୀର କର୍ମଚାରୀମାନେ ଏବଂ ମୃତ୍ୟୁବରଣ କରିସାରିଥିବା କର୍ମଚାରୀମାନଙ୍କ ପରିବାର ଦେଶ ମାତୃକାର ସେବା କରି ସୁଦ୍ଧା ସେମାନେ ରାଜ୍ୟସରକାରଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହୋଇଆସୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ସଂଘ ଗଠନ ହୋଇ ସୁଦ୍ଧା ଏବଂ ବେତନଟୀ ବ୍ଲକ ସ୍ତରରେ ବେତନଟୀ ଜୋନର କର୍ମଚାରୀମାନଙ୍କୁ ଆଜି ସରକାରୀ ଭାବେ ତଥା ସାମାଜିକ ସ୍ତରରେ ଗୁରୁତ୍ୱ ଦିଆଯାଉ ନଥିବା ଯୋଗୁଁ ସେମାନେ ମାନସିକ ସ୍ତରରେ ଜିଲ୍ଲା ପ୍ରଶାସନକୁ ଦାୟୀ କରିଛନ୍ତି।

## ଶିମିଳିପାଳ ସୁରକ୍ଷା ପାଇଁ ଏକାଠି ହେଲେ ଗ୍ରାମବାସୀ




ବାରିପଦା,୩୦।୩ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟ ବ୍ଲକ ଅଧୀନ ରଙ୍ଗମାଟିଆସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଶିମିଳିପାଳର ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଶିମିଳିପାଳ ପାଦଦେଶରେ ଥିବା ୧୪ଟି ଗ୍ରାମର ୨୫୦ରୁ ଅଧିକ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଏକାଠି ହୋଇଥିଲେ। ପରିବେଶ ପ୍ରହରୀ, ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡର ଉପ-ନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ପ୍ରହରୀ, ସ୍ୱାଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ତଥା ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିଡିହା ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, କଳାପଥରା ସରପଞ୍ଚ ଶ୍ୟାମ ଚରଣ ସିଂ, ଭାଲୁକି ସରପଞ୍ଚ ପଦ୍ମାବତୀ ହାଁସଦା, ଆଇନଜୀବୀ ପଦ୍ମଲୋଚନ ମହାନ୍ତ, ସାମାଜିକ କର୍ମୀ ବିଲକାନ ପ୍ରଭୁଦୟାଲ ନାଗ, ପିଠାବଟା ରେଞ୍ଜ ଅଫିସର ଜିତେନ କୀସ୍କୁ, ସ୍ୱାଡାର ଚୈତନ୍ୟ ପ୍ରସାଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ଧାନ ସଂଗ୍ରହ କଷ୍ଟକୁ ଦିନେ, ଜିଦ୍‌ରେ ଅଟଳ ଚାଷୀ



ବାହାନଗା/ତିହିଡ଼ି/ ଭଣ୍ଡାରିପୋଖରୀ,୩୦।୩ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଖନ୍ତାପଡ଼ାଠାରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଛି। ଟୋକନ ପାଇ ମଣ୍ଡିରେ ଧାନ ବିକି ନ ପାରି ପ୍ରତିବାଦ ସ୍ୱରୂପ ରବିବାର ଶତାଧିକ ଚାଷୀ ୧୬ନଂ. ଜାତୀୟ ରାଜପଥ ୨ ଘଣ୍ଟା ଧରି ଅବରୋଧ କରିଥିଲେ। ଖନ୍ତାପଡ଼ା ସମିତି ସଭାପତି ଦିଲ୍ଲୀପ ଦାସ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ କଥା ହୋଇ ୨୪ ଘଣ୍ଟା ମଧ୍ୟରେ ଧାନ କିଣା ହେବ ଓ ଯେଉଁ ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବ ସେମାନଙ୍କୁ ଆଉଥରେ ଟୋକନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ଅନୁଯାୟୀ, ଖନ୍ତାପଡ଼ା ସମିତିକୁ ଖରିଫ ଧାନ କିଣିବାପାଇଁ ସରକାର ୪୦ ହଜାର କୁଇଣ୍ଟାଲ ଟାର୍ଗେଟର ଟୋକନ ଦେଇଥିଲେ। ସେଥିମଧ୍ୟରୁ ୩୦ ହଜାର କୁଇଣ୍ଟାଲ ଧାନ କିଣା ସରିଛି। ଆଉ ସାଢେ ୬ ହଜାର କୁଇଣ୍ଟାଲ ଧାନ କିଣି ସମିତି ଗୋଦାମରେ ଗଛିତ ରଖିଥିଲେ ମଧ୍ୟ ତାହାକୁ କୌଣସି ମିଲର ନେଉନାହାନ୍ତି। ୨ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ଘରେ ପଡ଼ିରହିଥିଲେ ମଧ୍ୟ ଆଉ ଧାନ କିଣା ହେଉନି। ଅନ୍ୟପଟେ କେତେଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲାଣି। ଏହାର ପ୍ରତିବାଦରେ ଖନ୍ତାପଡ଼ା ସେବା ସମବାୟ ସମିତି ଅଧୀନରେ ଥିବା ଚକଜଗନ୍ନାଥପୁର, କଷପାଜୟପୁର, ଖନ୍ତାପଡ଼ା ଆଦି ୩ଟି ପଞ୍ଚାୟତର ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ତୁରନ୍ତ ସରକାର ଚାଷୀଙ୍କ ଧାନ କିଣନ୍ତୁ ଓ ଲାପ୍ସ ଟୋକନ ଫେରସ୍ତ କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ଆନ୍ଦୋଳନସ୍ଥଳରେ ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲା।

**ବାସୁଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବଡ଼ ଧରଣର ଜାଲିଆତି ଅଭିଯୋଗ**

# ଜାଲ୍ ଦସ୍ତଖତ ଓ ମିଥ୍ୟା ସତ୍ୟପାଠରେ ଅର୍ଥ ହଡ଼ପ



ବାଲିକୁଦା,୩୦।୩(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଜାଲ କାଗଜ ପତ୍ର ମାଧ୍ୟମରେ ପଦବୀ ଅନୁମୋଦନ ଓ ଦରମା ଉଠାଣ କରିଛନ୍ତି ବାସୁଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ। ମିଥ୍ୟା ରେକର୍ଡ ମିଥ୍ୟା ସତ୍ୟପାଠ ରେ ପ୍ରକୃତ ସରକାରୀ ଅର୍ଥ ଉଠାଣ କରିଥିବାରୁ ସମସ୍ତ ଙ୍କ ଠାରୁ ସରକାରୀ ଅର୍ଥ ରିକଭରୀ କରାଯିବା ସଙ୍ଗେସଙ୍ଗେ ପବ୍ଲିକ ଡିମାଣ୍ଡ ଆଇନି ଅନୁସାରେ ଦୋଷୀ ଙ୍କ ଠାରୁ ଅର୍ଥ ଆଦାୟ କରି ଦଣ୍ଡ ବିଧାନ କରାଯିବାକୁ ଅଭିଯୋଗ ହେଉଛି। କଲେଜ ହେଲା ବେଳେ ସାତ ଏକର ଜମି ଦର୍ଶାଇ ଥିଲେ. ଏବେ ଜିଲ୍ଲାପାଳ ଙ୍କୁ ତିନି ଏକର ମଗାଯାଇଛି ତେବେ ଅନେକ ବୁଦ୍ଧିଜୀବି ଅଭିଯୋଗକାରୀ ବାଳକୃଷ୍ଣ ପାତ୍ର ଙ୍କ ମତାମତ ଅନୁଯାଇ ଉକ୍ତ କଲେଜ ଯେଉଁ ଜାଗାରେ ହେଇଛି ତାହା କଲେଜ ର ନିଜସ୍ୱ ଜାଗା ନୁହେଁ। ବର୍ତ୍ତମାନର କଲେଜ ଅଧକ୍ଷ ଉପେନ୍ଦ୍ରନାଥ ପରିଡା (ଅଧ୍ୟକ୍ଷପକ -ରାଜନୀତି ବିଜ୍ଞାନ) ଅସ୍ତରଙ୍ଗ ଏବଂ ତକ୍ଷଳଗାଁ ଦୁଇଟି କଲେଜ ରୁ ଦରମା ହାତେଇଛନ୍ତି.ମିଳିଥିବା ସୂଚନା ଅନୁଯାଇ ଶ୍ରୀ ପରିଡା ୧୯୯୫ ମସିହା ରେ ଆଞ୍ଚଳିକ କଲେଜ ଛାଡି ଅସ୍ତରଙ୍ଗ କଲେଜରେ ନିଯୁକ୍ତି ଯୋଗଦାନ, ଉପସ୍ଥାନ, ଆକାଉଣ୍ଟ ଅନୁସାରେ ସେ ୧୯୯୫ଠାରୁ ୧୯୯୭ ପର୍ଯ୍ୟନ୍ତ ଅସ୍ତରଙ୍ଗ କଲେଜରେ ରହି ସେଠୁ ରିଜାଇନ ନକରି ବାସୁଦେବ ସ୍ମାରକୀ କଲେଜ ରେ ରହିଲେ କିପରି. ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାହା ଜଗତସିଂହପୁର ଉପଜିଲ୍ଲାପାଳ ଙ୍କ ରିପୋର୍ଟ ରେ ଲିପିବଦ୍ଧ ହୋଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ଶୁଣାଣି କରାଯାଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କୁ ପଠା ଯାଇଛି। ଏକ ସମୟରେ ଦୁଇଟି କଲେଜ ରେ ରହିଲେ କିପରି? ଖାଲି ସେତିକି ନୁହେଁ ଏଥିରୁ ରକ୍ଷା ପାଇବା ପାଇଁ ୨୦୨୪ ମସିହାରେ ୪୭୨୫୯୫୧ର ଏକ ବ୍ୟାଙ୍କ ଡ୍ରାଫ୍ଟ ରେ ପଠାଇଛନ୍ତି କିନ୍ତୁ ଏହାବି ଜାଲ ପ୍ରମାଣିତ ହେଇଛି. କାରଣ ୧୯୯୫ ରେ ଅସ୍ତରଙ୍ଗ ରେ ଜଏନ କଲା ପରେ ରାଜନୀତି ବିଜ୍ଞାନ ପ୍ରଥମ ଶିକ୍ଷକ ଭାବେ ବାସୁଦେବ ବିଦ୍ୟକ୍ଷଳୟ ମାର୍କଣ୍ଡ ସେଠି ଙ୍କ ନାମ ସି. ଏଚ. ଇ ର ଗ୍ରେଡେସନ ଲିଷ୍ଟ ରୁ ସୂଚନା ମିଳିଛି। ୨୦୦୧ ପ୍ରଥମ ରେକଗନେସନ ଷ୍ଟାପ ଲିଷ୍ଟ ରେ ଉପେନ୍ଦ୍ର ନାଥ ଙ୍କ ନାମ ନାହିଁ. ସେହି ମାର୍କଣ୍ଡ ସେଠୀଙ୍କ ନାମ ଅଛି. କିନ୍ତୁ ଉପେନ୍ଦ୍ର ବର୍ତ୍ତମାନ ର ରିଜଲେସନ ରେ ଉଲେଖି କରିଛନ୍ତି ଜେ ସେ ଏକ ମାତ୍ର ରାଜନୀତି ଅଧ୍ୟକ୍ଷପକ ଥିଲେ। ନିଜ ନୋଟସିଟିରେ ଲେଖିଛନ୍ତି. ମୁଁ ମାର୍କଣ୍ଡ ସେଠିଙ୍କୁ ଜାଣେନା। ତାହା ହେଲେ ସି. ଏଚ. ଇ ଗ୍ରେଡେସନ ଲିଷ୍ଟ କାଉନସିଲ ଦେଲା କିପରି? ବର୍ତମାନ ଅଧକ୍ଷ୍ୟ ପୂର୍ବ ରିଜଲେସନ କୁ କରକ୍ଷୟତ କରି ନୂତନ କାଗଜ ପତ୍ର ପ୍ରସ୍ତୁତ କରି ମିଥ୍ୟା ସତ୍ୟପାଠ ଦେଇ ନିଜ ଦରମା ସହିତ ଅନ୍ୟ ଷ୍ଟାପ ମାନଙ୍କ ଦରମା ହାତେଇଛନ୍ତି।

## ୱାର୍ଡେନ ହତ୍ୟା ମାମଲାରେ: ପୁଲିସକୁ ସଫଳତା




ବୈଶିଙ୍ଗା,୩୦।୩ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅଧୀନ କଳମା ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ୱାର୍ଡେନ୍ ହତ୍ୟା ଘଟଣାର ଆଠ ଦିନ ପରେ ଦୁର୍ବୃତ୍ତ ମାନଙ୍କୁ ଧରିବାରେ ସଫଳ ହୋଇଛି ବୈଶିଙ୍ଗା ପୁଲିସ। ପ୍ରେମ ବ୍ୟାପାର କୁ ନେଇ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ବୋଲି ରବିବାର ଅନୁଷ୍ଠିତ ପ୍ରେସ ମିଟ୍ ରେ ପୁଲିସ ପ୍ରକାଶ କରିଛି। ମାର୍ଚ୍ଚ ୨୦ ତାରିଖ ରାତି ୯.୧୫ରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷୟତ୍ରୀ କାଦମ୍ବିନୀ ରାଉତ ଙ୍କୁ ୱାର୍ଡେନ୍ ସନ୍ୟାସୀ ନିଜ ବାଇକରେ କଳମା ବଜାର ସ୍ଥିତ ଡା. ବିଜୟ ରାଉତ ଙ୍କ କ୍ଲିନିକ୍ କୁ ନେଇ ଯାଉଥିବା ବେଳେ ଦୃବୃର୍ତ୍ତ ଙ୍କ ଆକ୍ରମଣ ର ଶୀକାର ହୋଇ ସନ୍ୟାସୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଆହତ ଶିକ୍ଷୟତ୍ରୀ ବାଲେଶ୍ୱରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଆଠ ଦିନ ପରେ ଚାନ୍ଦିପୁର ବେ ରହୁଥିବାର ସନ୍ଧାନ ପାଇ ବୈଶିଙ୍ଗା ପୁଲିସ ଦୁଇ ଜଣ ହତ୍ୟାକାରୀ ଙ୍କୁ ଧରି ଥାନାକୁ ଆଣିବା ପରେ ସିନ୍ ରିକ୍ରିଏସନ କରିଥିଲେ। ଏହି ଘଟଣାକୁ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରେସ ମିଟ୍ ଆଜି ରବିବାର ଦିନ ବୈଶିଙ୍ଗା ଥାନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଆଇ ଆଇ ସି ବାରିଣି ଦାସ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ଦୁଇ ଜଣ ହତ୍ୟାକାରୀ ହେଲେ ଶିକ୍ଷାକେନ୍ଦ୍ର ନିକଟସ୍ଥ କଲୋନୀ ସାହି ର ରତିକାନ୍ତ ଜେନା ଙ୍କ ଦୁଇ ପୁଅ ଶୁକଦେବ / ବାପୁନ(୨୧) ଓ ସାନ ପୁଅ ସନ୍ୟାସୀ/ସୋନି (୧୯) ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାକୁ ନେଇ ମୃତ ୱାର୍ଡେନ ସନ୍ୟାସୀ ର ଶାଳକ ଜୀତେନ୍ଦ୍ର ନାଥ ଙ୍କ ଅଭିଯୋଗ ମୂଳେ ବୈଶିଙ୍ଗା ପୁଲିସ ୧୪୧/୨୬ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ହତ୍ୟା ମାମଲାରେ ଅଧିକ ଅଭିଯୁକ୍ତ ଙ୍କ ସଂପୃକ୍ତି ଥିବା ର ଆଶା କରାଯାଉଛି। ପୁଲିସ ଏ ଦିଗରେ ତଦନ୍ତ ଜାରି ରଖିଛି।

## ହେମସାଗର ପଦ୍ମପୁର ନୂତନ ଉପଜିଲ୍ଲାପାଳ



ପଦ୍ମପୁର,୩୦।୩ (ସଂଚାର ବ୍ୟୁରୋ): ପଦ୍ମପୁର ଉପଖଣ୍ଡରେ ନୂତନ ଉପଜିଲାପାଳ ଭାବେ ହେମସାଗର ଭୋଇଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗରେ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବ କାର୍ଯ୍ୟରତ ଉପଜିଲାପାଳ ସ୍ନେହା ଅରଗୁଲାଙ୍କୁ ପୁରୀ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ହେମସାଗର ଭୋଇ ୨୦୧୧ବ୍ୟାଚ୍ର ଓଏଏସ। ସେ ଏହା ପୂର୍ବରୁ କୁଚିଣ୍ଡା ଆଇଟିଡିଏର ପ୍ରୋଜେକ୍ଟ ଆଡିମିନି ଷ୍ଟେଟର୍ ଥିଲେ । ତା ପୂର୍ବରୁ ସେ କଳାହାଣ୍ଡି ଜିଲାର କଳମ ପୁର, ସୋନପୁର ଜିଲାର ଉଲୁଣ୍ଡା, ଝାରସୁଗୁଡା ଜିଲା ଲଖନପୁର ତହସିଲଦାର ଭାବେ ଦକ୍ଷତାର ସହିତ କାର୍ଯ୍ୟନିର୍ବାହ କରିଥିଲେ ।

## ଗାଡ଼ି ଛାଡ଼ି ପଳାଇଲା ଛେଳିଚୋର



ଉଦଳା,୩୦।୩(ସଂଚାର ବ୍ୟୁରୋ): ଦାମିକା ଗାଡ଼ିରେ ଛେଳି ଚୋରି । ଦାମିକା ପଲସର ବାଇକରେ ଆସୁଥିଲେ। ଆଉ ଗାଁ ଗହଳିରେ ବୁଲୁଥିବା ଛେଳି ଚୋରି କରି ନେଇ ଚାଲିଯାଉଥିଲେ । କିଛିଦିନ ଧରି ଚାଲିଥିଲା ଏପରି ଚୋରି ଅଭିଯାନ । ଆଜି ଛେଳି ଚୋରି କରିବା ବେଳେ ଗ୍ରାମବାସୀ ଦେଖିବାରୁ ଗାଡି ଛାଡି ଖସି ଯାଇଛନ୍ତି ଚୋର। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଭୁରୁଡୁବଣି ଗାଁରେ ଘଟିଛି ଏପରି ଅଘଟଣ । ୩ ଜଣ ଚୋର ଏକ ପଲସର ବାଇକରେ ଆସି ଭୁରୁଡୁବଣି ଗାଁ ଭିତରେ ବୁଲୁଥିବା ଏକ ଛେଳିକୁ ବାଇକରେ ବାନ୍ଧି ଚୋରି କରି ନେଉଥିଲେ। ଏହି ସମୟରେ ଗ୍ରାମବାସୀ ଦେଖିପାରି ପାଟି କରିବାରୁ ଚୋରମାନେ ଗାଡି ଛାଡି ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଲସର ବାଇକକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ମଧ୍ୟ ଏହିପରି ଗ୍ରାମରୁ ଅନେକ ବାର ଛେଳି ଚୋରି ହୋଇଥିବା କହିଛନ୍ତି ଗ୍ରାମବାସୀ ।

## ଯୁବ-ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ



ନର୍ଲା,୩୦।୩(ସଂଚାର ବ୍ୟୁରୋ): ବାଚସ୍ପତିଙ୍କ ବିନା କ୍ଲିୟରାନ୍ସରେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପୋଲିସ ଚଢ଼ାଉ ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ଏହାକୁ ନେଇ ସୋମବାର ନର୍ଲାଠାରେ ଯୁବ-ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନର୍ଲା ବ୍ଲକ ଅଧ୍ୟକ୍ଷ ତଥା ବିଧାୟିକାଙ୍କ ସ୍ୱାମୀ ଦୁର୍ଗାପ୍ରସାଦ ମହାନ୍ତି ଜାନୁଆରୀ ମାସରେ ଫୋନ ମାଧ୍ୟମରେ ତହସିଲଦାରଙ୍କ ସହ କଥାବାର୍ତ୍ତା କରିଥିବା ବାବଦରେ କଣ ପାଇଁ ରାଜ୍ୟସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଏତଲା ଦିଆଗଲା ବୋଲି ବିଜେଡ଼ି ପ୍ରଶ୍ନ କରିଛି। ଶାସକ ଦଳର ଶତଚେଷ୍ଟା ସତ୍ତ୍ୱେ ନର୍ଲା ବିଧାୟିକା ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିନଥିଲେ। ତେଣୁ ରାଜନୈତିକ ଉଦ୍ଦେଶ୍ୟ ରଖି ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଛବିକୁ ମଳିନ କରିବାର ପ୍ରୟାସ ଚାଲିଛି ବୋଲି ଯୁବ, ଛାତ୍ର ଓ ମହିଳା ବିଜେଡି କାର୍ଯ୍ୟକର୍ତ୍ତାମାନେ ମତ ପ୍ରକାଶ କରିଛନ୍ତି। ଏଥିରେ ନର୍ଲା ଛାତ୍ର ବିଜେଡିର ସଭାପତି ଘାସିରାମ ସାହୁ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସବିତା ପଧାନ, ନର୍ଲା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ପଧାନ, ମ.ରାମପୁର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତୁଳସୀ ବିଶି, କର୍ଲାମୁଣ୍ଡାର ମନ୍ଦିରା ନାଏକ, ଭବାନୀପାଟଣା ମହିଳା ମୋର୍ଚ୍ଚାର ସଦସ୍ୟା ମମତା ଦାସ, ସୁତପାଙ୍କ ସମେତ ଅନେକ ମହିଳା କାଉନସିଲର ଉପସ୍ଥିତ ଥିଲେ।

## ଅଚଳ ଅବସ୍ଥାରେ ପଡ଼ିରହିଛି ଷ୍ଟ୍ରିଟ ଲାଇଟ୍



କନ୍ଧମାଳ,୩୦।୩(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବିଜ୍ଞାପିତଅଞ୍ଚଳ ପରିସରରେ ଥିବା ସାତ ନମ୍ବର୍ ୱାର୍ଡର ବନବାସୀ ଉପର ରାଙ୍ଗାସୁଗା ସାହିର ରାସ୍ତା କଡ଼ରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ପାଖାପାଖି ଗୋଟିଏ ମାସ ବିତିଗଲା ଅଚଳ ଅବସ୍ଥାରେ ପଡ଼ି ରହିଛି । ଗୋଟିଏ ଲାଇନ୍ ରେ ଥିବା ଲାଇଟ୍ ଗୁଡ଼ିକ ମଧ୍ୟରୁ ଗୋଟିଏ ବି ଲାଇଟ୍ ଜଳୁନଥିବାରୁ ଜନସାଧାରଣ ରାତିରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏପଟେ ଜଙ୍ଗଲ ପାଖରେ ଥିବାରୁ ସମସ୍ତେ ରାତି ହେଲେ ଘରୁ ବାହାରି ବାକୁ ଭୟ କରୁଛନ୍ତି । ଏଣୁ ଅଚଳ ଅବସ୍ଥାରେ ପଡ଼ି ରହିଥିବା ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ତୁରନ୍ତ ମରାମତି କରିବା ପାଇଁ ଦାବି କରିଛନ୍ତି ।

## ଗ୍ୟାସ୍ କଳାବଜାର ହେଉଥିବା ଆଶଙ୍କାରେ ପ୍ରତିବାଦ ରାସ୍ତାକୁ ଓହ୍ଲାଇଲେ ଉପଭୋକ୍ତା



କେନ୍ଦୁଝର,୩୦।୩ (ସଂଚାର ବ୍ୟୁରୋ): ରୋଷେଇ ଗ୍ୟାସ ବିତରଣ ସମସ୍ୟା ପ୍ରତିବାଦରେ ସୋମବାର ଗ୍ୟାସ୍ ଆଣିବାକୁ ଯାଇଥିବା ଉପଭାକ୍ତା ସିଲିଣ୍ଡର ଧରି ପ୍ରତିବାଦ କରିବା ସହ କେନ୍ଦୁଝର-ଶଙ୍କରପୁର-ବେଲଦା ରାସ୍ତା ଅବରୋଧ କରିଛନ୍ତି। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଗ୍ୟାସ ଗୋଦାମରେ ତାଲା ପଡ଼ିଥିବା ବେଳେ କର୍ମଚାରୀ ଆସିବାରେ ବିଳମ୍ବ, ଦୀର୍ଘ ବହୁ ସମୟ ଧରି ଅପେକ୍ଷା କରିବା ସହ ଦୀର୍ଘ ଦିନ ଧରି ଗ୍ୟାସ ମିଳୁ ନ ଥିବାରୁ କଳାବଜାର ହେଉଥିବା ଆଶଙ୍କା କରି ପ୍ରତିବାଦ କରିଛନ୍ତି। ଘରକୁ ଗ୍ୟାସ୍ ଯୋଗାଣ କରାଯାଉ ନ ଥିବାରୁ ବହୁ ବରିଷ୍ଠ ନାଗରିକ, ମହିଳାମାନେ ଦୀର୍ଘ ୮ କିମି ଯାଇ ଆଣିବାକୁ ପଡୁଥିବାରୁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ସରକାର ଗ୍ୟାସ ଅଭାବ ନ ଥିବା କହୁଥିବା ବେଳେ କେନ୍ଦୁଝରରେ ଦୀର୍ଘ ମାସ ହେଲା ଉପଭୋକ୍ତା ଅସନ୍ତୋଷ ଲାଗି ରହିଥିବା ବେଳେ ପୁଞ୍ଜିଭୂତ ଅସନ୍ତୋଷ ଅନେକ ସମୟରେ ଉଗ୍ରରୂପ ଧାରଣ କରି ରାସ୍ତା ଅବରୋଧ କରିବାକୁ ବାଧ୍ୟ ହେଉଛନ୍ତି। ଏହାର ସମାଧାନ ନ ହେଲେ ଗ୍ୟାସ ଧରି ଜିଲାପାଳଙ୍କ ଅଫିସ ଆଗରେ ପ୍ରଦର୍ଶନ କରିବେ ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି।

## କୃଷି ସେବା ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା



ତିର୍ତ୍ତୋଲ,୩୦।୩ (ସଂଚାର ବ୍ୟୁରୋ): ଜଗନ୍ନାଥପୁର ସେବା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ ରେ ବସିଛନ୍ତି। ଏ ପର୍ଯ୍ୟନ୍ତ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଚାଷୀମାନଙ୍କ ପାଖାପାଖି ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଚାଷୀମାନଙ୍କ ର ଉଠିନଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାର୍ଚ୍ଚ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ସେମାନଙ୍କ ଟୁକନ ଥାଇ ଆଜି ଚାଷୀମାନେ ଆନ୍ଦୋଳନ ବସିଛନ୍ତି। ଘଟଣା ର ତଦନ୍ତ ସମାଧାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ଘଟଣା ସ୍ଥଳରେ ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରାଙ୍କ ସମେତ ଥାନା ଅଧିକାରୀ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି। ବର୍ତ୍ତମାନ ପ୍ରଥମ ଥର ପାଇଁ ଟୁକନ ଯାଇଁ ଯେଉଁ ଚାଷୀମାନେ ଧାନ ଦେଇ ନାହାଁନ୍ତି ସେମାନଙ୍କ ଧାନ ଆଗ ମଣ୍ଡିରୁ ଉଠିବା ଏହାପରେ ଦିତୀୟ ଥର ପାଇଁ ଯେଉଁ ଚାଷୀମାନଙ୍କର ଟୁକନ ଅଛି ସେମାନଙ୍କ ଧାନ ମଣ୍ଡିରୁ ଉଠିବାପ୍ରାୟ ୪ ହଜାର ରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ୧୭ ହଜାର କୁଇଣ୍ଟାଲ ଧାନ ଉଠେଇବା ପାଇଁ ସରକାର ଜଗନ୍ନାଥପୁର ସେବା ସମବାୟ ସମିତି କୁ ଟାର୍ଗେଟ ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଟାର୍ଗେଟ ଆସିଲେ ବଳକା ଚାଷୀମାନଙ୍କ ଧାନ ଉଠିବ ବୋଲି ସେବା ସମବାୟ ସମିତି ର ସମ୍ପାଦକ କହିଛନ୍ତି। ସେପଟେ ଏ ସମ୍ପର୍କରେ ଚିଷୀମାନଙ୍କ ସହିତ ତହସିଲଦାର ଆଲୋଚନା କରିବାପରେ ଚାଷିମାନେ ଧାରଣାରୁ ଉଠିଛନ୍ତି। ଏବେ ଦେଖିବାକୁ ବାକି ରହିଲା ଚାଷୀମାନଙ୍କ ସମସ୍ୟା କେତେଦୂର ସମାଧାନ ହେଉଛି।

## ଘରୋଇ କଳିକୁ ନେଇ ଯୁବକଙ୍କ ଆତ୍ମହତ୍ୟା

ଫୁଲବାଣୀ,୩୦।୩(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଅଧୀନରେ ଥିବା ନାହାଣାଗାଁ ରେ ଘରୋଇ କଳହ କୁ କେନ୍ଦ୍ର କରି ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି ମୃତ ଯୁବକ ଙ୍କ ନା ରାଜୀବ ଦିଗାଲ ୪୫ ବର୍ଷ ବୋଲି ଜଣାପଡ଼ିଥିବା ବେଳେ ସେ ଦୁଇଜଣ ମହିଳା ଙ୍କୁ ବିଭାହ କରିଥିଲେ ସୂଚନା ଅନୁସାରେ ଦୀର୍ଘ ଦିନ ହେଲା ଯୁବକଙ୍କ ସହ ତାଙ୍କର ପ୍ରଥମ ସ୍ତ୍ରୀ ଓ ଦ୍ୱିତୀୟ ସ୍ତ୍ରୀ ଙ୍କ ମଧ୍ୟରେ ଘରୋଇ କଳହ ଲାଗିରହିଥିଲା ଗତ କିଛିଦିନ ତଳେ ତାଙ୍କର ପ୍ରଥମ ସ୍ତ୍ରୀ ଫିରିଙ୍ଗିଆ ଥାନାରେ ତାଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିବା ବେଳେ ପୋଲିସ ତାଙ୍କୁ ଥାନାକୁ ଡାକି ପଚାରାଉଚୁରା କରାଯାଉଛି ଦେଇଥିଲା ଶନିବାର ସେ ଥାନାରୁ ଘର କୁ ଯାଇ ଦ୍ୱିତୀୟ ସ୍ତ୍ରୀ ପାଖରେ ରହିଥିଲେ ପରେ ବିଳମ୍ବିତ ରାତିରେ ଘରର ସମସ୍ତେ ଶୋଇସାରିବା ପରେ ନିଜ ଘରେ ବେକରେ ରଶି ଲଗେଇ ଆତ୍ମ ହତ୍ୟା କରି ଦେଇଥିଲେ ସକାଳୁ ପରିବାର ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ମୁରଲୀଧର ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏଏସଏଇ କୃଷ୍ଣଚନ୍ଦ୍ର ଗୌଡ଼ ଓ ଏସଏଇ ଦିବ୍ୟଲୋଚନ ସାମଲ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

## ଝିଣ୍ଟି ଶାସନରେ ପଲ୍ଲୀରେ ପ୍ରଶାସନ



ବାଲିଅନ୍ତା,୩୦।୩ (ସଂଚାର ବ୍ୟୁରୋ): ଝିଣ୍ଟିଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାକକ୍ଷରେ ଆଜି " ପଲ୍ଲୀରେ ପ୍ରଶାସନ" ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣିରେ ବାଲିଅନ୍ତା ବିଡ଼ିଓ ରଶ୍ମିତା ନାଥ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଝିଣ୍ଟି ଶାସନ ଗ୍ରାମ ପଞ୍ଚାୟତ ସରପଞ୍ଚ ସରପଞ୍ଚ ଅଜିତ କୁମାର ପାତ୍ର, ବ୍ଲକର ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୨୩ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୧ ଗୋଟି, ରାସନ କାର୍ଡ ସମ୍ବନ୍ଧୀୟ ୧ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧୧ ଗୋଟି ଅଭିଯୋଗ ହସ୍ତଗତ ହୋଇଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ଦୁର୍ନୀତି ଅଭିଯୋଗ




ଜଗତସିଂହପୁର,୩୦।୩ (ସଂଚାର ବ୍ୟୁରୋ): ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧିନସ୍ତ ଜଗନ୍ନାଥପୂର (ନୂତନ) ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ରେ ମହା ଦୃନିତି ହୋଇଥିବା ଅଭିଯୋଗ ହୋଇଛି। ନରୁଆ ଛକରେ ନିର୍ମିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଟି ବିଜେଡି ସରକାର ସମୟରେ ବିଧାୟକ ବିଜୟ ଶଙ୍କର ଦାସଙ୍କ ଚିଠିରେ ତତ୍କାଳୀନ ସ୍ୱାସ୍ଥ୍ୟ ସଚିବ ଓ ନିର୍ଦ୍ଦେଶକ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ହୋଇଥିଲା। କିନ୍ତୁ କେନ୍ଦ୍ର ସରକାର ଙ୍କ ଅନୁଦାନରେ ନିର୍ମିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର କୁ କରୁଥିବା ଜନୈକ ଠିକାଦାର ଓ ଯନ୍ତ୍ରୀ ଙ୍କ ମଧୁ ଚନ୍ଦ୍ରିକାରେ ସରକାରଙ୍କ ଲକ୍ଷ୍ୟ ଲକ୍ଷ ଟଙ୍କା ଏବେ ଚଲୁ ହେବାକୁ ବସିଛି। କେବଳ ସେତିକି ନୁହେଁ ଏହି କାମରେ ଯନ୍ତ୍ରୀ କେବେ ଦିନେହେଲେ କାମ ଦେଖିବାକୁ ଆସିନଥିବା ବେଳେ ମୋଟା ଅଙ୍କର ପିଶି ନେଇ ଚୁପ୍ ବସିଥିବା ବେଳେ ଠିକାଦାର ପଠାଉଥିବା ଘରର ଫଟୋ ରେ ରାଜଧାନୀ ରେ ବସି ବିଲ୍ କରାଯାଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ମେଡିକାଲ୍ ରୁ ଏତେ ତଳକୁ ଘର ହୋଇଛି ଯେ ଅସରାଏ ବର୍ଷା ହେଲେ ଅଧା ମେଡିକାଲ୍ ବୁଡିଯିବାର ସମ୍ଭାବନା ରହିଛି। ସେହିପରି ମେଡିକାଲ୍ ର ଷ୍ଟୋର ରୁମ୍ ରେ ସିମେଣ୍ଟ ରଖି କାମ କରୁଛି ଜନୈକ ଠିକାଦାର ଜଣକ। ସଧାରଣ ଲୋକେ ପଚାରିବାରୁ ମେଡିକାଲ୍ ଅଫିସର୍ ଙ୍କ ଠାରୁ ପରିମିସନ୍ ଆଣିଛନ୍ତି ବୋଲି ଠିକାଦାର ସେଠିକାର ଶିକ୍ଟି କହିଛନ୍ତି। ଏଠିକାର ଗାଡ଼ ଠିକାଦାର ଙ୍କ ପାଇଁ ଚାମଚା ପାଳଟିଛି। ସେହିପରି ସ୍ଥାନୀୟ ଲୋକ ଙ୍କ ଅଭିଯୋଗ ମୁତାବକ ଏହି ଘରଟି ହୋଇଥିବା କାର୍ଯ୍ୟ ରଡ ଗୋଡ଼ି ଓ ସିମେଣ୍ଟ ର ଭାଗ ମାପ କମ ହୋଇଥିବାରୁ ଘର ର ଆୟୁଷ କୁ ନେଇ ପ୍ରଶ୍ନବଚୀ ସୃଷ୍ଟି କରିଛି। କାମ ଚାଲିଥିବା ବେଳେ ଠିକାଦାର ଫାଇନାଲ ବିଲ୍ ଆପ୍ଲାୟ କରିବାକୁ ନେଇ କୌତୁହଳ ପ୍ରକାଶ ପାଇଛି। ଏହାକୁ ନେଇ ନୂତନ ଘର କୁ ଲୋକେ ଚାବି ପକାଇଥିବା ବେଳେ, ଶୁଣିବା ମୁତାବକ କାଳେ ଡାକ୍ତର ଙ୍କୁ କାମ ସାରି ଚାବି ଜିମା ଦେଇଛି। ଏହା ଶୁଣିବା ପରେ ଲୋକେ ଚାବି ଫିଟାଇ ଥିଲେ। ଅସରାଏ ବର୍ଷା ହେଲେ ନୂତନ ଗୃହ ଭିତରକୁ ଯିବା ସମ୍ଭବ ହେବନାହିଁ। ଏହି ବାବଦରେ ସ୍ଥାନୀୟ ଲୋକେ ଏଭଳି କାମକୁ ଦୃଷ୍ଟିରେ ଜିଲ୍ଲା ପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠ ଓ ରାଜ୍ୟ କୌଲିଟୀ କଣ୍ଟ୍ରୋଲ ବୋଡ ର ଉପରିସ୍ତ ଅଧିକାରୀ ଙ୍କୁ ଜଣାଇବେ ବୋଲି ଜଣା ପଡ଼ିଛି।